MAY 23, 2026
SATURDAY, BHUBANESWAR

ମେ ୨୩, ୨୦୨୬
ଶନିବାର, ଭୁବନେଶ୍ୱର

ଅକ୍ଷର
AKHYARA ODISHA | ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 260 ବର୍ଷ- ୧ ● ସଂଖ୍ୟା- ୨୬୦ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ରାଜ୍ୟରେ ଉଚ୍ଚଶିକ୍ଷାର ନୂଆ ଅଧ୍ୟାୟ

## ଇଣ୍ଟର୍ନସିପ୍ ବଢ଼ାଇବ ଦକ୍ଷତା, ଖୋଲିବ ନିଯୁକ୍ତି ଓ ଉଦ୍ୟମିତାର ନୂଆ ବାଟ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱ,୨୨।୫: ୨୦୨୫-୨୬ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଏବଂ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଗାଇଡ୍‌ଲାଇନ ଅନୁଯାୟୀ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଚତୁର୍ଥ ସେମିଷ୍ଟାରରେ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯିବାର ପ୍ରାବଧାନ ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ତତ୍ତ୍ୱାବଧାନରେ ଶିକ୍ଷା ବର୍ଷ ୨୦୨୫-୨୬ରେ ପ୍ରାୟ ୧ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସରେ ନିୟୋଜିତ କରାଯାଇଛି। ଏହି ଇଣ୍ଟର୍ନସିପ୍‌ର ସମୟସୀମା ୬ ସପ୍ତାହ ରହିଛି।



ଇଣ୍ଟର୍ନସିପ୍‌ରେ ଛାତ୍ରଛାତ୍ରୀମାନଙ୍କୁ ମେଣ୍ଟରସିପ୍ ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି, ପଞ୍ଚାୟତସମିତି କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ବିତ୍ତୀୟ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଓ ଏନଜିଓ ମାନଙ୍କରେ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରାଯାଇଛି।

ଇଣ୍ଟର୍ନସିପ୍ ପାଇଁ ସତନ୍ତ୍ର ☞ପୃଷ୍ଠା-୨

- ୧.୧୮ ଲକ୍ଷରୁ ଉର୍ଦ୍ଧ୍ୱ ସ୍ନାତକ ଛାତ୍ରଛାତ୍ରୀଙ୍କୁ ମିଳିଲା ଇଣ୍ଟର୍ନସିପ୍ ସୁଯୋଗ
- ପାଠପଢ଼ା ସହ ମିଳ ପାଇବେ ପ୍ରାକ୍ଟିକାଲ ଜ୍ଞାନ
- ଆକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍‌ରେ ଯୋଡ଼ିହେବ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍ ସ୍କୋର
- ସର୍ବାଧିକ ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ବଲାଙ୍ଗୀରର ଛାତ୍ରଛାତ୍ରୀମାନେ ଇଣ୍ଟର୍ନସିପ୍‌ରେ ଯୋଗଦେଇଛନ୍ତି

## ଶୃଙ୍ଖଳିତ ରଥଯାତ୍ରା ପାଇଁ ଆଇନ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର, ୨୨।୫: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ଯାନିଯାତ୍ରା ଓ ଉତ୍ସବ ପ୍ରତ୍ୟେକ ଓଡ଼ିଶାବାସୀ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡିତ। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ହେବାକୁ ଥିବା ସ୍ନାନଯାତ୍ରା, ରଥଯାତ୍ରା, ଆଡପ ମଣ୍ଡପ ବିଜେ, ବାହୁଡା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଶୃଙ୍ଖଳିତ ଆୟୋଜନ ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଦଇତାପତି ନିଯୋଗଠାରୁ ଆରମ୍ଭ କରି ସମସ୍ତ ସେବାୟତ, ନିଯୋଗ ଏବଂ ରାଜ୍ୟବାସୀଙ୍କ ଏକାନ୍ତ ସହଯୋଗର ଆବଶ୍ୟକତା ରହିଛି। ସମସ୍ତଙ୍କ ସହଯୋଗରେ ଚଳିତ ରଥଯାତ୍ରା ଓ ଅନ୍ୟାନ୍ୟ ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ହରିଚନ୍ଦନ ଚଳିତ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁରୀ ଜିଲ୍ଲା ପୋଲିସ, ଦଇତାପତି ନିଯୋଗ ଏବଂ ଅନ୍ୟ ସଂପୃକ୍ତ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଶୃଙ୍ଖଳିତ ନୀତିକାନ୍ତି ସହ ନିର୍ଦ୍ଧାରିତ ସମୟରେ ପହଣ୍ଡି, ରଥଟଣା, ଆଡପ ମଣ୍ଡପ ବିଜେ, ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ବ୍ୟବସ୍ଥା, ଭକ୍ତଙ୍କ ☞ପୃଷ୍ଠା-୨

- ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ହେବ ରଥଯାତ୍ରା: ପୃଥ୍ୱୀରାଜ ହରିଚନ୍ଦନ
- ଚଳିତ ବର୍ଷ ଠିକ୍ ସମୟରେ ହେବ ନୀତିକାନ୍ତି, ରଥଟଣା
- ଭକ୍ତଙ୍କ ପାଇଁ ହେବ ସତନ୍ତ୍ର ବାରିକେଡ୍
- ଶୃଙ୍ଖଳିତ ରଥଯାତ୍ରା ରାଜ୍ୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ

## ନିରନ୍ତର ବିଦ୍ୟୁତ ସେବା ପାଇଁ ପ୍ରୟାସ ଜାରି

ଭୁବନେଶ୍ୱର, ୨୨।୫: ଅସହ୍ୟ ଗୁଳୁଗୁଳି, ଗରମକୁ ଅଘୋଷିତ ବିଦ୍ୟୁତ କାଟ୍। ଗତ କିଛିଦିନ ଧରି ଲୋକଙ୍କୁ ଅତିଷ୍ଠ କଲାଣି ପ୍ରବଳ ଗରମ ସାଙ୍ଗକୁ ପାୱାର କଟ୍। ବିନା କାରଣରେ ଘଣ୍ଟାଘଣ୍ଟା ଧରି ଲାଇନ ଯାଉଥିଲେ ମଧ ଆସୁନି। ବାରମ୍ବାର ଜଣାଇଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁନଥିବା ଅଭିଯୋଗ ହୋଇଛି। ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେଉଛି। ଲୋକଙ୍କ ଅସନ୍ତୋଷ ବଢୁଥିବାବେଳେ ପ୍ରତିକ୍ରିୟା ରଖିଛନ୍ତି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ଓଭରଲୋଡ୍ ଯୋଗୁଁ



ପାୱାର କଟ୍ ହେଉଥିବା କହିଛନ୍ତି ଶକ୍ତି ମନ୍ତ୍ରୀ। ଏବେ ଯେଉଁ ପରି ଭାବେ ହିଟ୍‌ୱେଭ ଚାଲିଛି, ତାହା କାହାରି ହାତରେ ନାହିଁ। ପିକ୍ ହିଟ୍ ସମୟରେ ଅଧିକ ଡିମାଣ୍ଡ ରହୁଛି, ଅଧିକ ଏସି ବ୍ୟବହାର ହେଉଛି। ଫଳରେ ଓଭରଲୋଡ୍ ହେଉଛି ଏବଂ ଟ୍ରାନ୍ସଫର୍ମର ବର୍ଣ୍ଣ ଆଉଟ୍ ହେଉଛି। ତଥାପି ଶୀଘ୍ର ରିଷ୍ଟୋର୍ କରିବା ପାଇଁ ଆମେ ବ୍ୟବସ୍ଥା କରୁଛୁ। ଲୋକେ ଯେପରି ନିରନ୍ତର ବିଦ୍ୟୁତ ସେବା ପାଇବେ ଆମେ ଚେଷ୍ଟା କରୁଛୁ ବୋଲି କହିଛନ୍ତି ଶକ୍ତି ମନ୍ତ୍ରୀ କେ.ଭି.ସିଂହଦେଓ। ସୂଚନା ଅନୁସାରେ ପ୍ରତି ବର୍ଷ ଖରାଦିନ ଦିନ ☞ପୃଷ୍ଠା-୨

### ପୁରୀରେ ଏଫଏଫଏଫଏଆଇର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ

## ଭାରି ବୈଦ୍ୟୁତିକ ଯାନ ବ୍ୟବହାରକୁ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୨।୫: ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ଦିନ ପୁରୀ ଠାରେ ଓଡ଼ିଶା କଷ୍ଟମ୍‌ସ ବ୍ରୋକର୍ସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ ଅଫ୍ ଫ୍ରେଟ୍ ଫରୱାର୍ଡର୍ସ ଆସୋସିଏସନ ଇନ୍ ଇଣ୍ଡିଆର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ। ଦେଶର ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମରେ




**ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ: ରାଜ୍ୟପାଳ**

ଏଫଏଫଏଫଏଆଇର ଅବଦାନ ପାଇଁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟପାଳ କହିଥିଲେ ଯେ ଏହି ସଂଗଠନ ସାରା ଦେଶରେ କଷ୍ଟମ୍‌ସ ବ୍ରୋକର ଏବଂ ଫ୍ରେଟ୍ ଫରୱାର୍ଡର୍ସଙ୍କ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ସଂସ୍ଥା ଭାବରେ ଉଭା ହୋଇଛି। ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରୁଥିବା ହଜାର ହଜାର ବୃତ୍ତିଗତ ଏବଂ ଉଦ୍ୟୋଗକୁ ସମର୍ଥନ କରିଆସୁଛି। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ମାଲବାହୀ ଫରୱାର୍ଡର ଏବଂ କଷ୍ଟମ୍‌ସ ବ୍ରୋକରଙ୍କ ଭୂମିକା ପ୍ରାୟତଃ ପରଦା ପଛରେ ରହିଥାଏ, ତଥାପି ଏହା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ବାଣିଜ୍ୟର ନୀରବ ସମର୍ଥକ ଭାବେ କଷ୍ଟମ୍‌ସ ଅନୁପାଳନ, ଲଜିଷ୍ଟିକ୍ସ ପରିଚାଳନା, ମଲ୍ଟିମୋଡାଲ୍ ପରିବହନ ଏବଂ ବାଣିଜ୍ୟ ସୁବିଧାରେ ସେମାନଙ୍କର ବିଶେଷଜ୍ଞତା ଅର୍ଥନୀତିର ଚକ୍ରକୁ ସୁଗମ ଭାବରେ ଗତିଶୀଳ ରଖିଥାଏ। ଯେତେବେଳେ ଭାରତ ପାଞ୍ଚ ଟ୍ରିଲିୟନ ଡଲାରର ଅର୍ଥନୀତି ଏବଂ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ହେବାକୁ ଆକାଂକ୍ଷା କରେ, ସେତେବେଳେ ଏଫଏଫଏଫଏଆଇ ଭଳି ସଂଗଠନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ଭୂ-ରାଜନୈତିକ ଉତ୍ତେଜନା, ଯୋଗାଣ ଶୃଙ୍ଖଳ ବାଧା, ☞ପୃଷ୍ଠା-୨

## ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରସ୍ତୁତ ହେବ ରୋଡ୍‌ମ୍ୟାପ୍

ସମ୍ବଲପୁର, ୨୨।୫(ଅକ୍ଷର ଓଡ଼ିଶା): ସମ୍ବଲପୁର ଗସ୍ତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ସ୍ଥାନୀୟ ବିକାଶ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଆଗାମୀ ଦିନରେ ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ଏବଂ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବେ ବୋଲି କହିଛନ୍ତି। ଏହା ସହିତ ଚାଷୀ ଓ ମଣ୍ଡି ସମସ୍ୟା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ, ଚଳିତ ଖରିଫ୍ ଋତୁରେ ଧାନ କିଣା ପ୍ରକ୍ରିୟା ସୁରୁଖୁରୁରେ ସରିଥିବା ବେଳେ ରବି ଋତୁ ପାଇଁ ମଧ ଧାନ ସଂଗ୍ରହ ଆରମ୍ଭ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ କିଣା ସରିଛି ଏବଂ ଚାଷୀଙ୍କ ଆକାଉଣ୍ଟକୁ ସେମାନଙ୍କର ପ୍ରାପ୍ୟ ଟଙ୍କା ପଠାଇବା ପ୍ରକ୍ରିୟା ମଧ ଆରମ୍ଭ ହୋଇଯାଇଛି। ଚାଷୀଙ୍କ ଦାବି ମୁତାବକ ସମସ୍ତ ପର୍ଯ୍ୟାୟର ଟୋକନ ଯେପରି ଏକକାଳୀନ ଉପଲବ୍ଧ ହେବ, ସେଥିପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ☞ପୃଷ୍ଠା-୨

- ସମ୍ବଲପୁରରେ ଜୋରଦାର ଚାଲିଛି ରବି ଧାନ ସଂଗ୍ରହ
- ୧.୫ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ସରିଲାଣି
- ରବି ଋତୁରେ ୩୩.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ
- ଆଉ ରହିବନି ଟୋକନ ସମସ୍ୟା

### ସମ୍ବଲପୁର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ନେଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ସମ୍ବଲପୁର, ୨୨।୫: ସମ୍ବଲପୁର ଜିଲ୍ଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଶୁକ୍ରବାର ସମ୍ବଲପୁର ଗସ୍ତରେ ଥିବା ସମୟରେ ତାଙ୍କୁ ସେଠାରେ ବିଭିନ୍ନ ମହଲ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଏହି ନୂତନ ଗୁରୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏହି ସତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବାଲିରାମ ବଣ୍ଡାର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ☞ପୃଷ୍ଠା-୨

## ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ଐତିହାସିକ ସଫଳତା

### ଲୋକାର୍ପିତ ହେଲା ଓଡ଼ିଶାର ଦ୍ୱିତୀୟ 'ଅନ୍ନପୂର୍ଣ୍ଣ ଗ୍ରେନ୍ ଏଟିଏମ୍'

- ଖାଦ୍ୟ ବିନା ଉପାସ ରହିବନି କାହାରି ପେଟ:ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର
- ଗରିବଙ୍କ ହକ୍, ସମ୍ମାନ ଓ ସୁବିଧା ଆମ ସରକାରଙ୍କ ସଂକଳ୍ପ
- ଖୁବ୍‌ଶୀଘ୍ର ପ୍ରତି ଜିଲ୍ଲା ଓ ବ୍ଲକ ସ୍ତରକୁ ଏହି ସେବା ସମ୍ପ୍ରସାରଣ କରାଯିବ
- ସାରା ଓଡ଼ିଶାରେ ବସିବ ଆଉ ୫୫ଟି ଗ୍ରେନ୍ ଏଟିଏମ୍



ଭୁବନେଶ୍ୱର/ଝାରସୁଗୁଡ଼ା,୨୨।୫: ଓଡ଼ିଶା ସରକାର ଓ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ହିତାଧିକାରୀଙ୍କୁ ଅତି ସହଜ, ସ୍ୱଚ୍ଛ ଏବଂ ଉନ୍ନତ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଝାରସୁଗୁଡ଼ାଠାରେ ଲୋକାର୍ପିତ ହୋଇଯାଇଛି ପ୍ରଯୁକ୍ତିବିଦ୍ୟା ଆଧାରିତ 'ଅନ୍ନପୂର୍ଣ୍ଣ ଗ୍ରେନ୍ ଏଟିଏମ୍'। ଏହା ଓଡ଼ିଶାର ଦ୍ୱିତୀୟ ଓ ସମଗ୍ର ଭାରତ ବର୍ଷର ତୃତୀୟ ଗ୍ରେନ୍ ଏଟିଏମ୍। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସହ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର,ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଗୌରବମୟ ଅବସରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ,ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ଭାରତର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ, ହିଂମାଂଶୁ ବଳ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ମୁଖ୍ୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଓଡ଼ିଶା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଲୋକାର୍ପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି



କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, 'ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁଁ ଆଜି ଓଡ଼ିଶାର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ସଫଳତା ମିଳିଛି। ରାଜ୍ୟର ପ୍ରତିଟି ଗରିବ ଓ ନିଷ୍ପେଷିତ ଲୋକଙ୍କ ଗର୍ବ ଏବଂ ସମ୍ମାନ ରକ୍ଷା କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଖାଦ୍ୟ ବିନା ଯେମିତି କାହାରି ପେଟ ଉପାସ ☞ପୃଷ୍ଠା-୨

## ଜୈବବିବିଧତା ସଂରକ୍ଷଣ ଦେଶରେ ଅଗ୍ରଣୀ ଓଡ଼ିଶା

ଭୁବନେଶ୍ୱର, ୨୨।୫: ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନର ଷ୍ଟେଟ୍ କନଭେନସନ୍ ସେଣ୍ଟରରେ ରାଜ୍ୟସ୍ତରୀୟ ''ଆନ୍ତର୍ଜାତୀୟ ଜୈବବିବିଧତା ଦିବସ'' ଉତ୍ସାହ ଓ ଆଡମ୍ବର ସହ ପାଳନ କରାଯାଇଛି। ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା ''ସ୍ଥାନୀୟ ପଦକ୍ଷେପର

**ଶିମିଳିପାଳରୁ ଭିତରକନିକା: ସାରା ବିଶ୍ୱ ପାଇଁ ମଡେଲ୍ ସାଜିଛି ଓଡ଼ିଶା**

ବିଶ୍ୱସ୍ତରୀୟ ପ୍ରଭାବ''। ଏହି ଅବସରରେ ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଥିଲେ ଯେ, ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ। ଶିମିଳିପାଳ ବାଘ ସଂରକ୍ଷଣ, ହାତୀ କରିଡର ସୁରକ୍ଷା, ଭିତରକନିକାରେ କୁମ୍ଭୀର ☞ପୃଷ୍ଠା-୨



### ଅକ୍ଷର ବ୍ୟଙ୍ଗ ବିଚାର

**ଡ.ଗିରୀଶ ରଂଜନ**

କକ୍ ରୋଚ୍ ଜନତା ପାର୍ଟି ନାଁ
ସାରା ଭାରତରେ ଚହଳ
କିଏ କହୁଛି ବରଗଛ ଆମେରିକାର
ଇଏ ତାର ପରା ଓହଳ
ସବୁ ରାଜନୀତି ଖେଳ
କକ୍ ରୋଚ୍ ଜନତା ପାର୍ଟି ପାଇଁ
ସବୁ ଏବେ ଝାଳ ନାଳ



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ଉଚ୍ଚଶିକ୍ଷାର...

ଗାଇଡ଼ଲାଇନ ରହିଛି। ଏଥିସହ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପ୍ରକଳ୍ପ ଉପସ୍ଥାପନ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାପ୍ତାହିକ ରିପୋର୍ଟ ଏବଂ କାର୍ଯ୍ୟଦକ୍ଷତା ଆଧାରରେ ଛାତ୍ରଛାତ୍ରୀମାନଙ୍କୁ କ୍ରେଡିଟ ପ୍ରଦାନ କରାଯିବା ସହ ଏହାକୁ ତାଙ୍କ ଆକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟରେ ମଧ୍ୟ ସ୍ଥାନିତ କରାଯିବ। ଇର୍ଣ୍ଟର୍ନସିପ୍ ସରିବା ପରେ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯିବ। ଚଳିତ ବର୍ଷ ସର୍ବାଧିକ ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ବଲାଙ୍ଗୀର ଜିଲ୍ଲାର ଛାତ୍ରଛାତ୍ରୀମାନେ ଇର୍ଣ୍ଟର୍ନସିପ୍‌ରେ ଯୋଗଦେଇଛନ୍ତି। ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ଇର୍ଣ୍ଟର୍ନସିପ୍‌ରେ ନିଯୋଜିତ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଗୁଣାତ୍ମକ ଓ ଗବେଷଣାତ୍ମକ ଶିକ୍ଷା ପ୍ରଦାନ ଉପରେ ପ୍ରାଧାନ୍ୟ ଦିଆଯାଉଛି। ଇର୍ଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ମାଧ୍ୟମରେ ଛାତ୍ରଛାତ୍ରୀମାନେ ପ୍ରାକ୍ଟିକାଲ ଏକ୍ସପୋଜର ପାଇପାରିବେ। ଏଥିସହ ତୃଣମୂଳ ସ୍ତରରେ ହେଉଥିବା କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ଅବଗତ ହୋଇପାରିବେ। ବିଭିନ୍ନ ସରକାରୀ ଅନୁଷ୍ଠାନ, ବେସରକାରୀ ଉଦ୍ୟୋଗ, ଏନଜିଓ ମାନଙ୍କରେ ଇର୍ଣ୍ଟର୍ନସିପ୍ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ପାଠ୍ୟକ୍ରମର ପ୍ରୟୋଗାତ୍ମକ ଦିଗ ଉପରେ ଅବଗତ ହୋଇପାରିବେ, ଯାହାକି ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ଓ ଉଦ୍ୟମିତା କ୍ଷେତ୍ରରେ ସହାୟକ ହେବ', ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

### ନିରନ୍ତର ବିଦ୍ୟୁତ ସେବା...

ଆସିଲେ ରାଜ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ହେବା କିଛି ନୂଆ କଥା ନୁହେଁ । ତେବେ କିଛିଦିନ ପୂର୍ବରୁ ଅଘୋଷିତ ବିଦ୍ୟୁତ କାଟ୍ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ଭାରି ବୈଦ୍ୟୁତିକ ଯାନ...

ବର୍ଦ୍ଧିତ ମାଲ ପରିବହନ ମୂଲ୍ୟ ଏବଂ ଜାହାଜ ଚଳାଚଳ ମାର୍ଗରେ ଅନିଶ୍ଚିତତା ସମେତ ବିଶ୍ୱ ବାଣିଜ୍ୟ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକୁ ଉଲ୍ଲେଖ କରି ସ୍ଥିରତା, ନବସୃଜନ ଏବଂ ସମନ୍ୱିତ ପଦକ୍ଷେପ ଦିଗରେ ସରକାର ଏବଂ ଶିଳ୍ପସଂସ୍ଥାଗୁଡିକ ପଦକ୍ଷେପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଦକ୍ଷତା ବୃଦ୍ଧି ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଲକ୍ଷ୍ୟରେ ଜାତୀୟ ଲଜିଷ୍ଟିକ୍ସ ନୀତି, ପ୍ରଧାନମନ୍ତ୍ରୀ ଗତି ଶକ୍ତି, ଡିଜିଟାଲ୍ କଷ୍ଟମ୍ସ ପ୍ରକ୍ରିୟା ଏବଂ ବିକଳ୍ପ ବାଣିଜ୍ୟ କରିଡର କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି। ଲୋକଭବନରେ ପ୍ରଚଳିତ ପ୍ରୋତ୍ସାହନ ଭିତ୍ତିକ ଇଭି ଚାର୍ଜିଂ ବ୍ୟବସ୍ଥାକୁ ଉଦାହରଣ ଭାବେ ଦର୍ଶାଇ ବୈଦ୍ୟୁତିକ ଯାନର ବହୁଳ ବ୍ୟବହାର ସହିତ ଭାରି ବୈଦ୍ୟୁତିକ ଯାନ ବିକଳ୍ପ ଆପଣେଇବାକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଏଫଏଫଏଫଏଆଇର ଅଧ୍ୟକ୍ଷ ଅମିତ କାମତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ହରିହର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଶୃଙ୍ଖଳିତ ରଥଯାତ୍ରା ପାଇଁ...

ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ନୀତିନିର୍ଘଣ୍ଟ ନେଇ ଆଗୁଆ ସୂଚନା, ଭିଡ ନିୟନ୍ତ୍ରଣ, ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ବାରିକେଡିଂ ବ୍ୟବସ୍ଥା, ସେବାୟତ, ନିଯୋଗ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ବାବଦରେ ସଚେତନତା ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଶୃଙ୍ଖଳିତ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯେପରି ରଥକାଠ ଆୟୋଜନ, ରଥ ଦଉଡି, ରଥ କପଡା ସହ ନୀତିକାନ୍ତି ପାଇଁ ଆବଶ୍ୟକ ଝୁଣା, ଚନ୍ଦନକାଠ ଆଦି ସାମଗ୍ରୀ ଇତ୍ୟାଦିର ମହଜୁଦ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଦଇତାପତି ନିଯୋଗ ସଭାପତି ଗଣେଶ ଦାସ ମହାପାତ୍ର, ସାଧାରଣ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ସମେତ ଆଇନ ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ଦଇତାପତି ନିଯୋଗର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ଜୈବବିବିଧତା ସଂରକ୍ଷଣ...

ପ୍ରଜନନ କାର୍ଯ୍ୟକ୍ରମ, ଅଲିଭ୍-ରିଡ୍‌ଲେ କଚ୍ଛପ ସୁରକ୍ଷା, ହେନ୍ତାଳ ବନର ପୁନରୁଦ୍ଧାର, ସମୁଦାୟ ଭିତ୍ତିକ ବନ ସୁରକ୍ଷା, ବନାଗ୍ନି ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ବ୍ୟାପକ ବୃକ୍ଷରୋପଣ ଭଳି ପଦକ୍ଷେପ ଓଡ଼ିଶାକୁ ''ଲୋକକେନ୍ଦ୍ରିକ ସଂରକ୍ଷଣ ମଡେଲ୍'' ଭାବେ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ଅବସରରେ ପୂର୍ବରୁ ଆୟୋଜିତ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ''ଓଡ଼ିଶାର ଆଦ୍ରଭୂମିରେ ବିଦେଶୀ ପ୍ରଜାତିର ଜୀବଙ୍କ ପ୍ରଭାବ ଉପରେ ସମୀକ୍ଷା'', ''ଗନ୍ଧମାର୍ଦ୍ଦନର କାହାଣୀ'', ଓଡ଼ିଶା ଜୈବବିବିଧତା ବୋର୍ଡର ବାର୍ଷିକ କାର୍ଯ୍ୟକାରୀ ରିପୋର୍ଟ (୨୦୨୫-୨୬) ଏବଂ ବୋର୍ଡର ମୁଖପତ୍ର ''ଷ୍ଟ୍ରିଙ୍ଗସ ଅଫ ବାଇଓଡାଇଭର୍ସିଟି'' ସହିତ ମୋଟ ୪ଟି ପ୍ରମୁଖ ପୁସ୍ତକ ଓ ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ଏହାସହ 'ପିବିଆର୍ ମାନୁଆଲ' ଏବଂ 'ସ୍ଥାନୀୟ ଜୈବବିବିଧତା ପାଣ୍ଠି ପରିଚାଳନା ନିୟମାବଳୀ' ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ କେ. ମୁରୁଗେସନ୍, ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ କେ. ଏସ୍. ପ୍ରଦୀପ ଏବଂ ସଦସ୍ୟ ସଚିବ, ଓଡ଼ିଶା ଜୈବବିବିଧତା ବୋର୍ଡ, ଡ. ନିହାର ରଞ୍ଜନ ନାୟକ ମଧ୍ୟ ଯୋଗଦେଇଥିଲେ। ଜୈବବିବିଧତା ସଂରକ୍ଷଣକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହଲର ସକ୍ରିୟ ଅଂଶଗ୍ରହଣ ପରିଲକ୍ଷିତ ହୋଇଥିଲା। ଏଥିରେ ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀ, ବିଭିନ୍ନ ଜିଲ୍ଲାର ଜୈବବିବିଧତା ପରିଚାଳନା ସମିତିର ସଦସ୍ୟ, ବୈଜ୍ଞାନିକ, ଗବେଷକ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ପାରମ୍ପରିକ ଜ୍ଞାନକୌଶଳର ପ୍ରୟୋଗକାରୀମାନେ ଉପସ୍ଥିତ ଥିଲେ।

### ଖାଦ୍ୟ ସୁରକ୍ଷା କ୍ଷେତ୍ରରେ...

ନ ରହେ, ସେଥିପାଇଁ ଆମେ ସଂକଳ୍ପବଦ୍ଧ। ମନ୍ତ୍ରୀ ଶ୍ରୀ ପାତ୍ର ଆଗାମୀ ଦିନର ରୋଡ୍‌ମ୍ୟାପ୍ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ହିତାଧିକାରୀମାନଙ୍କୁ ଯେପରି କୌଣସି ଅନାବଶ୍ୟକ ଶ୍ରମ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼ିବ, ସେଥିପାଇଁ ଖୁବ୍‌ଶୀଘ୍ର ରାଜ୍ୟର ପ୍ରତି ଜିଲ୍ଲାରେ ଏବଂ ବ୍ଲକ ସ୍ତରରେ ମଧ୍ୟ ଏହି ଗ୍ରେନ୍ ଏଟିଏମ୍ ସେବା ଉପଲବ୍ଧ କରାଯିବ। ଏହି ଯୋଜନା ଅଧୀନରେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ୫୫ଟି ନୂତନ ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଓଡ଼ିଶାର ଇତିହାସରେ ଏକଦା ଆମେ 'ନଅଙ୍କ ଦୁର୍ଭିକ୍ଷ' ଭଳି ଭୟଙ୍କର ସମୟର ସାମ୍ନା କରିଛୁ। ମରୁଡ଼ି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଆମ ଓଡ଼ିଆ ଜାତି ବହୁ କଷ୍ଟ ଭୋଗିଛି। କିନ୍ତୁ ଆଜି ସମୟ ବଦଳିଛି। ଆମ ସରକାରଙ୍କ ସଂକଳ୍ପ ହେଉଛି ଓଡ଼ିଆ ଜାତିର ପ୍ରତିଟି ଲୋକ ଯେମିତି ଦୁଇ ମୁଠା ଖାଇବାକୁ ପାଆନ୍ତୁ, ସମସ୍ତଙ୍କ ପେଟ ପୂରୁ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ହେଉ। ସରକାରଙ୍କ ଏହି ନୂତନ ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୟାସ ସତରେ ଅତ୍ୟନ୍ତ ପ୍ରଶଂସନୀୟ। ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ତାଙ୍କ ବିଭାଗ ଯେଉଁଳି ସକ୍ରିୟ ଭାବେ ଚାଷୀ ଏବଂ ଗରିବ ଲୋକଙ୍କ ପାଇଁ କାମ କରୁଛନ୍ତି, ତାହା ସ୍ୱାଗତଯୋଗ୍ୟ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାରେ ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଆରମ୍ଭକୁ ନେଇ ସରକାରଙ୍କୁ ସାଧୁବାଦ ଜଣାଇବା ସହ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ମାନ୍ୟବର ମନ୍ତ୍ରୀଙ୍କ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଥିଲେ। ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ତାଙ୍କ ବକ୍ତବ୍ୟ ରେ କହିଥିଲେ 'ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ପଦକ୍ଷେପ ସ୍ୱରୂପ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ବିକାଶର ସୁଫଳ ଆଜି ଝାରସୁଗୁଡ଼ା ଲୋକଙ୍କୁ ମିଳୁଛି। ରାଜ୍ୟର ଦ୍ୱିତୀୟ ଗ୍ରେନ୍ ଏଟିଏମ୍ ଭାବେ ଆମ ଜିଲ୍ଲାକୁ ଚୟନ କରାଯାଇଥିବାରୁ ମୁଁ ସରକାର ଓ ଖାଦ୍ୟ ଯୋଗାଣ ବିଭାଗ ନିକଟରେ କୃତଜ୍ଞ। ଏହି ଅବସରରେ ମୁଁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଅନୁରୋଧ କରୁଛି ଯେ, ଜିଲ୍ଲାର ସୁଦୂର ଗ୍ରାମାଞ୍ଚଳ ବିଶେଷ କରି 'ଲଇକେରା ବ୍ଲକ' ର ଜନସାଧାରଣଙ୍କ ସୁବିଧା ପାଇଁ ସେଠାରେ ଖୁବ୍‌ଶୀଘ୍ର ଆଉ ଏକ ନୂତନ ଅନ୍ନପୂର୍ଣ୍ଣ ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯାଉ। ଏହି ଅବସରରେ ସରବାହାଲ ଅଞ୍ଚଳର ହିତାଧିକାରୀ ୪୧ ବର୍ଷୀୟା ଶ୍ରୀମତୀ ସ୍ୱାଗତିକା ବେହେରା କହିଛନ୍ତି, 'ଆଜି ମୁଁ ଏହି ଏଟିଏମ୍ ମାଧ୍ୟମରେ ମୋର ୧୫ କିଲୋଗ୍ରାମ ଚାଉଳ ଅତି ସହଜରେ ପାଇଲି। ପୂର୍ବରୁ ଆମକୁ ଡିଲରଙ୍କ ପାଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା।କିନ୍ତୁ ବର୍ତ୍ତମାନ ଏହି ବ୍ୟବସ୍ଥା ଯୋଗୁଁ ଆମେ ଆମର ସୁବିଧା ଅନୁସାରେ ଯେକୌଣସି ସମୟରେ ଆସି ଖାଦ୍ୟଶସ୍ୟ ନେଇପାରିବୁ। ଯଦି ଏହିଭଳି ଏଟିଏମ୍ ଗୁଡ଼ିକ ଆମ ଅଞ୍ଚଳର ଆହୁରି ପାଖାପାଖି ସ୍ଥାନରେ ଖୋଲିବ, ତେବେ ଆମ ପରି ମହିଳାମାନେ ଅଧିକ ଉପକୃତ ହେବେ।

### ସମ୍ବଲପୁର ଜିଲ୍ଲା ଯୋଜନା...

ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, 'ସମ୍ବଲପୁର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ସମ୍ଭାଳିବା ମୋ ପାଇଁ ଗୌରବ ଓ ଦାୟିତ୍ୱର ଏକ ନୂଆ ଅଧ୍ୟାୟ। ସମ୍ବଲପୁର ଜିଲ୍ଲାର ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ଏହି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତିକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତଙ୍କ ସହଯୋଗରେ ମୁଁ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ।' ଏହା ସହିତ ତାଙ୍କ ଉପରେ ଏହି ଗୁରୁତ୍ୱପୂର୍ଣ୍ଣ ବିଶ୍ୱାସ ପ୍ରକଟ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦଳର ବରିଷ୍ଠ ନେତୃତ୍ୱଙ୍କୁ ହୃଦୟରୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

### ସମ୍ବଲପୁରର ସର୍ବାଙ୍ଗୀନ ବିକାଶ...

ଦୁଇ-ତିନି ଦିନ ମଧ୍ୟରେ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଖକୁ ସେମାନଙ୍କର ଟୋକନ ଆସିଯିବ। ଚଳିତ ରବି ଋତୁ ପାଇଁ ଆବଶ୍ୟକ ଥିବା ପ୍ରାୟ ୧୬ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟକୁ ସରକାର ନିଶ୍ଚିତ ଭାବେ ପୂରଣ କରିବେ ବୋଲି ସମ୍ବଲପୁର ଜିଲ୍ଲାପାଳଙ୍କ କହିଛନ୍ତି। ଚାଷୀଙ୍କ ପାଇଁ ବସିବା ଚେୟାର, ପାନୀୟ ଜଳ, ଶୌଚାଳୟ ଓ ଚା'ର ବ୍ୟବସ୍ଥା କରାଯାଉଛି। ଧାନର ସଠିକ୍ ଗୁଣବତ୍ତା ବଜାୟ ରଖିବା ପାଇଁ 'ଆନାଲାଇଜର ମେସିନ' ବ୍ୟବହାରକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଉକ୍ତ ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ, ପ୍ଲାନିଂ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ଜିଲ୍ଲାର ସାମ୍ପ୍ରତିକ ସ୍ଥିତି ଏବଂ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ସଫଳତାର ସହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇସାରିଛି। ଏହି ପ୍ରକ୍ରିୟାରେ ପ୍ରାୟ ୧୯,୦୦୦ ଚାଷୀ ପଞ୍ଜୀକୃତ ହୋଇଛନ୍ତି ଏବଂ ସମସ୍ତ ଚାଷୀଙ୍କର ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ଜିଲ୍ଲାର ୫୭ଟି ମାର୍କେଟ ୟାର୍ଡ ମାଧ୍ୟମରେ ଏହି ଧାନ ସଂଗ୍ରହ କରାଯାଉଛି। ଏଥିରେ ୪୮ ଜଣ ମିଲର ଅଂଶଗ୍ରହଣ କରିଥିବା ବେଳେ ବାମ୍ଫରା ଅଞ୍ଚଳରୁ ୨ ଜଣ ନୂଆ ମିଲର ମଧ୍ୟ ସାମିଲ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୨୫ ହଜାର ଟାର୍ଗେଟ ମିଳିଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ପ୍ରଦାନ କରାଯାଇଛି। ଜିଲ୍ଲାରେ ମୋଟ ୩୩.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ନୂଆ ରାସନ କାର୍ଡ ଆବେଦନ ଓ ପଞ୍ଜୀକୃତ ପ୍ରକ୍ରିୟା ପୁନର୍ବାର ଆରମ୍ଭ କରାଯାଇଥିବାରୁ ଜିଲ୍ଲାପାଳ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ରାସନ କାର୍ଡ ପହଞ୍ଚିବ, ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଚାଲିଛି ବୋଲି ଜିଲ୍ଲାପାଳ କହିଥିଲେ।

## ଜୁନ୍ ପହିଲାରୁ ଖୋଲିବ ଅହୋରାତ୍ର ନିୟନ୍ତ୍ରଣ କକ୍ଷ

# ବିଡ଼ିଓ ଓ ତହସିଲଦାର ଦେବେ ଦୈନିକ ରିପୋର୍ଟ

ପୁରୀ ୨୨/୦୫ (ଅକ୍ଷର ଓଡ଼ିଶା): ଚଳିତ ବର୍ଷ ଜୁନ ପହିଲାରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଅହୋରାତ୍ର ନିୟନ୍ତ୍ରଣ କକ୍ଷ ଖୋଲିବ। ବିଡ଼ିଓ, ତହସିଲଦାରମାନେ ଦୈନିକ ପରିସ୍ଥିତିର ରିପୋର୍ଟ ପ୍ରଦାନ କରିବେ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଅଧ୍ୟକ୍ଷ ଦିବ୍ୟ ଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଉପୋରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ କହିଥିଲେ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗରେ ପ୍ରସ୍ତୁତ କରାଯାଇଥିବା ଯୋଜନା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ହେବ। ପୁରୀ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଥିବାରୁ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବନ୍ୟା ଓ ବାତ୍ୟାର ଉପଯୁକ୍ତ ମୁକାବିଲା ପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ।ସମସ୍ତ ଜଳସେଚନ ଡିଭିଜନ,

### ଦୁର୍ବଳ ନଦୀବନ୍ଧର ମରାମତି ହେବ

ଡ୍ରେନେଜ ଡିଭିଜନ କ୍ଷେତ୍ର ପରିଦର୍ଶନ କରି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିବା,ଦୁର୍ବଳ ନଦୀ ବନ୍ଧ ଚିହ୍ନଟ କରି ତାହାର ସମୀକ୍ଷା ଓ ମରାମତି କରିବା, ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାହାର ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ଜିଲ୍ଲାରେ ୨୯ ଟି ଏସଆରସି ବୋଟ ରହିଛି।ଓସଡାମା ପକ୍ଷରୁ ୧୭୦ ଟିବାତ୍ୟା ଆଶ୍ରୟ ସ୍ଥଳ ଓ ରେଡକ୍ରସ ପକ୍ଷରୁ ୯ ଟି ବାତ୍ୟା ଆଶ୍ରୟ ସ୍ଥଳ ରହିଛି।ସେହିପରି ୩୭୨ ଟି ବିକଳ୍ପ ଆଶ୍ରୟ ସ୍ଥଳ ମଧ୍ୟ ରହିଛି। ଯେଉଁ ବୋଟ ଚାଳକ ଓ ଖଲାସୀମାନେ ବନ୍ୟା ସମୟରେ ସହଯୋଗ କରିବେ ଇତି ମଧ୍ୟରେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି।ସରକାର ଓ ଏସଆରସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକାକୁ ସଠିକ ଅନୁପାଳନ କରିବାକୁ ଜିଲ୍ଲାପାଳ କହିଥିଲେ।ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳ ଗୁଡିକର ମରାମତି ସାଙ୍ଗକୁ ସେଗୁଡ଼ିକୁ ବାସପୋଯୋଗୀ କରିବା, ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ଅତ୍ୟବଶ୍ୟକ ସାମଗ୍ରୀ ଯଥା ଚୁଡା ଓ ଗୁଡ ଆଦି ମହଜୁଦ ରଖିବା, ନିୟନ୍ତ୍ରଣ କକ୍ଷ ପରିଚାଳନା, ଜନପ୍ରତିନିଧି , ପଞ୍ଚାୟତ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନଙ୍କ ସହ ଯୋଗାଯୋଗ ମାଧ୍ୟମରେ ଜରୁରୀ ସୂଚନା ପ୍ରଦାନ କରିବା, ଖାଦ୍ୟ, ଔଷଧ, ସାପ କାମୁଡା ଔଷଧ ଆଣ୍ଟିଭେନମ ମହଜୁଦ ରଖିବା ଓ ଗୋ ଖାଦ୍ୟ ଆଦି ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱାପ୍ନାରାଣୀ ସ୍ୱାଇଁ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ନଦୀ ବନ୍ଧ ସୁଦୃଢ କରିବା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ବିବିଧ ମତାମତ ପ୍ରଦାନ କରିଥିଲେ।ବିପର୍ଯ୍ୟୟ ପୂର୍ବରୁ ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ,ପଶୁ ସମ୍ପଦ ଓ କୃଷି ଆଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୈଠକର ପରାମର୍ଶ ଦିଆଯାଇଥିଲା।

### ମହିଳା ମହାବିଦ୍ୟାଳୟ ଯୁକ୍ତ ଦୁଇ ପରୀକ୍ଷା ଫଳ ଉଚ୍ଚ କୋଟିର

ସମ୍ବଲପୁର, ୨୨।୫ (ଦେବେନ୍ଦ୍ର ମିଶ୍ର ) ମହିଳା ମହାବିଦ୍ୟାଳୟ, ସମ୍ବଲପୁର ର ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ର ସଫଳତା ପ୍ରାୟ ଶହେ ପ୍ରତିଶତ ରହିଛି। କଳା ବିଭାଗ ରେ ୨୨୦ ଛାତ୍ରୀ ଙ୍କ ମଧ୍ୟରୁ ୨୧୮ ଜଣ କୃତକାର୍ଯ୍ୟ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୧୫୦ ଜଣ ପ୍ରଥମ, ୩୮ ଜଣ ଦ୍ୱିତୀୟ ଏବଂ ୩୦ ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି। ସୁମା ଖାତୁନ ୫୭୦ ମାର୍କ ରଖି ଟପର ହୋଇଛନ୍ତି। ବାଣିଜ୍ୟ ରେ ୬୦ ରୁ ୬୦ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୧ ଜଣ ପ୍ରଥମ, ୧୬ ଜଣ ଦ୍ୱିତୀୟ ଏବଂ ୨୩ ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି। ହେମାଙ୍ଗୀ ମହାପାତ୍ର ୫୬୫ ନମ୍ବର ରଖି କଲେଜ ର ଟପ ର ହୋଇଛନ୍ତି। ବିଜ୍ଞାନ ରେ ୧୪୯ ଛାତ୍ରୀ ଙ୍କ ମଧ୍ୟରୁ ୧୨୭ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି।ଏମାନଙ୍କ ମଧ୍ୟରୁ ୫୭ ଜଣ ପ୍ରଥମ, ୪୯ ଜଣ ଦ୍ୱିତୀୟ ଏବଂ ୨୧ ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି।

### କାଳବୈଶାଖି ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି

ବୁଗୁଡା, ୨୨/୦୫ (ଅକ୍ଷର ଓଡିଶା ) : ବୁଗୁଡ଼ା ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଗତକାଲି ଅପରାହ୍ନରେ କାଳବୈଶାଖି ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାଯାଇଛି। ଅପରାହ୍ନରେ କଳାମେଘ ଘୋଟି ବିଜୁଳି, କାନତଡକା ଘଡଘଡି ଓ କୁଆପଥର ମାଡ ସହ ଅସରାଏ ବର୍ଷା ହୋଇଥିଲା। ଏଥି ସହ ପ୍ରବଳ ବେଗରେ ପବନ ବହିବା ଯୋଗୁଁ ଗୋଳିଆ ପଞ୍ଚାୟତର ଆଖପାଖ ଗ୍ରାମର ରାସ୍ତାକଡସ୍ଥ ଅନେକ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା ବେଳେ କେତେକ ବିଦ୍ୟୁତ୍ ଖୁଣ୍ଟ ଢଳିପଡି ବିଦ୍ୟୁତ୍ ବିଭ୍ରାଟ ଘଟିଥିଲା। ଅନ୍ୟପକ୍ଷରେ ବୁଗୁଡ଼ା ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳରେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ କାଟ ଯୋଗୁଁ ଲୋକେ ଗରମ ସାଙ୍ଗକୁ ମଶା କାମୁଡା ଯନ୍ତ୍ରଣା ଭୋଗିଥିଲେ।

# ୨୮ରେ ପାଳନ ହେବ ଇଦ-ଉଲ-ଯୋହା

ଭଦ୍ରକ, ୨୨-୦୫- ( ଅକ୍ଷର ଓଡିଶା )-ଭଦ୍ରକ ମୁସଲିମ ଜମାତର ଏକ ବୈଠକ ପୁରୁଣା ବଜାର ସ୍ଥିତ ମଦିନା ମଇଦାନ ଠାରେ ଉପ-ସଭାପତି ମହମ୍ମଦ ଜକାଉଲ୍ଲା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକ ଇଦ-ଉଲ-ଯୋହା ପର୍ବ ପାଳନ ପାଇଁ ବସିଥିଲା ଏବଂ ଗତ ୧୮ ତାରିଖରେ ଚନ୍ଦ୍ର

★ ଭଦ୍ରକ ଜାମା ମସଜିଦରେ ସକାଳ ୮.୪୫ ଓ ଇଦଘାରେ ସକାଳ ୯ରେ ସମୂହ ନମାଜ ପ୍ରାର୍ଥନା

★ ଜିଲ୍ଲାରେ ୧୪୬ ମସଜିଦରେ ପ୍ରାର୍ଥନା ହେବ

ଦର୍ଶନର ପ୍ରମାଣ ପାଇଲା ପରେ ଚଳିତ ମେ ମାସ ୨୮ ତାରିଖ ଗୁରୁବାରରେ ପବିତ୍ର ଇଦ-ଉଲ-ଯୋହା ପର୍ବ ପାଳନ ହେବ ବୋଲି ସିଦ୍ଧାନ୍ତ ହୋଇଛି ଓ ପୁରୁଣା ବଜାର ସ୍ଥିତ ଜାମା ମସଜିଦରେ ସକାଳ ୮-୪୫ ମିନିଟ ଓ କଦମ୍ବବେଢା ସ୍ଥିତ ଇଦଘାରେ ସକାଳ ୯ ଘଟିକା ସମୟରେ ସମୂହ ନମାଜ ପାଠ ହେବ ଓ ଭିନ୍ନ ଭିନ୍ନ ମସଜିଦରେ ଭଦ୍ରକ ସହରାଞ୍ଚଳ ୪୫ ମସଜିଦ ଓ ଗ୍ରାମାଞ୍ଚଳ ରେ ୧୭ ଗୋଟି ମସଜିଦ ସହିତ ଭଦ୍ରକ ଜିଲ୍ଲାରେ ସର୍ବମୋଟ ୧୪୬ ଗୋଟି ମସଜିଦରେ ସକାଳ ୭ ଘଟିକା ଠାରୁ ସକାଳ ୧୦ ଘଟିକା ପର୍ଯ୍ୟନ୍ତ ମଧ୍ୟରେ ସମୂହ ନମାଜ ପାଠ ସରିବ ଓ ଇସଲାମ ଧର୍ମରେ ଚନ୍ଦ୍ର ଦର୍ଶନକୁ ନେଇ ଦିନ ଗଣନା କରାଯାଇ ପ୍ରତ୍ୟେକ



ପର୍ବ ପାଳନ ହୋଇଥାଏ ଓ ଇସଲାମ ଧର୍ମର ଶେଷ ମାସ ଇଦ-ଉଲ -ଯୋହା ପର୍ବ ପାଳନ କରାଯାଏ , ଏହି ପର୍ବ ଚଳିତ ୨୮, ୨୯ ଓ ୩୦ ତାରିଖ ତଥା ୩ ଦିନ ବ୍ୟାପି ପର୍ବ ପାଳନ ଚାଲୁ ରହିବ ଓ ଏହି ପର୍ବ ତ୍ୟାଗ, ବଳିଦାନ, ଦାନ ଓ ଧର୍ମର ପର୍ବ ଓ ଏହି ବୈଠକରେ ସମସ୍ତ ମସଜିଦ ର ମୌଲାନା(ପଣ୍ଡିତ) ଓ ସମସ୍ତ ଗ୍ରାମର ସରଦାର ସହିତ ଭଦ୍ରକ ମୁସଲିମ ଜମାତ ର ସାଧାରଣ ସମ୍ପାଦକ ହାଜୀ ଶେଖ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ଜମିଲ ଅଖତର ଖାନ , ଇଂ ରେଜାଏ ରସୁଲ , ଇଂ ହବିବୁଲ୍ଲା ଖାନ, ମିର୍ଜା ଏକ୍ରାମ ବେଗ, ହାଜୀ ଫଖରେ ଆଲାମ, ହାଜୀ ଅବରାର ହୋସେନ, ହାଜୀ କ୍ୱୈୟୁମ ଅଲି , ଅସରଫ ଅଲି ଖାନ, ଅଖତର ଅଲି , ମାଷ୍ଟର ମୁସ୍ତାକ ଗୌହର , ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର , ଶେଖ ଇମତୀୟାଜ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କଲେ ଆଦିବାସୀ କଲ୍ୟାଣ ସଂଘ




ନୂଆପଡା, ୨୨/୦୫( ଅକ୍ଷର ଓଡିଶା ) ଆଦିବାସୀ କଲ୍ୟାଣ ମହା ସଂଘ ଏବଂ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧରେ ନୀତି ଅବଲମ୍ବନ କରୁଥିବା ବେଳେ ଏହାର ତୀବ୍ର ବିରୋଧ କରି ଆଜି ଏକ ବିରାଟ ଶୋଭାଯାତ୍ରା ରେ ବାହାରି ନୂଆପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଶୋଭାଯାତ୍ରା ରେ ଆଦିବାସୀ ମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସାମିଲ ହୋଇଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ନୀତି ଅବଲମ୍ବନ କରିଥିବା ନେଇ ବିକ୍ଷୋଭ ସଭାରେ ତୀବ୍ର ପ୍ରତିକ୍ରିୟା ଦେଇଥିଲେ। ଏହି ଶୋଭାଯାତ୍ରା ରେ ରାଜ୍ୟସଭା ପୂର୍ବତନ ସାଂସଦ ନିରଞ୍ଜନ ବିଶି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତପ ସିଂ ମାଝୀ ବହୁ ଆଦିବାସୀ ନେତା ସାମିଲ ହୋଇଥିଲେ। ଅନ୍ତ୍ୱେଷା ଯୋଜନା, ଷ୍ଟାଇପେଣ୍ଡ ୫୦ ହଜାର, ଜଙ୍ଗଲ ଅଧିକାର ଆଇନ୨୦୦୫, ପେଶା ଆଇନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଁ ନ ଥିବା ଦାବୀ କରିଥିଲେ। ଫଳରେ ଆଦିବାସୀ ମାନେ ସରକାରୀ ଯୋଜନା ରୁ ବଞ୍ଚିତ ଥିବା ଅଭିଯୋଗ କରି ଜିଲ୍ଲାପାଳ ମଧୁସୂଦନ ଦାଶ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି।

## କାସ' ର ଅତିଥି ବୈଜ୍ଞାନିକ ଭାବେ ମନୋନୀତ ହେଲେ ଖଣ୍ଡପଡ଼ା ମାଟିର ପୁଅ ପ୍ରଦ୍ୟୁମ୍ନ

ଖଣ୍ଡପଡ଼ା, ୨୨।୫ (ଅକ୍ଷର ଓଡ଼ିଶା) ସମଗ୍ର ଓଡିଶା ରାଜ୍ୟ ପାଇଁ ପୁର୍ନବାର ଗୌରବ ଆଣିଛନ୍ତି ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧୀନ କୁଆହରା ଗ୍ରାମର ସୁନାମଧନ୍ୟ ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁମାର ସାହୁ। ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସ (କାସ) ପକ୍ଷରୁ ଆସନ୍ତା ୨୦୨୭ ବର୍ଷ ପାଇଁ ପ୍ରଦାନ କରାଯାଉଥିବା ବିଶ୍ୱ ପ୍ରସିଦ୍ଧ 'ପ୍ରେସିଡେଣ୍ଟସ୍ ଇଣ୍ଟରନ୍ୟାସନାଲ୍ ଫେଲୋସିପ୍ ଇନିସିଏଟିଭ୍' ର ଅତିଥି ବୈଜ୍ଞାନିକ ଭାବେ ଶ୍ରୀ ସାହୁ ବିଶ୍ୱସ୍ତରରେ



ମନୋନୀତ ହୋଇଥିବା ଜଣାପଡିଛି। ଏହି ପ୍ରତିଷ୍ଠିତ ଫେଲୋସିପ ଜରିଆରେ ବୈଜ୍ଞାନିକ ଶ୍ରୀ ସାହୁ 'ଚାଇନିଜ୍ ଏକାଡେମୀ ଅଫ ସାଇନ୍‌ସର 'ଇନଷ୍ଟିଚ୍ୟୁଟ ଅଫ ଥିଓରେଟିକାଲ ଫିଜିକ୍ସ'ର ପ୍ରଫେସର ଶାଓ-ଜିଆଙ୍ଗ ୱାଙ୍ଗଙ୍କ ସହ ମିଳିତ ହୋଇ ଏକ ଆନ୍ତର୍ଜାତୀୟ ଗବେଷଣା କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ସୂଚନା ମିଳିଛି।ଉଭୟଙ୍କର ମିଳିତ ସନ୍ଦର୍ଭ ମୁଖ୍ୟତଃ ରୂପାନ୍ତରିତ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଆଧାରିତ ହେବ ବୋଲି ଜଣାପଡିଛି।ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ହାଇଦ୍ରାବାଦସ୍ଥିତ 'ବିଟ୍‌ସ ପିଲାନି' ପରିଗଣିତ ହେଉଥିବା ବେଳେ ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣା ପ୍ରୋଫାଇଲ ଆହୁରି ସମୃଦ୍ଧ ଓ ସୁଦୃଢ଼ ହେବ ବୋଲି ବୈଜ୍ଞାନିକ ଶ୍ରୀ ସାହୁ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଖଣ୍ଡପଡା ବ୍ଲକ ଅଧୀନ କୁଆହରା ଗ୍ରାମର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ସମଗ୍ର ବିଶ୍ୱସ୍ତରରେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇ ପାରିଥିବା ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଏବେ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥିବା ବେଳେ ଖଣ୍ଡପଡ଼ାବାସୀ ଶ୍ରୀ ସାହୁଙ୍କ ବିଶେଷ ସଫଳତାକୁ ନେଇ ବେଶ ଗର୍ବ ଅନୁଭବ କରିଥିବା ଜଣାଯାଇଛି।

## ଡାବୁଗାଁ ଭୈରବ ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷାଙ୍କ କାର୍ଯ୍ୟଭାର ଗ୍ରହଣ

ଡାବୁଗାଁ, ୨୨/୫ (ଅକ୍ଷର ଓଡିଶା)- ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ରେ ଶ୍ରୀମତୀ ଚନ୍ଦନା ପଣ୍ଡା ନୂତନ ଅଧ୍ୟକ୍ଷ ଭାବେ ଆଜି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଗତ ଏପ୍ରିଲ ମାସରେ ପୂର୍ବତନ ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ଙ୍କ ମୃତ୍ୟୁ



ପରେ ଅଧ୍ୟକ୍ଷ ପଦବୀ ଖାଲି ପଡିଥିଲା। ଉଚ୍ଚ ଶିକ୍ଷା ବିଭାଗ ତରଫରୁ ନବରଙ୍ଗପୁର ଉପ ଜିଲ୍ଲାପାଳ ଙ୍କୁ ଅନୁମୋଦନ ପରେ ଚିଠି ନମ୍ବର ୨୬୪୯୮ ଆସିବା ପରେ ଆଜି ଭୈରବ ଡିଗ୍ରୀ ମହାବିଦ୍ୟାଳୟ ର ଓଡ଼ିଆ ଅଧ୍ୟାପିକା ଚନ୍ଦନା ପଣ୍ଡା ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ଭାବେ କାର୍ଯ୍ୟରେ ଯୋଗଦାନ ପରେ ଆଜି ଭୈରବ ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟାପିକା ଉର୍ମିଳା ବ୍ରହ୍ମା, ପୁଷ୍ପଲତା ସାହୁ,ଅଧ୍ୟାପକ ଦୟାରାମ ମନୋହର, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଓ ଉପ ଢଉକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

**AFFIDAVIT**

By virtue of an affidavit no. 79AA 395157 sworn before Executive Magistrate Gania, dtd. 11/05/2026. I, **Pramodini Pradhan**, W/o: Mahendra Pradhan, D/O- Narayan Dalei, At/P.O: Rayatadholamara, P.S: Khandapada, Dist: Nayagarh, Odisha, Pin-752085.Declare that my Aadhaar card and Voter Id Card name mention **Pramodini Pradhan** but wrongly mention Pan card **Pinu Pradhan** so I have changed my name from **Pinu Pradhan** to **Pramodini Pradhan** is one and same person. Hanceforth, I shall be known as **Pramodini Pradhan** for all purposes.

AO-A-26/132

# ଗ୍ରୀଷ୍ମରୁ ପଶୁ-ପକ୍ଷୀଙ୍କୁ ବଞ୍ଚାଇବାକୁ ଆଗେଇଲେ ଯୁବଗୋଷ୍ଠୀ

ଢେଙ୍କାନାଳ : ୨୨/୫ (ବିଜ୍ଞାନ ମହାନ୍ତି )ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ତାତିରୁ ନିରୀହ ପଶୁ-ପକ୍ଷୀଙ୍କୁ ରକ୍ଷା କରିବା ପାଇଁ ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଯୁବଗୋଷ୍ଠୀ ଏକ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ଗ୍ରାମରେ ଗଠିତ ସାମାଜିକ ଅନୁଷ୍ଠାନ 'ଆମ ଗାଁ ଆମ ବିକାଶ' ପକ୍ଷରୁ ଗ୍ରାମର ବିଭିନ୍ନ ପ୍ରମୁଖ ସ୍ଥାନରେ ପଶୁ-ପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ଜଳକୁଣ୍ଡ ସ୍ଥାପନ କରାଯାଇଛି। ଗୋବିନ୍ଦପୁର ଯାତ୍ରା ପଡିଆ, କାମନା କାଳୀ ମନ୍ଦିର, ନୂଆ ସାହି, ଗାଳପଡ଼ା ଛକ, ଆନନ୍ଦ ନଗର, ଶ୍ୟାମଚରଣପୁର, ବୋରାପଦା, ଗୋବିନ୍ଦପୁର ବାଲୁଙ୍କେଶ୍ୱର ମନ୍ଦିର ଓ ପାଣି ସମସ୍ୟା ଥିବା ପଡ଼ିଆ ଭଳି ବିଭିନ୍ନ ସ୍ଥାନରେ ସିମେଣ୍ଟ ନିର୍ମିତ ଜଳକୁଣ୍ଡ ବସାଯାଇଛି। ଅନୁଷ୍ଠାନର କର୍ମକର୍ତ୍ତା ରାକେଶ ବେହେରା କହିଛନ୍ତି , "ତାତି ୪୪ ଡିଗ୍ରୀ ପାର କଲାଣି। ଆମେ ଘରେ ପାଣି ପିଇପାରୁଛେ, କିନ୍ତୁ ବୁଲା ଗାଇ, କୁକୁର, ଚଢେଇ କୁଆଡେ ଯିବେ ଏହାକୁ ଆଖି ଆଗରେ ରଖି ଆମେ ଏହି ନିଷ୍ପତ୍ତି ନେଲୁ। ସୂଚନା



ଅନୁଯାୟୀ, ଯୁବକମାନେ ନିଜ ପକେଟ ଖର୍ଚ୍ଚରୁ ଟଙ୍କା ସଂଗ୍ରହ କରି ଓ ଗ୍ରାମବାସୀଙ୍କ ସହଯୋଗରେ କୁଣ୍ଡଗୁଡ଼ିକ ନିର୍ମାଣ କରିଛନ୍ତି। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଦୁଇଥର ଅନୁଷ୍ଠାନର ସଦସ୍ୟମାନେ ପାଳି କରି କୁଣ୍ଡରେ ପାଣି ଭର୍ତ୍ତି କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି "ପିଲାମାନଙ୍କ କାମ ଦେଖି ବହୁତ ଖୁସି। ଏବେ ଗାଈ-ଗୋରୁ, ପକ୍ଷୀ ଶାନ୍ତିରେ ପାଣି ପିଉଛନ୍ତି। ଏମିତି କାମ ସବୁ ଗାଁରେ ହେବା ଦରକାର।" 'ଆମ ଗାଁ ଆମ ବିକାଶ' ଅନୁଷ୍ଠାନ ଆଗାମୀ ଦିନରେ ଗ୍ରାମର ବିଭିନ୍ନ ସ୍ଥାନରେ ପକ୍ଷୀଙ୍କ ପାଇଁ ମାଟି ପାତ୍ର ଟାଙ୍ଗିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ କରିବ ବୋଲି କହିଛି।

# ସମ୍ବିତ ନନ୍ଦଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ପାଳିତ



ଗଁଦିଆ, ୨୨/୦୫ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲାର ସୁପରିଚିତ ମେଳାପୀ ତଥା ପ୍ରତିଭାବାନ ଯୁବନେତା ସ୍ୱର୍ଗତ ସମ୍ବିତ ନନ୍ଦ (ସୋମୁ)ଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ସମ୍ବିଦ ଇକୋ ଗାର୍ଡେନ ପରିସରରେ ଗଭୀର ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ଜ୍ୟେଷ୍ଠ ପୁତ୍ର ସ୍ୱର୍ଗତ ସମ୍ବିତଙ୍କ ସ୍ମୃତି ଚାରଣ କରି ଉପସ୍ଥିତ ଅତିଥି ଓ ଯୁବପ୍ରେମୀମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ନିଷ୍ପାପର ପଶୁ-ପକ୍ଷୀ ପ୍ରେମୀ ଏବଂ ଜନକଲ୍ୟାଣକାରୀ ବ୍ୟକ୍ତିତ୍ୱ ଭାବେ ସେ ଜିଲ୍ଲାର କୋଣ ଅନୁକୋଣର ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣି ସମାଧାନ କରୁଥିଲେ। କୋଭିଡ଼୍ ମହାମାରୀ ସମୟରେ ତାଙ୍କର ଅସମୟ ବିୟୋଗ ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସ୍ମୃତିସଭାରେ ପ୍ରକାଶ ପାଇଛି। ଏହି ଅବସରରେ ଶ୍ରୀଧର ପାତ୍ର, ମଦନ ରାଉତ, ଅସିତ ମହାନ୍ତି, ବାପୀ, ବିକାଶ ଓ ଭାଗ୍ୟବାନ ପ୍ରଧାନଙ୍କ ସମେତ ବହୁ ଯୁବକ ଉପସ୍ଥିତ ରହି ସ୍ୱର୍ଗତ ସୋମୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ସେବା ସଂକଳ୍ପକୁ ଆଗକୁ ବଢ଼ାଇବାକୁ ଶପଥ ନେଇଥିଲେ।

# ପୋଖରୀରେ ବୁଡି ଶିକ୍ଷକଙ୍କ ବିୟୋଗ



ଖଜୁରିଆକଟା ୨୨/୫(ନୀଳକଣ୍ଠ ଦାସ) ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ବାଲିମି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ଜେନାମଣି ୬୫ ଙ୍କ ସକାଳ ୮ ଘଟିକା ସମୟରେ ଗ୍ରାମ ପୋଖରୀ କୁ ଗାଧୋଇବା ପାଇଁ ଯାଇଥିବା ବେଳେ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଣେ ଛାତ୍ର ବତ୍ସଳ, ମେଳାପୀ, ଆଦର୍ଶ ଶିକ୍ଷକ ଓ ସାମଜ ସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ ଶ୍ରୀ ଜେନାମଣି। ସିଦ୍ଧପୀଠ ଉଚ୍ଚ ବିଦ୍ୟାଳୟ ଠୋକର ରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ଆଜକୁ ୫ ବର୍ଷ ତଳେ ଅବସର ଗ୍ରହଣ କରିଥିଲେ। ଅବସର ପରେ ମଧ୍ୟ ବିଭିନ୍ନ ବିଦ୍ୟାଳୟକୁ ଯାଇ ସ୍ୱେଚ୍ଛାକୃତ ଭାବେ ଶିକ୍ଷାଦାନ କରୁଥିଲେ। ଏତ ଦୃଶ୍ୟ କାର୍ଯ୍ୟ ପାଇଁ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ। ପୋଖରୀରୁ ଜେନାମଣି ଙ୍କୁ ବାଲିମି ଦମକଳ ବାହିନୀ ଉଦ୍ଧାର କରିବା ସହ ପରିବାର ଲୋକଙ୍କ ସହାୟତାରେ ନିକଟସ୍ଥ ଖଜୁରିଆକଟା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଲିଖିତ ଅଭିଯୋଗ ପରେ ବାଲିମି ପୋଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ଶବ ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଥିଲା। ଗ୍ରାମ୍ୟ ଶ୍ମଶାନରେ ଶବଦାହ ହୋଇଥିବା ବେଳେ ଏକ ମାତ୍ର ପୁତ୍ର ଶୋଭେନ୍ ମୁଖାଗ୍ନି ଦେଇଥିଲେ।

# ବସୋଇ ଗ୍ରାମରେ ଲୋଭୋଲଟେଜ ଯୋଗୁଁ ଗ୍ରାମବାସୀ ହନ୍ତସନ୍ତ



କାମାକ୍ଷାନଗର: ୨୧/୫(ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୋଇ ଗ୍ରାମରେ ଲୋ ଭୋଲଟ୍ଟେଜ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ବସୋଇ ଗ୍ରାମର ରହିଥିବା ପ୍ରାୟ ସାତଶହ ଘର ଦୀର୍ଘ ଏକ ବର୍ଷ ରୁ ଉର୍ଦ୍ଧ ହେବ ଲୋ ଭଲଟ୍ଟେଜ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ । ଆବେଦନ କରାଯାଇଥିଲେ ହିମଧ ଦୀର୍ଘଦିନ ଧରି ବିଭାଗୀୟ ସ୍ତରରେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଫଳରେ ବିଦ୍ୟୁତ କମ୍ପାନୀ କୁ ମାସିକ ବିଲ ପୈଠ କରାଯାଉଥିବା ବେଳେ ଲୋଭଲଟ୍ଟେଜ ଯୋଗୁଁ ଗ୍ରୀଷ୍ମ ଋତୁ ରେ ପଙ୍ଖା ବୁଲିବା ସମ୍ଭବ ହେଉ ନାହିଁ । ଗ୍ରାମର ସଂପୃକ୍ତ ଘରର ସଦସ୍ୟ ମାନେ ଦିନରେ ଆମ୍ବ ଗଛ ତଳେ ଖଟ ପକାଇ ବସୁଥିବା ବେଳେ ସନ୍ଧ୍ୟାରେ ଘର ସମ୍ମୁଖରେ ଖଟ ପକାଇ ବସିବା ସହିତ ରାତିରେ ଶୋଉଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ୨୦୦ କେଭି ଲାଗିଥିବା ଟ୍ରାନଫର୍ମ କୁ ସାତଶହ କଂଜୁଭର ଥିବା ହେତୁ ଲୋଭୋଲଟ୍ଟେଜ ହେଉଛି ଗ୍ରାମବାସୀ ଅନୁରୋଧ ୫୦୦ କେଭି ଲଗାଇବା ପାଇଁ ଏଥି ପ୍ରତି ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ସଂପୃକ୍ତ ଗୃହର ସଦସ୍ୟମାନେ ସୂଚନା ଦେଇଛନ୍ତି ।

# ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ ହାର ଶତ ପ୍ରତିଶତ

ଢେଙ୍କାନାଳ/ ଓଡାପଡା ୨୨/୫ (ବିଜ୍ଞାନ ମହାନ୍ତି ) ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇନ୍ଦିପୁର, ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ +୨ ବାର୍ଷିକ ପରୀକ୍ଷା ରେ, ବିଜ୍ଞାନ ବିଭାଗ ରେ ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ, କଳା ବିଭାଗରେ ୯୬% ଛାତ୍ରଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି। ବିଜ୍ଞାନ ବିଭାଗରେ ସମୁଦାୟ ୪୨ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୦ ଜଣ, ଦ୍ୱିତୀୟ ଶ୍ରେଣୀ ରେ ୧୧ ଜଣ ଓ ତୃତୀୟ ଶ୍ରେଣୀ ରେ ୧ ଜଣ ପାସ୍ ହୋଇଛନ୍ତି। ସେଇଭଳି କଳା ବିଭାଗରେ ସମୁଦାୟ ୧୨୩ ଜଣଙ୍କ ମଧ୍ୟରୁ ୧୧୭ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀ ରେ ୩୯ ଜଣ, ଦ୍ୱିତୀୟ ଶ୍ରେଣୀ ରେ ୨୩ ଜଣ ଓ ତୃତୀୟ ଶ୍ରେଣୀ ରେ ୫୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନ ବିଭାଗ ରେ ଶକ୍ତିରଞ୍ଜନ ସାହୁ ସର୍ବୋଚ୍ଚ ୯୩.୩୮% ନମ୍ବର ରଖିଥିବା ବେଳେ, କଳା ବିଭାଗରେ ଲକ୍ଷ୍ମୀ ପ୍ରିୟା ନାୟକ ସର୍ବୋଚ୍ଚ ୯୦% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। କଲେଜ ଅଧକ୍ଷ୍ୟ ପ୍ରଦୀପ କୁମାର ମିଶ୍ର ଏହି ସଫଳତା ପାଇଁ ସମସ୍ତ ଅଧ୍ୟାପିକା,ଅଧ୍ୟାପକ,ବିଦ୍ୟାର୍ଥୀ, ଓ ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ



ଗଁଦିଆ ୨୨/୦୫ (ବେତୁଜୀ ପ୍ରସାଦ):ବିଦ୍ୟା ଅଟେ ମହାଧନ, ଆଉ ସେହି ସାଧନାରେ ସିଦ୍ଧିପ୍ରାପ୍ତ କରିଥିବା ଯୋଗ୍ୟ ସନ୍ତାନମାନଙ୍କ ପାଇଁ ଆଜି ଉତ୍ସବମୁଖର ହୋଇପଡ଼ିଛି ପବିତ୍ର ଶିକ୍ଷା ଅନୁଷ୍ଠାନ। ଗଁଦିଆ ସ୍ଥିତ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିକ୍ଷା ବର୍ଷର କୃତୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଭାବପୂର୍ଣ୍ଣ ଆଶୀର୍ବାଦ ତଥା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମା' ସରସ୍ୱତୀଙ୍କ ଅପାର କରୁଣାରୁ ଅନୁଷ୍ଠାନର ବିଦ୍ୟାର୍ଥୀମାନେ ନିଜର ନିଷ୍ପାପର ଶ୍ରମ ବଳରେ ସମଗ୍ର ଅଞ୍ଚଳ ପାଇଁ ଗୌରବ ବହନ କରି ଆଣିଛନ୍ତି। ଏହି ଶିକ୍ଷା ମହାଯଜ୍ଞରେ ବିଜ୍ଞାନ ବିଭାଗର ମେଧାବୀ ଛାତ୍ରୀ ପ୍ରୀତିପ୍ରିୟା ସାହୁ ସର୍ବାଧିକ ୫୩୦ ନମ୍ବର ହାସଲ କରି ସଫଳତାର ସ୍ୱର୍ଣ୍ଣ ଶୀର୍ଷ ସ୍ପର୍ଶ କରିଥିବା ବେଳେ, କଳା ବିଭାଗର ଲକ୍ଷ୍ମୀପ୍ରିୟା ସାମଲ ମଧ ନିଜର ପ୍ରଜ୍ଞା ବଳରେ ୫୧୦ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାର୍ଥୀଙ୍କର ଏହି ଅପୂର୍ବ ସଫଳତା ସତେ ଯେମିତି କଠିନ ତପସ୍ୟାର ଏକ ସାର୍ଥକ ଫଳଶ୍ରୁତି। ଦିବ୍ୟ ଆଶୀର୍ବାଦ ଓ ସାରସ୍ୱତ ସମ୍ବର୍ଦ୍ଧନା ମାର୍ଗଦର୍ଶକ ସଦୃଶ ଅନୁଷ୍ଠାନର ମାନ୍ୟବର ଅଧକ୍ଷ ଗୋଲକ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଏହି ଶୁଭ ସମାରୋହ ସମ୍ପନ୍ନ ହୋଇଥିଲା। ସେ କୃତୀ ବିଦ୍ୟାର୍ଥୀଙ୍କୁ ଶୁଦ୍ଧତାର ପ୍ରତୀକ 'ଉତ୍ତରୀୟ', ଜ୍ଞାନର ପ୍ରତୀକ 'କଲମ' ଏବଂ ସୌରଭର ପ୍ରତୀକ 'ପୁଷ୍ପଗୁଚ୍ଛ' ପ୍ରଦାନ କରି ଆନ୍ତରିକ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ମଙ୍ଗଳମୟ ଅବସରରେ ଅଧ୍ୟାପକ ସନାତନ ଦାସ, ହରିନାରାୟଣ ସେନାପତି, ପ୍ରିୟବ୍ରତ ପାତ୍ର, ଦେବରାଜ ଓଝା (ମୁଖ୍ୟ କିରାଣୀ), ହିମାଂଶୁ ଭୁଡିଆ(ଡିଇଓ), ଯୁଆଙ୍ଗ ସେଠି, ଭାଗିରଥି ସେଠି ଏବଂ ସୁମନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସାରସ୍ୱତ ସାଧକମାନଙ୍କୁ ସ୍ନେହଭରା ଆଶୀର୍ବାଦ ପ୍ରଦାନ କରିଥିଲେ। ସମସ୍ତ ଗୁରୁଜନଙ୍କ ମନ୍ତ୍ରୋଚ୍ଚାରଣ ସଦୃଶ ହିତୋପଦେଶ ଓ ଶୁଭେଚ୍ଛା ମଧ୍ୟରେ ସମାରୋହଟି ଅତି ଆଧ୍ୟାତ୍ମିକ ଓ ଭାବଗମ୍ଭୀର ପରିବେଶରେ ଉଦ୍‌ଯାପିତ ହୋଇଯାଇଛି।



'ଜ୍ଞାନର ମାର୍ଗ ହିଁ ଜୀବନର ଶ୍ରେଷ୍ଠ ପଥ। ଛାତ୍ରଛାତ୍ରୀଙ୍କ ଏହି ସାରସ୍ୱତ ସାଧନା ଅନ୍ୟମାନଙ୍କ ପାଇଁ ଏକ ଦିବ୍ୟ ପ୍ରେରଣା ସାଜିବ।'

**— ଶ୍ରୀଯୁକ୍ତ ଗୋଲକ ଚନ୍ଦ୍ର ନାୟକ (ଅଧକ୍ଷ, କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗଁଦିଆ)**

# ଯୁକ୍ତ ଦୁଇ ବିଜ୍ଞାନରେ ୯୧% ମାର୍କ ରଖି ସଫଳତା ଆଣିଲେ ସୁନାଝିଅ ରିଙ୍କି



କାମାକ୍ଷାନଗର: ୨୨/୫(ସୁମନ୍ତ ଜେନା)ବାପା ଜଣେ ଦିନ ମଜୁରିଆ କ୍ଷ ଆର୍ଥିକ ପରିସ୍ଥିତି ବହୁ ଜଟିଳ । ଆଉ ସେହି ଜଟିଳ ଆର୍ଥିକ ସମସ୍ୟା କୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଅଭାବୀ ଭିତରେ ମେଧାବୀ ଛାତ୍ରୀ ହୋଇ ସଫଳତା ପାଇଛନ୍ତି କାମାକ୍ଷାନଗର ଉପଖଣ୍ଡ ର ମାର୍ଥାପୁର ଗ୍ରାମ ର ରିଙ୍କି ରାଉତ । ଚଳିତ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ରେ ରିଙ୍କି ୯୧% ନମ୍ବର ରଖି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି କ୍ଷ ମାର୍ଥାପୁର ଗ୍ରାମ ର ପ୍ରଭାକର ରାଉତ ଓ ଅହଲ୍ୟା ରାଉତ ଙ୍କ ମଝିଆ ଝିଅ ରିଙ୍କି । ବାପା ପ୍ରଭାକର ଜଣେ ଦିନମଜୁରିଆ ହୋଇଥିବା ବେଳେ ତିନୋଟି ଝିଅ ଙ୍କୁ ନେଇ ତାଙ୍କ ସଂସାର । ମଜୁରିଆ ଭାବେ କାମ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇଥିବା ବେଳେ ଝିଅ ରିଙ୍କି ସାଜିଛି ପରିବାର ପାଇଁ ଅନ୍ଧାର ଭିତରେ ଆଲୋକ ର ଶିଖା କ୍ଷ ଗାଁ ଠାରୁ ସାତ କିଲୋମିଟର ଦୂର ମଠକରଗୋଳା ମହାବିଦ୍ୟାଳୟ ରେ ପାଠପଢୁଛନ୍ତି ରିଙ୍କି । ଘର ର ଆର୍ଥିକ ପରିସ୍ଥିତି ଯୋଗୁଁ ବିନା କୌଣସି ଟିୟୁସନ ରେ ସକାଳୁ ନିଜ ସାଇକେଲ ଯୋଗେ ଘରୁ ମଠକରଗୋଳା ମହାବିଦ୍ୟାଳୟ କୁ ଯାଆନ୍ତି ରିଙ୍କି । ଆଉ ନିଜର ପରିଶ୍ରମ ଫଳରେ ଚଳିତ ଯୁକ୍ତ ଦୁଇ ପରୀକ୍ଷାରେ ୯୧% ନମ୍ବର ରଖି ନିଜ ପାଇଁ, ପରିବାର ପାଇଁ, ଗ୍ରାମ ପାଇଁ ଗୌରବ ଆଣିଛନ୍ତି ରିଙ୍କି । ନିଜେ ଜଣେ ଗରିବ ହୋଇଥିବା କାରଣ ରୁ ଭବିଷ୍ୟତ ରେ ଜଣେ ଶିକ୍ଷକ ହୋଇ ଗରିବ ପିଲାଙ୍କୁ ଶିକ୍ଷାଦାନ କରିବା ପାଇଁ ମନବଳାଇଛନ୍ତି ରିଙ୍କି । ତେବେ ଘର ର ଆର୍ଥିକ ପରିସ୍ଥିତି ରିଙ୍କି ଙ୍କ ଉଚ୍ଚତର ଶିକ୍ଷାପାଇଁ ବାଧକ ହୋଇଥିବା ବେଳେ ସରକାରୀ ସ୍ତର ରେ କିଛି ସହାୟତା ମିଳିଲେ ସେ ଆଗକୁ ପାଠ ପଢିପାରିବା ନେଇ ପରିବାର ଲୋକ ଓ ଗ୍ରାମବାସୀ ନିବେଦନ କରିଛନ୍ତି ।

# ତିନି ମା'ଙ୍କ ସୁରକ୍ଷା ହିଁ ଜୀବନର ଶ୍ରେଷ୍ଠ ଆରାଧନା

ଗଁଦିଆ ୨୨/୦୫ (ବେତୁଜୀ ପ୍ରସାଦ):ସୃଷ୍ଟିର ସବୁଠାରୁ ପବିତ୍ର ଓ ମହାନ ଶବ୍ଦ ହେଉଛି 'ମା'। ଆଉ ଏହି ମା'ର ସେବା ଓ ସୁରକ୍ଷା ହିଁ ମାନବ ଜୀବନର ପରମ ଧର୍ମ। ଏଭଳି ଏକ ଭାବପୂର୍ଣ୍ଣ ତଥା ଆଧ୍ୟାତ୍ମିକ ବାର୍ତ୍ତା ସହ ଢ଼େଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଇଲେଇଜଙ୍ଗ ଗ୍ରାମରେ ରବି ୨୦୨୫-୨୬ ଫସଲ ପାଇଁ 'ଧାନ ପରବର୍ତ୍ତୀ ପଡିଆ ଜମିର ବ୍ୟାପକ ପରିଚାଳନା ଓ ଡାଲି



ଜାତୀୟ ଫସଲ (ମୁଗ ଚାଷ)' ସମ୍ପର୍କିତ ଏକ ସ୍ୱତନ୍ତ୍ର 'କ୍ଷେତ୍ର ଦିବସ' କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ଢ଼େଙ୍କାନାଳ)ଙ୍କ ସୌଜନ୍ୟରୁ ଏବଂ ଗଁଦିଆ ବ୍ଲକ କୃଷି ଅଧିକାରୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ ଜଣରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଚାଷୀ ଭାଇଭଉଣୀଙ୍କ ସମାଗମ ହୋଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସହକାରୀ କୃଷି ଅଧିକାରୀ ଶ୍ରୀମତୀ ମିନତି ନାୟକ ଚାଷୀମାନଙ୍କୁ କୃଷିର ବୈଜ୍ଞାନିକ ଉପାୟ ସହ ଏହାର ଆଧ୍ୟାତ୍ମିକ ସନ୍ତୁଳନ ସମ୍ପର୍କରେ ଅବଗତ କରାଇଥିଲେ। ସେ ନିଜର ଅମୃତ ବଚନରେ କହିଥିଲେ ଯେ, ପ୍ରତ୍ୟେକ ମଣିଷର ଜୀବନରେ ତିନୋଟି 'ମା'ଙ୍କ ସ୍ଥାନ ସର୍ବୋପରି। ପ୍ରଥମେ ଆମକୁ ଜନ୍ମ ଦେଇଥିବା 'ଜନ୍ମଦାତ୍ରୀ ମା', ଦ୍ୱିତୀୟରେ ସମଗ୍ର ସଂସାରକୁ ପାଳନ କରୁଥିବା 'ଗୋମାତା' ଏବଂ ତୃତୀୟରେ ଆମ ଶରୀରକୁ ଅନ୍ନ ଯୋଗାଇ ବଞ୍ଚାଇ ରଖିଥିବା 'ମାଟି ମା'। 'ଏହି ତିନି ମା'ଙ୍କ ସୁରକ୍ଷା ଓ ସେବା କରିବା ପ୍ରତ୍ୟେକ ସନ୍ତାନର ପରମ କର୍ତ୍ତବ୍ୟ। ଧାନ ଅମଳ ପରେ ପଡ଼ିଆ ପଡ଼ିଥିବା ଜମିରେ ମୁଗ ଭଳି ଡାଲିଜାତୀୟ ଫସଲ କରିବା ଦ୍ୱାରା ମାଟି ମା'ର ସ୍ୱାସ୍ଥ୍ୟ ଓ ଉର୍ବରତା ରକ୍ଷା ହୋଇଥାଏ।' - ଶ୍ରୀମତୀ ମିନତି ନାୟକ। ଏହି କାର୍ଯ୍ୟକ୍ରମ ସମୟରେ ଚାଷୀ ଭାଇମାନେ ଚାଷ ଜମିର ସୁରକ୍ଷା ଓ ବିଧିବଦ୍ଧ କୃଷି ପ୍ରଣାଳୀକୁ ନେଇ ଅନେକ ପ୍ରଶ୍ନ ପଚାରିଥିଲେ, ଯାହାର ଅତି ସରଳ ଓ ବୈଜ୍ଞାନିକ ସମାଧାନ କୃଷି ଅଧିକାରୀଙ୍କ ଦ୍ୱାରା କରାଯାଇଥିଲା। ଏହି ସମାବେଶରେ ଭି.ଏଲ.ଡବ୍ଲ୍ୟୁ ମାମିନା ସ୍ୱାଇଁ, କୃଷକ ସାଥୀ ଶ୍ରୀବତ୍ସ କୁମାର ସାହୁ, ଅଜୟ ସାହୁ ଏବଂ ସ୍ଥାନୀୟ ଜନସେବା କର୍ମୀ ବେତୁଜୀ ପ୍ରସାଦ ବେହେରା ଉପସ୍ଥିତ ରହି ଚାଷୀମାନଙ୍କୁ ମାର୍ଗଦର୍ଶନ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାଟି ମା'ର ଜୟଗାନ ଏବଂ କୃଷିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାର ସଂକଳ୍ପ ସହ ଏହି କ୍ଷେତ୍ର ଦିବସ ସମାପ୍ତ ହୋଇଛି।

# ମିନକେତନ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ



ହିନ୍ଦୋଳ/ଖଜୁରିଆକଟା ୨୨/୫(ନୀଳକଣ୍ଠ ଦାସ)(ଅଜୟ କୁମାର ଭଞ୍ଜ ) ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ବ୍ୱାନ୍ଧ ଠାରେ ଥିବା ମିନକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ ହୋଇଯାଇଅଛି । ପୁରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ମାଝୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସ୍ୱତନ୍ତ୍ର ଅତିଥି ରୂପେ ହିନ୍ଦୋଳ ବିଧାୟିକା ସିମାରାଣି ନାୟକ ମୂଖ୍ୟ ବକ୍ତା ଭାବେ ଡ କାଳିଆ ସେଠୀ ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଜନତା ମହାବିଦ୍ୟାଳୟ ବଇଣ୍ଡା , ସମ୍ମାନୀତ ଅତିଥି ରୂପେ ଢ଼େଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ହିନ୍ଦୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀ, କୃଷ୍ଣ ଚନ୍ଦ୍ର ଆଇଚ, କୈଳାସ ଚନ୍ଦ୍ର ବେହେରା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପତି, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା ବାବନ୍ଧ ସରପଞ୍ଚ ଶ୍ରୀମତୀ ରୁନୁବାଳା ବେହେରା ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ରଣସିଂହ ଯୋଗ ଦେଇଥିଲେ। ବିଦ୍ୟାଳୟ ର ବିବରଣୀ ପାଠ କରିଥିଲେ ପୁରାତନ ଛାତ୍ର ଲିଙ୍ଗରାଜ ସାହୁ ଶେଷରେ ଲକ୍ଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ୟାମସୁନ୍ଦର ସାହୁ,ଦୂଲଭ ସାମଲ, ହିମାଂଶୁ ବିଶ୍ୱାଳ,ପ୍ରଦ୍ୟୁତ ବିଶ୍ୱାଳ ପରିଚାଳନା କରୁଥିବା ବେଳେ ପୂର୍ବତନ ଛାତ୍ର ସଂସଦ ଓ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ଉତ୍ସବ ଆସନ୍ତା ୨୩ ଓ ୨୪ ତାରିଖ ଦିନ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ, ପ୍ରଶାସନିକ ଅଧିକାରୀ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ରୂପେ ଯୋଗଦ୍ୱେିର କାର୍ଯ୍ୟକ୍ରମ ରହିଥିବା ଆୟୋଜକ ଙ୍କ ସୂତ୍ରରୁ ଜଣାପଡିଛି ।

# ମୁକୁଳା ପଡିଛି ଖୋଲା ଡ୍ରେନ ବିପଦ ପୁର୍ଣ୍ଣ ଆଶଙ୍କାରେ ମଡିସାହି ବାସିନ୍ଦା



କାମାକ୍ଷାନଗର: ୨୨/୪(ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ୨ ନମ୍ବର ଓ୍ୱାର୍ଡ ରେ ଦେଖିବାକୁ ମିଳୁଛି ଏକ ଦୁର୍ଭାଗ୍ୟ ଜନକ ପରିସ୍ଥିତି । ସାହି ଭିତର ମୁଖ୍ୟ ରାସ୍ତା ଯାହାକି ବଜାର କୁ ସଂଯୋଗ କରୁଛି ସହ ସହ ଲୋକ ଏହି ରାସ୍ତାରେ ଯିବା ଆସିବା କରନ୍ତି । ଅନେକ ସମୟରେ ଦେଖିବାକୁ ମିଳୁଛି ମୁକୁଳା ପଡ଼ିଥିବା ଖୋଲା ଡ୍ରେନ ରେ ଗାଈ, ଗୋରୁ ଠୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ଖୋଲା ଡ୍ରେନ ରେ ପଡି ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏଠି କହିବାକୁ ଗଲେ ଠିକାଦାର ଡ୍ରେନ ଉପରେ ସ୍ଲାପ ନପକାଇ ଠିକାଦାର ମାଲାମାଲ ସାଧାରଣ ଜନତା ବେହାଲ । ବିଭାଗୀୟ କର୍ତ୍ତୃପକ୍ଷ ଏପରି ଦୁର୍ନୀତି କୁ କିପରି ପ୍ରଶୟ ଦେଉଛନ୍ତି ଓ କିପରି ତାଙ୍କର ଦୃଷ୍ଟି ଗୋଚର ହେଉନାହିଁ ଏହା ବଡ଼ ଦୁର୍ଭାଗ୍ୟ ଜନକ କଥା । ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ କିପରି ତଦନ୍ତ ହେଉଛି ଓ ଲଗାମ ଛଡା ଠିକାଦାର ଙ୍କୁ ବିଭାଗୀୟ ଯନ୍ତ୍ରୀ କେବେ ଲଗାମ ଲଗାଉଛନ୍ତି ତାହା ସାଧାରଣ ଜନତା ଚାହିଁ ରହିଛନ୍ତି ।

# ୪ଦିନହେଲା ଅନ୍ଧାରରେ କନ୍ତାମିଳାବାସି ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଖଜୁରିଆକଟା ୨୨/୫(ନୀଳକଣ୍ଠ ଦାସ)ଢେଙ୍କାନାଳଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳବ୍ଲକ ଅନ୍ତର୍ଗତ କନ୍ତାମିଳାପଂଚାୟତ ବାସି ଆଜକୁ ୪ଦିନ ହେବ ଅନ୍ଧାରରେ। ଖବରରୁ ପ୍ରକାଶ ଗତ ୧୮ତାରିଖରୁ ହିନ୍ଦୋଳ ବିଦ୍ୟୁତବିଭାଗର ବେପରବାୟ ପାଇଁ କନ୍ତାମିଳା ପଂଚାୟତର ଅଧୀନ ଧୋବଣୀନନ୍ଦର ,ବିଲେଇଖଳି,ଉପରପାଳ,ଗୋହିରାଛୋଡ, ଦିଅରପଶି, ଖଜୁରିଆମୁଣ୍ଡା ଇତ୍ୟାଦି ଗ୍ରାମ ଗୁଡିକରେ ବିଦ୍ୟୁତ କଟି ଯାଇଥିବାରୁ ଶହଶହ ଗ୍ରାମବାସି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ହନ୍ତସନ୍ତ ହେବାସହ ଅନ୍ଧାରରେ ଦିନ କାଟୁଛନ୍ତି। ହାତୀପ୍ରବଣ ଏହି ଅଞ୍ଚଳରେ ରାତିରେ ହାତୀ ସହିତ ବନ୍ୟଜନ୍ତୁ ଭୟ ଦିନରେ



ସନଷ୍ଟ୍ରୋକ ଆଶଙ୍କା।ବିଦ୍ୟୁତକାଟ ପାଇଁ ପଂଚାୟତବାସି ସ୍ଥାନୀୟ ବିଦ୍ୟୁତବିଭାଗକୁ ଜଣାଇଥିଲେ ହେଁ ବିଭାଗ କର୍ଣ୍ଣପାତ ନକରିବାରୁ ଶହଶହ ପଂଚାୟତବାସି ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଟାଟା ପାୱାରର ବ୍ରିଟିଶରାଜରେ ଯଉଠି ସରକାରଙ୍କ ମୁଖ୍ୟମନ୍ତ୍ରୀ,ମନ୍ତ୍ରୀ,ସାଂସଦ, ବିଧାୟକ ମାନଙ୍କୁ ଏବଂ ପ୍ରଶାସନକୁ ତିଳେମାତ୍ର ହେୟଜ୍ଞାନ କରୁନି ଏ କ୍ଷେତ୍ରରେ ନ୍ୟାୟ ପାଇଁ ଜନତା ଆଶା ଛାଡି ଦେଇଥିଲେବି ହିନ୍ଦୋଳର ଦକ୍ଷ କର୍ତବ୍ୟପରାୟଣ ଉପଜିଲ୍ଲାପାଳ ପ୍ରଭାସ ବେଉରା ସମାଧାନ ପାଇଁ ପ୍ରତିଶୃତି ଦେଇଛନ୍ତି ଯାହାକି ଲୋକଙ୍କ ମନରେ ଆଶା ସଂଚାର କରିଛି। ତେବେ ଭୀଷଣ ଗ୍ରୀଷ୍ମପ୍ରବାହରେ ଲୋକ ଘରୁ ବାହାରିବାକୁ ଭୟ କରୁଥିବାବେଳେ ହିନ୍ଦୋଳ ବିଦ୍ୟୁତବିଭାଗର ଦୈନିକ ଅଘୋଷିତ ବିଦ୍ୟୁତକାଟ, ଦାଦାଗିରି ପାଇଁ ଅତିଷ୍ଠ ଜନସାଧାରଣ ଦରକାର ପଡିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଟାଟା ବିଦ୍ୟୁତ ବିଭାଗକୁ ଦୃଢ଼ ବିରୋଧ କରିବେବୋଲି ହିନ୍ଦୋଳ ନିର୍ବାଚନମଣ୍ଡଳୀ ବାସି ଚେତାବନୀ ଦେଇଛନ୍ତି ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ମହୁମାଛି

ନୂଆଦିଲ୍ଲୀସ୍ଥିତ ଗାନ୍ଧୀ ଦର୍ଶନ କାର୍ଯ୍ୟାଳୟରୁ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର ଦେଶବ୍ୟାପୀ କେଭିଆଇସି କାର୍ଯ୍ୟାଳୟ, ମହୁଚାଷୀ, ଲାଭାନ୍ୱିତ, ବୈଜ୍ଞାନିକ, ଛାତ୍ରଛାତ୍ରୀ, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ସମ୍ବୋଧନ କରିଥିଲେ। ଏହି ଅବସରରେ ସେ ପୁଣେସ୍ଥିତ କେନ୍ଦ୍ରୀୟ ମହୁମାଛି ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ (ସିବିଆରଟିଆଇ)ରେ ଆୟୋଜିତ ''ହନି ପ୍ରଦର୍ଶନୀ''କୁ ମଧ୍ୟ ଭର୍ଚୁଆଲ୍ ଭାବେ ଉଦଘାଟନ କରିଥିଲେ। ଏହି ବର୍ଷର ବିଶ୍ୱ ମହୁମାଛି ଦିବସର ଥିମ୍ - ''Bee Together for People and the Planet'' - ଅନୁଯାୟୀ, ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା, କୃଷି ଉତ୍ପାଦକତା ଏବଂ ଜୀବ ବିବିଧତାକୁ ସୁଦୃଢ଼ କରିବାରେ ମହୁମାଛିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ଭର୍ଚୁଆଲ୍ ଭାବେ ଯୋଗଦେଇଥିବା ଅଂଶଗ୍ରହଣକାରୀ ମାନଙ୍କୁ ସମ୍ବୋଧନ କରି କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର କହିଥିଲେ ଯେ, ଏହି ବର୍ଷର ବିଶ୍ୱ ମହୁମାଛି ଦିବସ କାର୍ଯ୍ୟକ୍ରମଗୁଡ଼ିକୁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶକ୍ତି ସଂରକ୍ଷଣ, ସମ୍ପଦର ସୁବିଚାରିତ ବ୍ୟବହାର ଏବଂ କମ୍ ଖର୍ଚ୍ଚରେ କାର୍ଯ୍ୟକର ପରିଚାଳନା ଦୃଷ୍ଟିକୋଣ ଅନୁଯାୟୀ ଭର୍ଚୁଆଲ୍ ମାଧ୍ୟମରେ ଆୟୋଜନ କରାଯାଇଛି। ଏଥିରେ ଅନାବଶ୍ୟକ ଯାତ୍ରା ଓ ଇନ୍ଧନ ବ୍ୟୟ କମିଥିବା ସହ ଦେଶର ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟକ ଲୋକଙ୍କ ସହଭାଗିତା ସୁନିଶ୍ଚିତ ହୋଇପାରିଛି। ସେ ଆହୁରି କହିଥିଲେ ଯେ, ମହୁମାଛି ପ୍ରକୃତି ଓ କୃଷି ପରିବେଶ ବ୍ୟବସ୍ଥାର ଅତ୍ୟନ୍ତ ଜରୁରୀ ସୁରକ୍ଷକ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ''ଶ୍ୱେତ ବିପ୍ଳବକୁ ମିଠା ବିପ୍ଳବରେ ପରିଣତ କରିବା'' ଦୃଷ୍ଟିକୋଣ ଗ୍ରାମୀଣ କ୍ଷେତ୍ରରେ ସ୍ୱରୋଜଗାର ଓ ଆତ୍ମନିର୍ଭରତାକୁ ଦ୍ରୁତଗତିରେ ବୃଦ୍ଧି କରିଛି। ଆଜି ମହୁଚାଷ କୃଷି, ପରିବେଶ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାର ଏକ ସଶକ୍ତ ମାଧ୍ୟମ ହୋଇପାରିଛି। କେଭିଆଇସି ଅଧ୍ୟକ୍ଷ ଆହୁରି କହିଥିଲେ ଯେ, ସମଗ୍ର ବିଶ୍ୱ ଯେତେବେଳେ ମହୁମାଛି ସଂରକ୍ଷଣ ନେଇ ଚିନ୍ତିତ, ସେତେବେଳେ ଭାରତ ଏହି ଦିଗରେ ସକାରାତ୍ମକ ପଦକ୍ଷେପ ନେଇଛି ଏବଂ ଏହାର ମୂଳ କୃତିତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱକୁ ଯାଏ। ସେ କହିଥିଲେ ଯେ, ୨୦୧୬ ମସିହାରେ ଗୁଜରାଟର ବନାସକଣ୍ଠା ଠାରୁ ''ସ୍ୱିଟ୍ ରେଭଲୁସନ୍'' ଆରମ୍ଭ କରିବାବେଳେ ପ୍ରଧାନମନ୍ତ୍ରୀ କହିଥିଲେ ''ଯେଉଁଠାରେ ଶ୍ୱେତ ବିପ୍ଳବ ହୋଇଛି, ସେଠାରେ ଏବେ ମିଠା ବିପ୍ଳବ ମଧ୍ୟ ହେବ।'' ଏହା କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ଗ୍ରାମ, କୃଷକ ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ଏକ ସମଗ୍ର ଦୃଷ୍ଟିକୋଣ। ପ୍ରଧାନମନ୍ତ୍ରୀଙ୍କ ଏହି ଦୃଷ୍ଟିକୋଣରୁ ପ୍ରେରିତ ହୋଇ କେଭିଆଇସି ୨୦୧୭ ମସିହାରେ 'ହନି ମିଶନ' ଆରମ୍ଭ କରିଥିଲା, ଯାହା ଆଜି ଗ୍ରାମୀଣ କ୍ଷେତ୍ରରେ ରୋଜଗାର ଓ ଆତ୍ମନିର୍ଭରତାର ଏକ ସଶକ୍ତ ମାଧ୍ୟମ ହୋଇଉଠିଛି। କେଭିଆଇସି ଅଧ୍ୟକ୍ଷ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣରୁ ପ୍ରେରିତ 'ହନି ମିଶନ' ଅଧୀନରେ ୨୦୧୭-୧୮ ରୁ ୨୦୨୫-୨୬ ପର୍ଯ୍ୟନ୍ତ ଦେଶବ୍ୟାପୀ ୨,୪୬,୦୯୯ଟି ମହୁବାକ୍ସ ଓ ମହୁମାଛି କଲୋନୀ ବଣ୍ଟନ କରାଯାଇଛି, ଯାହା ଫଳରେ ୨୪,୨୬୯ ମେଟ୍ରିକ୍ ଟନ୍ ମହୁ ଉତ୍ପାଦନ ବୃଦ୍ଧି ପାଇଛି।

୨୦୨୫-୨୬ ମସିହାରେ ମହୁ ଉତ୍ପାଦନ ପ୍ରାୟ ୫,୫୧୨ ମେଟ୍ରିକ୍ ଟନ୍ କୁ ପହଞ୍ଚିଛି। ଏହା ସହିତ, ୨୦୨୫-୨୬ ଅର୍ଥବର୍ଷରେ କେଭିଆଇସି ସହ ସଂପୃକ୍ତ ମହୁଚାଷୀମାନେ ପ୍ରାୟ ୩୧ କୋଟି ଟଙ୍କାର ମହୁ ରପ୍ତାନି କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ୟୁଏଇ, ଇସ୍ରାଏଲ, ସୌଦି ଆରବ, ଓମାନ, ସିଙ୍ଗାପୁର, ଅଷ୍ଟ୍ରେଲିଆ, କତାର ଏବଂ ରିପବ୍ଲିକ୍ ଅଫ୍ କୋରିଆ ସହିତ ଅନେକ ଦେଶକୁ ଭାରତୀୟ ମହୁ ରପ୍ତାନି ହେଉଛି, ଯାହା ଭାରତୀୟ ମହୁର ବୃଦ୍ଧିଶୀଳ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତିଫଳିତ କରୁଛି।

# ଟିମ୍ ଇଣ୍ଡିଆରେ ଆଇପିଏଲ ଲବି

କ୍ରିକେଟ ଭାରତରେ କେବଳ ଗୋଟିଏ ଖେଳ ନୁହେଁ, ଧର୍ମ। ନିଜର ଅଦମ୍ୟ ଚେଷ୍ଟା, କଠିନ ପରିଶ୍ରମ ଆଉ ସଂଘର୍ଷ ପରେ ଜଣେ ଖେଳାଳି ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥାଏ। ମାତ୍ର ଯେତେବେଳେ ଟିମ୍ ଇଣ୍ଡିଆ ଚୟନରେ ପକ୍ଷପାତିତା ଆସେ ସେତେବେଳେ ପ୍ରଶଂସକ ଓ ଯୋଗ୍ୟ ଖେଳାଳିଙ୍କ ମନୋବଳ ଚୂର୍ ମାର ହୋଇଯାଏ। ନିକଟରେ ମଧ୍ୟ ଭାରତୀୟ ଦଳ ଚୟନରେ ଏ ଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଅନେକ ଖେଳାଳିଙ୍କ ଚୟନକୁ ନେଇ ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଠିଛି ଯେ ଭାରତୀୟ ଦଳରେ ଜଣେ ଖେଳାଳି ଖେଳିବାର ଯୋଗ୍ୟତାର ମାପ ଦଣ୍ଡ କଣ?

ନିକଟରେ ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ଓ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳର ଚୟନ ହୋଇ ସାରିଛି। ଗୋଟିଏ ଟେଷ୍ଟ ଓ ୩ ଟି ଦିନିକିଆ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ଯେଉଁଥିରେ ଅନେକ ଖେଳାଳିଙ୍କ ଚୟନକୁ ନେଇ ପ୍ରଶ୍ନ ଉଙ୍କି ମାରିଛି ଯେ ସେମାନେ କାହିଁକି ଦଳରେ ସ୍ଥାନ ପାଇଲେ। ଗୋଟେ ପଟେ ଦମଦାର ପ୍ରଦର୍ଶନ ଦେଉଥିବା ଖେଳାଳି ଦଳରୁ ବାଦ୍ ପଡ଼ିଛନ୍ତି ଆଉ ଅପରପକ୍ଷରେ ପକ୍ଷପାତିତା ଓ ଆଇପିଏଲ ଲବି ସହାୟତାରେ କେତେକ ଖେଳାଳି ସିଧାସଳଖ ଟିମ୍ ଇଣ୍ଡିଆର ବ୍ଲୁ ଜର୍ସି ପିନ୍ଧିଛନ୍ତି। ଟେଷ୍ଟ ଦଳରୁ ଦୁର୍ଦ୍ଧଶ ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ବାଦ୍ ପଡ଼ିଛନ୍ତି, ଯଦିଓ ପନ୍ତଙ୍କର ଟେଷ୍ଟ ପ୍ରଦର୍ଶନ ଖରାପ ନାହିଁ ବର୍ତ୍ତମାନ ସମୟରେ। ଭାରତୀୟ ଟେଷ୍ଟ ଦଳରେ ମାନବ ସୂତାର, ଗୁରନୂର୍ ବ୍ରାର, ହର୍ଷ ଦୁବେଙ୍କ ଭଳି ଖେଳାଳି କେଉଁ ଯୋଗ୍ୟତା ଆଧାରରେ ସ୍ଥାନ ପାଇଛନ୍ତି ତାହା ବଡ ପ୍ରଶ୍ନ। ଟେଷ୍ଟରେ ସାଇ ସୁଦର୍ଶନ ଭଳି ଖେଳାଳିଙ୍କ ପ୍ରଦର୍ଶନ ଲଗାତାର ୩ ଟି ସିରିଜ୍ ରେ ଖରାପ ଥିଲେ ବି ସେ ଦଳରେ ହିଁ ଅଛନ୍ତି। ଆଉ ଏହିସବୁ ଖେଳାଳି ଆଇପିଏଲରେ ଟିମ୍ ଇଣ୍ଡିଆର ଅଧିନାୟକ ଶୁଭମନ୍ ଗିଲଙ୍କ ଗୁଜୁରାଟ ଟାଇଟନସ ପକ୍ଷରୁ ଖେଳନ୍ତି। ଫଳରେ ସେମାନେ ଗିଲଙ୍କ ଲବିରେ ହିଁ ଟିମ୍ ଇଣ୍ଡିଆ ଖେଳିବେ। ହେଲେ ଘରୋଇ କ୍ରିକେଟରେ ଲଗାତାର ଭଲ ପ୍ରଦର୍ଶନ ଦେଇ ଆସୁଥିବା ବୋଲର ଆକିବ ନବି ଓ ମହମ୍ମଦ ସାମି କାହିଁକି ନା ଟେଷ୍ଟ ଦଳରେ ନା ଦିନିକିଆ ଦଳରେ ସ୍ଥାନ ପାଇ ପାରୁ ନାହାନ୍ତି ତାହା ବଡ ପ୍ରଶ୍ନ।

ସେପଟେ ଦିନିକିଆ ଦଳରେ ମଧ୍ୟ ଆଇପିଏଲ ଲବି, କୋଚ୍ ଓ ଚୟନକର୍ତ୍ତାଙ୍କର ପକ୍ଷପାତିତା ବାରି ହୋଇ ପଡୁଛି। ଟିମ୍ ଇଣ୍ଡିଆର ଦିନିକିଆ ଦଳରେ ୪/୫ ଜଣ




**ମାନସ ରଞ୍ଜନ ପ୍ରଧାନ**
ମୋ - ୯୩୩୭୩୫୫୬୫୮


ଖେଳାଳି ଗୁଜୁରାଟ ଟାଇଟନସର। ଯେଉଁ ଦଳର ଅଧିନାୟକ ହେଉଛନ୍ତି ଟିମ୍ ଇଣ୍ଡିଆର ଅଧିନାୟକ ଶୁଭମନ ଗିଲ। ଦଳରେ ଷ୍ଟାର୍ ଅଲରାଉଣ୍ଡର ଅକ୍ଷର ପଟେଲ ନାହାନ୍ତି। ଯାହାଙ୍କ ପ୍ରଦର୍ଶନ ହ୍ୱାଇଟବଲ କ୍ରିକେଟରେ ଅବିଶ୍ୱନୀୟ। ଯିଏ ଟିମ୍ ଇଣ୍ଡିଆକୁ ଆଇସିସି ଟୁର୍ଣ୍ଣାମେଣ୍ଟ ବି ଜିତାଇ ସାରିଛନ୍ତି। ଏହି ଦଳରେ ବି ଗୁରନୂର୍ ବ୍ରାର, ହର୍ଷ ଦୁବେଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି। ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଟିମ ଇଣ୍ଡିଆର ୩ ଟି ଫର୍ମାଟ ଖେଳିବେ। ଯଦିଓ ସେ ଷ୍ଟାର୍ ଅଲରାଉଣ୍ଡର ଅକ୍ଷରଙ୍କଠୁ ବି ଖରାପ ଖେଳାଳି। ସେହିଭଳି ଦଳରେ ଯଶସ୍ୱୀ ଜୟସ୍ୱାଲ, ରବୀନ୍ଦ୍ର ଜାଡେଜାଙ୍କ ଭଳି ଖେଳାଳି ବି ବିନା କାରଣରେ ବାଦ୍ ପଡ଼ିଛନ୍ତି।

ବାସ୍ତବରେ ଟିମ୍ ଇଣ୍ଡିଆର ଭବିଷ୍ୟତ ପାଇଁ ଏଭଳି ଚୟନ ସ୍ୱାଗତଯୋଗ୍ୟ ନୁହେଁ। କେବଳ ଆଇପିଏଲ ଲବି, କୋଚ୍ ଓ ଫେଭରେଟିଜମ ସହାୟତାରେ ଦଳ ଚୟନ କରି ବାସ୍ତବ ପ୍ରତିଭାକୁ ଘରେ ବସାଇବା ଭାରତୀୟ କ୍ରିକେଟକୁ ଦିନେ ଅନ୍ଧକାର ଆଡ଼କୁ ଟାଣିପାରେ। ଯେଉଁ ଦେଶରେ ସାମି ଭଳି ଖେଳାଳି ପ୍ରତିଭା ଥିବା ସତ୍ତ୍ୱେ, ନିଜର ବେଷ୍ଟ ଦେଇ ବି ଦଳରେ ସ୍ଥାନ ପାଉ ନାହାନ୍ତି ସେ ଦେଶର କ୍ରିକେଟ କେଉଁ ଆଡ଼କୁ ଗତି କରୁଛି ତାହା ନିରୀକ୍ଷଣ କରିବାର ସମୟ ଆସି ଉପନୀତ। ପୂର୍ବରୁ ମଧ୍ୟ ଆଇପିଏଲ ଲବି ମାଧ୍ୟମରେ ଭାରତର କିମ୍ବଦନ୍ତୀ ଅଧିନାୟକ ମହେନ୍ଦ୍ର ସିଂ ଧୋନି, ରୋହିତ୍ ଶର୍ମା ଓ ବିରାଟ କୋହଲି ନିଜ ଆଇପିଏଲ ଦଳର ଅଧିକାଂଶ ଖେଳାଳିଙ୍କୁ ଟିମ୍ ଇଣ୍ଡିଆକୁ ନେଇ ଆସୁଥିଲେ। ଯାହା ସମୟକ୍ରମେ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। ନହେଲେ ଦିନେ ଭାରତୀୟ କ୍ରିକେଟ ବୁଡ଼ିବାର ପାଦ ଦେଶରେ ଥିବ। ପ୍ରତିଭା ଚାପି ହୋଇଯିବ, ଦଳ ଦବି ଯିବ। ବିଚାର ଆପଣଙ୍କର।

# ମଳମାସ: ସନାତନ ପରମ୍ପରାର ପୁରୁଷୋତ୍ତମ ପର୍ବ

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ଏବେ ମେ ମାସ ୧୭ ତାରିଖଠାରୁ ମଳମାସ ବା ପୁରୁଷୋତ୍ତମ ମାସ ଚାଲିଛି। ଏହା ଅସନ୍ତା ଜୁନ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ୩ବର୍ଷରେ ଥରେ ଏଭଳି ଅଧିକମାସ ବା ମଳ ମାସ ପଡିଥାଏ। ସନାତନ ଧର୍ମରେ କାଳଗଣନା କେବଳ ତିଥି ଏବଂ ମାସର କ୍ରମ ନୁହେଁ ବରଂ ପ୍ରକୃତି, ଖଗୋଳୀୟ ସନ୍ତୁଳନ ଏବଂ ଆଧ୍ୟାତ୍ମିକ ଚେତନାର ସମନ୍ୱୟ ଅଟେ। ସାଧାରଣତଃ ବର୍ଷକ ୧୨ ମାସ ହୋଇଥାଏ କିନ୍ତୁ ଯେତବଳେ ସୂର୍ଯ୍ୟ ଏବଂ ଚନ୍ଦ୍ର ଗଣନା ମଧ୍ୟରେ ଅନ୍ତର ବଢ଼ିଯାଏ ସେତବଳେ ସେଇ ଅନ୍ତରକୁ ସନ୍ତୁଳିତ କରିବା ପାଇଁ ଏହି ୧୩ ତମ ମାସ ଯୋଡା ଯାଇଥାଏ ଓ ଏହା ହେଉଛି ମଳମାସ ବା ପୁରୁଷୋତ୍ତମ ମାସ। ଧର୍ମଗ୍ରନ୍ଥ ମାନଙ୍କରେ ଏହି ମଳମାସକୁ ପୁଣ୍ୟଦାୟୀ ଏବଂ ଭଗବାନ ବିଷ୍ଣୁଙ୍କୁ ସମର୍ପିତ ବୋଲି କୁହାଯାଇଛି। ଅନ୍ୟ ମାସ ମାନଙ୍କର ଦେବତା ଥିବା ବେଳେ ଏହି ମାସର କୌଣସି ଦେବତା ନାହାଁନ୍ତି। ଏଣୁ ଏହି କାରଣରୁ ଅନେକ ଏହି ମାସକୁ ଅଶୁଭ ବୋଲି କହିଥାନ୍ତି ଓ ଏହି ମାସରେ କୌଣସି ମଙ୍ଗଳକାର୍ଯ୍ୟ ଯଥା ବିବାହ, ଗୃହପ୍ରବେଶ ଇତ୍ୟାଦି କାର୍ଯ୍ୟ କରାଯାଇନଥାଏ। ପୌରାଣିକ କଥା ଅନୁସାରେ ଏହି ମାସ ଭଗବାନ ବିଷ୍ଣୁଙ୍କ ପାଖରେ ଶରଣ ନେବାପରେ ଭଗବାନ ବିଷ୍ଣୁ ଏହି ମାସକୁ ନିଜ ନାମରେ ନାମିତ କରିଥିଲେ ଓ ଏହାକୁ ପୁରୁଷୋତ୍ତମ ମାସ କୁହାଯାଏ। ଏହି ମାସରେ ଶ୍ରଦ୍ଧା ପୂର୍ବକ ଭଗବାନଙ୍କୁ ଆରାଧନା କଲେ ଅକ୍ଷୟ ପୁଣ୍ୟ, ସୁଖ ସମୃଦ୍ଧି ଓ ମୋକ୍ଷ ମିଳିଥାଏ। ଏଣୁ ଏହି ମାସକୁ ଆଧ୍ୟାତ୍ମିକ ସାଧନାର ମାସ ବୋଲି ମଧ୍ୟ କୁହାଯାଇଥାଏ।




**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
୯୪୩୮୪୮୫୦୯୪


ପୁରୁଷୋତ୍ତମ ମାସରେ ପୂଜା-ପାଠ, ଜପ-ତପ, ଦାନ ଏବଂ ପ୍ରବଚନ ଶୁଣିବାର ବିଶେଷ ମହତ୍ୱ ରହିଛି ଓ ଶ୍ରୀମଦ୍ ଭାଗବତ, ରାମାୟଣ, ବିଷ୍ଣୁ ସହସ୍ରନାମ ଏବଂ ଗୀତା ପାଠ କରାଯିବା ଉଚିତ। ଅନେକ ଶ୍ରଦ୍ଧାଳୁ ଏହି ମାସରେ ଉପବାସ ରଖିଥାନ୍ତି। ଏପରିକି ହବିଷ କରି ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ, ଶ୍ରୀରାମ ତଥା ଭଗବାନ ଶିବଙ୍କ ଅରାଧନା କରିଥାନ୍ତି। ଶାସ୍ତ୍ର ଅନୁସାରେ ଏହି ମାସରେ କରାଯାଇଥିବା ଛୋଟଛୋଟ ପୁଣ୍ୟ କର୍ମ ପାଇଁ ଅଧିକ ଫଳ ମିଳିଥାଏ। ଧର୍ମାଚାର୍ଯ୍ୟ ମାନଙ୍କ ମତରେ ବ୍ରାହ୍ମଣ, ଗରୀବ ଏପରିକି ଧର୍ମ ସଂସ୍ଥା ମାନଙ୍କୁ ଅନ୍ନ, ବସ୍ତ୍ର, ଫଳ, ଘିଅ, ଗୁଡ଼, ରାଷି ଏବଂ ଦକ୍ଷିଣା ପ୍ରଦାନ କଲେ ଶୁଭ ଫଳ ମିଳିଥାଏ। ଦାନ କେବଳ ପ୍ରଦର୍ଶନ ନୁହେଁ ସେବା ଏବଂ ତ୍ୟାଗ ଭାବନାର ପ୍ରତୀକ ଅଟେ। ମଳମାସ ବ୍ୟକ୍ତିକୁ ସଞ୍ଜମ, କରୁଣା ଏବଂ ପରୋପକାର ର ଶିକ୍ଷା ଦେଇଥାଏ।

ଅନେକ ଧର୍ମଗ୍ରନ୍ଥ ଏବଂ ଧର୍ମାଚାର୍ଯ୍ୟ ମାନଙ୍କ ମତରେ ଏହି ମାସରେ କୌଣସି ଶୁଭକାର୍ଯ୍ୟ କରାଯିବା ଉଚିତ୍ ନୁହେଁ। ଏହାର ପ୍ରକୃତ ଅର୍ଥ ହେଉଛି ବ୍ୟକ୍ତି ବା ମଣିଷ ଏହି ମାସରେ ସାଂସାରିକ ଉତ୍ସବ ଠାରୁ ଦୁରେଇରହି ଆତ୍ମିକ ଉନ୍ନତି ଏବଂ ସାଧନା ପାଇଁ ନିଜକୁ ସମର୍ପିତ କରିବା ଉଚିତ୍। ଏହି ମାସରେ ଶ୍ରାଦ୍ଧ, ଜପ-ତପ, ରୁଦ୍ରାଭିଷେକ, ଦାନ ଏବଂ ଧାର୍ମିକ ଅନୁଷ୍ଠାନ କରାଯାଇ ପାରିବ। ମଳମାସ ସହ ଭକ୍ତ ପ୍ରହଲ୍ଲାଦ ଏବଂ ହିରଣ୍ୟକଶ୍ୟପଙ୍କ କଥା ସହ ଜଡିତ। ହିରଣ୍ୟକଶ୍ୟପକୁ ବ୍ରହ୍ମା ବର ଦେଇଥିଲେ ଯେ ସେ ଦିନରେ ମରିବନି, ରାତିରେ ମରିବନି, ଘର ଭିତରେ ମରିବନି କି ଘରବାହାରେ ମରିବିନି, ନା ଆକାଶରେ ମରିବ ନା ଭୂପୃଷ୍ଠରେ ମରିବ। ଏଣୁ ଭଗବାନ ବିଷ୍ଣୁ ନରସିଂହ ଅବତାର ନେଇ ସଂଧ୍ୟା ସମୟରେ ନିଜ ଜଂଘ ଉପରେ ରଖି ତାର ବଧ କରିଥିଲେ। ମାନ୍ୟତା ରହିଛି ଯେ ଧର୍ମର ରକ୍ଷା ଏବଂ ଅଧର୍ମର ବିନାଶର ଏହିଦିବ୍ୟ ସନ୍ଦେଶ ମଳମାସ ବା ପୁରୁଷୋତ୍ତମ ମାସର ମହିମାକୁ ଦର୍ଶାଇଥାଏ।

ଆଜିର ଭୌତିକବାଦୀ ସମୟରେ ଏହି ମଳମାସ କେବଳ ଧାର୍ମିକ ଅନୁଷ୍ଠାନର ସମୟ ନୁହେଁ ବରଂ ଆତ୍ମଚିନ୍ତନ ଏବଂ ଜୀବନକୁ ସନ୍ତୁଳିତ କରିବାର ଅବସର ମଧ୍ୟ ଅଟେ। ଏହି ମାସରେ ସାତ୍ୱିକ ଭୋଜନ, ବ୍ରହ୍ମଚର୍ଯ୍ୟ ପାଳନ, ଭୂମୀରେ ଶୟନ, ନିଶାଦ୍ରବ୍ୟରୁ ଦୁରରେ ରହିବା ଭଳି ଆଚରଣକୁ ଆପଣେଇବା ଉଚିତ। ଏହି ମାସରେ ଭଗବାନଙ୍କ ନାମ କୀର୍ତ୍ତନ ଓ ସ୍ମରଣ କଲେ ମାନସିକ ଶାନ୍ତି ମିଳିଥାଏ ଓ ସକାରାତ୍ମକ ଶକ୍ତି ମଣିଷ ଭିତରେ ଜାଗ୍ରତ ହୋଇଥାଏ। ବାସ୍ତବରେ ମଳବାସ ସଂସ୍କୃତିର ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ ଯାହା ମନୁଷ୍ୟକୁ ଭୌତିକ ସୁଖ ପ୍ରଦାନ କରିବା ସହ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଚାରି ପୁରୁଷାର୍ଥ ଆଡ଼କୁ ପ୍ରେରିତ କରିଥାଏ। ଏଇଥିପାଇଁ ଏହାକୁ ସର୍ବୋତ୍ତମ ମାସ ବୋଲି କୁହାଯାଏ, କାରଣ ଏହା ମନୁଷ୍ୟକୁ ଶୁଦ୍ଧ କରିବା ସହ ଈଶ୍ୱର ପ୍ରାପ୍ତିର ଅବସର ପ୍ରଦାନ କରିଥାଏ।

# ବିଚାରପତି ପଦବୀ ପୂରଣ ହେଉ

ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବିତ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ ନିଶ୍ଚିତ ଭାବରେ ଏକ ସମୟରେ ସମୟୋଚିତ ପଦକ୍ଷେପ। ଯାହାଦ୍ୱାରା ସୁପ୍ରିମକୋର୍ଟରେ ପଡି ରହିଥିବା ମାମଲାଗୁଡିକର ତ୍ୱରିତ ଫଇସଲାକୁ ସହଜ କରିପାରିବ। କେନ୍ଦ୍ର କ୍ୟାବିନେଟର ନିଷ୍ପତିକୁ ରାଷ୍ଟ୍ରପତି ଅନୁମୋଦନ କରିବା ସହ ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଆଇନ ୧୯୫୬ର ସଂଶୋଧନ ପାଇଁ ଏକ ଅଧ୍ୟାଦେଶ ଜାରି କରିଛନ୍ତି। ଫଳରେ ଦେଶରେ ଆଇନ ତତକ୍ଷଣାତ୍ ଲାଗୁ ହୋଇଛି। ସଂସଦର ଆଗାମୀ ଅଧିବେଶନରେ ଏନେଇ ଏକ ବିଲ୍ କେନ୍ଦ୍ର ସରକାର ଆଗତ କରିବେ। ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟ ଆଇନ ୧୯୫୬ ଅନୁଯାୟୀ ସୁପ୍ରିମକୋର୍ଟରେ ସେତବଳେ ପ୍ରଧାନ ବିଚାରପତିଙ୍କୁ ମିଶାଇ ମୋଟ ୧୧ଜଣ ବିଚାରପତି ଥିଲେ। ମାମଲାର ଭାର ଏବଂ ସମୟର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସମୟରେ ଆଇନର ସଂଶୋଧନ କରାଯାଇ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରାଯାଇ ଆସୁଛି। ଜତୀୟ ଜୁଡିସିଆଲ ଡାଟା ଗ୍ରୀଡ (ଏନଜେଡିଜି) ତଥ୍ୟ ଅନୁଯାୟୀ ଗତ ୭ ତାରିଖ ସୁଦ୍ଧା ସୁପ୍ରିମକୋର୍ଟରେ ୯୩ ହଜାରରୁ ଅଧିକ ମାମଲା ବିଚାରାଧୀନ ରହିଛି। ଯାହାକି ୨୦୧୯ରେ ଶେଷଥର ପାଇଁ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମୟ ପରଠାରୁ ୫୦ପ୍ରତିଶତରୁ ଅଧିକ ବିଚାରଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇଥିବା କୁହାଯାଇଛି। ସେହିପରି ଦେଶରେ ତଳକୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମୋଟ ୫୫ ନିୟୁତ ମାମଲା ବିଚାର ଅପେକ୍ଷାରେ ପଡି ରହିଥିବାବଳେ ସେଥିମଧ୍ୟରୁ ତଳ କୋର୍ଟରେ ୪୯ ନିୟୁତ ଏବଂ ହାଇକୋର୍ଟ ଗୁଡିକରେ ୬.୩ ନିୟୁତ ମାମଲା ପଡିରହିଛି। ଉଲ୍ଲେଖଯୋଗ୍ୟ ଯେ ଦେଶବ୍ୟାପୀ ବିଚାର ଅପେକ୍ଷାରେ ବର୍ଷ ବର୍ଷ ଧରି ପଡିରହିଥିବା ମାମଲାଗୁଡିକ ମଧ୍ୟରୁ ମାତ୍ର ୦.୧୪ ପ୍ରତିଶତ ସୁପ୍ରିମକୋର୍ଟରେ ପଡିରହିଛି। ସେହିପରି ମୋଟ ବିଚାରାଧୀନ ମାମଲାଗୁଡିକ ମଧ୍ୟରୁ ହାଇକୋର୍ଟ ଗୁଡିକରେ ୧୨ପ୍ରତିଶତ ମାମଲା ରହିଛି। ତେବେ ସୁପ୍ରମକୋର୍ଟରେ ପ୍ରତିବର୍ଷ ୯୦ ପ୍ରତିଶତ ମାମଲାର ଫଇସଲା ହେଉଥିବା ଏନଜେଡିଜି ରିପୋର୍ଟ କହେ। କହିବା ବାହୁଲ୍ୟ ଯେ, ଦେଶରେ ବିଚାରପତି ଏବଂ ବିଚାର ବିଭାଗୀୟ ଅଫିସର ପଦବୀ ଖାଲି ପଡିଥିବା ମଧ୍ୟ କମ ନୁହେଁ। ସୁପ୍ରିମକୋର୍ଟରେ ମଂଜୁରୀ ପ୍ରାପ୍ତ ୩୪ ବିଚାରପତି ପ୍ରାୟତଃ ପୂରଣ ହୋଇଥିବାବଳେ ଏବେ ଆଉ ୪ଜଣ ନୂତନ ବିଚାରପତି ନିଯୁକ୍ତି ପାଇବା ଆସନ୍ନ ହୋଇପଡିଛି। ଦେଶର ୨୫ଟି ହାଇକୋର୍ଟରେ ମୋଟ ମଂଜୁରୀପ୍ରାପ୍ତ ୧୧୨୨ ବିଚାରପତି ପଦବୀ ଥିବାବଳେ ଏହାର ୨୮ପ୍ରତିଶତ ଅର୍ଥାତ ୩୧୨ଟି ପଦବୀ ଖାଲି ପଡିଛି।

**-ସୌଭାଗ୍ୟ ରଂଜନ ମହାନ୍ତି**, ମୋ-୯୪୩୭୦୯୪୩୭୯

# ଗର୍ବ ଗଞ୍ଜନ୍ତି ନରହରି

ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ। ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ପାଇଁ ସର୍ବଶେଷ୍ଠ ଆସନ ଅଳଙ୍କୃତ କରିଛି। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ। କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ପରମଶାସ୍ତ୍ର ଭାଗବତରେ ଏହା ଉଲ୍ଲେଖ ଅଛି ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ଗାଳି, ନିନ୍ଦା, ଅପମାନ ହସିହସି ସହ୍ୟ କରନ୍ତି କିନ୍ତୁ କାହାରି ଅହଂକାର, ଗର୍ବ, ଅହମିକା ସହ୍ୟ କରନ୍ତି ନାହିଁ। ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି।




**ଆଶୁତୋଷ ନାୟକ**
ଗୋପାଳପୁର, ବାଲେଶ୍ୱର,
୭୦୨୦୬୧୧୩୦୦


'ଗାଳି ମୁଁ ସହଇ, ଗର୍ବ ନ ସହଇ, ତଟକି ଚୂର୍ଣ୍ଣ କରଇ ' ଆହୁରି ମଧ୍ୟ କୁହାଯାଇଛି ' ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି ପରମଶାସ୍ତ୍ର ଭାଗବତ, ଭଗବତ ଗୀତାରେ ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେପରିକି ମହାଜ୍ଞାନୀ ଦେବଦେବ ମହାଦେବଙ୍କ ପରମଭକ୍ତ ଦଶାନନ ଅହଂକାରୀ ରାବଣ, ଅତ୍ୟାଚାରୀ କଂସ, ଭଗବାନ ବିଷ୍ଣୁଙ୍କ ବାହାନ ଗରୁଡ଼, ରାଣୀ ସତ୍ୟଭାମା, ମହାବୀର ରାଜା ବାଳି, ଦେବତାଙ୍କ ରାଜା ଇନ୍ଦ୍ର, ସୁଦର୍ଶନ, ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଦେବର୍ଷି ନାରଦ, ମହାଦାନୀ କର୍ଣ୍ଣ, ରାଜା ବଳି, ଏପରି ଅନେକଙ୍କ ଗର୍ବ ମହାପ୍ରଭୁ କାଳିଆ ସାଆନ୍ତ ଚୂର୍ଣ୍ଣ କରିଛନ୍ତି। ସୋମରସ ସେବନ କରି ନିଜର ଅହମିକା ପାଇଁ ନିଜ ନିଜ ମଧ୍ୟରେ ଲଢେଇ କରୁଥିବା ନନ୍ଦବଂଶକୁ ଭଗବାନ ଶ୍ରୀକୃଷ୍ଣ ନିଜେ ନିଜର ବଂଶକୁ ନିପାତ କରିଛନ୍ତି।

ଗୋଟିଏ ଗଳ୍ପ ମାଧ୍ୟମରେ ଏହି ବିଷୟବସ୍ତୁକୁ ମୁଁ ଉପସ୍ଥାପନା କରିବି। ଗୋଟିଏ ରାଜ୍ୟରେ ଜଣେ ମହାପରାକ୍ରମୀ, ମହାବଳଶାଳୀ, ମହାଜ୍ଞାନୀ, ଆକର୍ଷଣୀୟ ଅତି ସୁନ୍ଦର ହୃଷ୍ଟପୃଷ୍ଟ ଚେହେରା ଥିବା ବିଶ୍ୱବିଜୟୀ ରାଜା ଥିଲେ। ସେ ଏତେ ପରାକ୍ରମୀ ସାହସୀ, ବଳଶାଳୀ ଥିଲେ କି ତାଙ୍କ ନାଁ ଶୁଣି ଅନେକ ରାଜ୍ୟର ରାଜା ବିନା ଯୁଦ୍ଧରେ ପରାଜୟ ସ୍ୱୀକାର କରି ତାଙ୍କର ରାଜ୍ୟକୁ ସହସ୍ତରେ ଟେକିଦେଉଥିଲେ। ରାଜା ଏତେ ପରାକ୍ରମୀ ଥିଲେ କି ୧୦୦୦ରୁ ଅଧିକ ରାଜ୍ୟରେ ସେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ। ତାଙ୍କର ଅନେକ ସୈନ୍ୟ ସାମନ୍ତ, ଅଜସ୍ର ଧନସମ୍ପତ୍ତି, ହୀରା, ନୀଳା, ମୋତି, ମାଣିକରେ ଭରପୁର ଥିଲା ତାଙ୍କର ଭଣ୍ଡାର। ସେ ରାଜାଙ୍କର ଏତେ ଅହଂକାର ଓ ଅହମିକା ଥିଲା କି ରାଜ୍ୟର ମନ୍ତ୍ରୀ, ସୈନ୍ୟ ସାମନ୍ତ, ପଡୋଶୀ ରାଜ୍ୟର ରାଜା, ଋଷିମୁନି, ପଣ୍ଡିତ ମାନଙ୍କୁ ପଶୁଠାରୁ ଭି ହୀନ ଚକ୍ଷୁରେ ଦେଖୁଥିଲେ। ସେ ରାଜାଙ୍କର ଯେତେବେଳେ ଯାହାଭି ମନରେ ଅଭିଳାଷା ଜାଗ୍ରତ ହେଉଥିଲା ସେ ଅବିଳମ୍ବେ ନିଜର ଅର୍ଥ ବଳ, ବାହୁ ବଳ, କୁଟନୀତି ପ୍ରୟୋଗ କରି ତାକୁ ହାସଲ କରୁଥିଲେ। ରାଜାଙ୍କର ମୃଗ ଶିକାର କରିବା ସଉକ ଥିଲା। ଦିନେ ସେ ନିଜର ସୈନ୍ୟସାମନ୍ତଙ୍କ ସହ ମୃଗ ଶିକାର କରିବାକୁ ବାହାରିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ମୃଗ ପଛରେ ଧାବମାନ ପଥଭ୍ରଷ୍ଟ ହୋଇ ଘଞ୍ଚ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ ଆଉ ତାଙ୍କର ସୈନ୍ୟ ସାମନ୍ତଙ୍କ ସହ ଭେଟ ହୋଇନଥିଲା। ସେହି ଘଞ୍ଚ ଅରଣ୍ୟ ମଧ୍ୟରେ ଦୀର୍ଘ ଦିନରୁ ଭୋକିଲା ଥିବା ଏକ ମହାବଳ ବାଘ ରାଜାଙ୍କୁ ଆକ୍ରମଣ କରିବା ପାଇଁ କ୍ଷିପ୍ର ଗତିରେ ଅଗ୍ରସର ହେଲା। ମହାବଳ ବାଘଠାରୁ ରକ୍ଷା ପାଇବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ରାଜା 'ରକ୍ଷା କର ରକ୍ଷା କର' ବୋଲି ଚିତ୍କାର କରିଥିଲେ। ରାଜାଙ୍କର ଚିତ୍କାର ଶୁଣି ତାଙ୍କର ମନ୍ତ୍ରୀ, କିଛି ସୈନ୍ୟ ସାମନ୍ତ ରାଜାଙ୍କର ସମ୍ମୁଖକୁ ଆସିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର ନକରି ଭୟରେ ପଳାୟନ କରିଥିଲେ। ରାଜା ଯେତେ ନେହୁରା ହେଲେ ମଧ୍ୟ ସେମାନେ କୌଣସି କଥା କର୍ଣ୍ଣପାତ କରିନଥିଲେ। ପରିଶେଷରେ ମହାବଳ ବାଘର ଆକ୍ରମଣରେ ମାତ୍ର କିଛି ସମୟ ମଧ୍ୟରେ ନିଜକୁ ମହାପରାକ୍ରମୀ, ବଳଶାଳୀ, ମହାଜ୍ଞାନୀ ମନେକରୁଥିବା ରାଜାଙ୍କର ଜୀବନ ଦୀପ ଲିଭିଯାଇଥିଲା। ସେ ଅର୍ଜନ କରିଥିବା ଅମାପ ସମ୍ପତ୍ତି, ପୁଳା ପୁଳା ଟଙ୍କା, ହୀରା, ନୀଳା, ମୋତି, ମାଣିକ ତାଙ୍କର ସନ୍ତାନ, ସନ୍ତତି ଭୋଗ କରିଥିଲେ କିନ୍ତୁ ସେ ନିଜେ ଉପଭୋଗ କରିପାରିଲେ ନାହିଁ। ତାଙ୍କର ଅଧୁରା ସ୍ୱପ୍ନ ସ୍ୱପ୍ନରେ ରହିଗଲା

# ସଂସ୍କାର

ପରିବାର କହିଲେ ତିନିଜଣ। ସ୍ୱାମୀସ୍ତ୍ରୀ ଓ ପୁଅ ସଙ୍କେତ। ସଙ୍କେତ ଷଷ୍ଠ ଶ୍ରେଣୀର ଛାତ୍ର। ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟରେ ପଢେ। ସରଳ ସ୍ୱଭାବ, ସୁନ୍ଦର ଚେହେରା। କେବଳ ପାଠ ନୁହେଁ, ଖେଳକୁଦ, ନାଚଗୀତ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ତାର ପ୍ରଦର୍ଶନ ପ୍ରଶଂସନୀୟ। ସମସ୍ତଙ୍କ ସହିତ ମିଶେ। ସାଙ୍ଗସାଥିଙ୍କ ପ୍ରିୟପାତ୍ର। ଶ୍ରେଣୀରେ ପ୍ରଥମ ଆସେ। ବାପା ଜଣେ ସରକାରୀ ଅଧିକାରୀ। ମାଁ ଗୃହିଣୀ। ଛୋଟିଆ ସଂସାର। ଖୁସିବାସିରେ ସମୟ କଟେ।

ସେଦିନ ରବିବାର ଥାଏ। ସ୍କୁଲ ବନ୍ଦ। ବାପାଙ୍କ ଛୁଟି। ତିନି ପ୍ରାଣୀ ଘରେ ଥାଆନ୍ତି। ଦିନ ଗୋଟାଏ ପାଖାପାଖି ହେବ। ମାଆ ଡାକିଲେ। ''ବାପା ସଙ୍କେତ, ଆସେ, ଲଞ୍ଚ କରିନେବୁ।'' ମୁହଁହାତ ଧୋଇ ସଙ୍କେତ ଡାଏନିଙ୍ଗ ଟେବୁଲରେ ଆସି ବସିଲା। ମାଆ ତାପସୀ ଅତି ଶ୍ରଦ୍ଧାରେ ଭାତ, ଡାଲି, ମଟରପନିର, ଖଟା, ପୁରି ଓ ହାଲୁଆ ପରଷି ଦେଇଗଲେ। ଖାଦ୍ୟ ଥାଳି ଦେଖି ସଙ୍କେତ ରଡି ଛାଡିଲା। ''ମାମା! ଆଜି କିଛି ସ୍ପେଶାଲ ଦିନ କି? ଏତେ ସାରା ଆଇଟମ?'' ତାପସୀ ପୁଅ ପାଖ ଚୌକିରେ ବସିପଡିଲେ। ତା ମୁଣ୍ଡ ବାଳ ଆଉସି କହିଲେ, ''ଆଜି ପରା ତୋ ଜେଜେଙ୍କ ପୁଣ୍ୟତିଥିର ବର୍ଷି। ଆଜିକା ଦିନରେ ତାଙ୍କ ଦେହାନ୍ତ ହୋଇଥିଲା। ଦେଖୁ ଦେଖୁ ବର୍ଷେ କଟିଗଲା। ଜଣାପଡିଲାନି। ତାଙ୍କ ପସନ୍ଦ ମୁତାବକ ଖାଦ୍ୟ ଆଜି ଅର୍ପଣ କଲେ ତାହା ତାଙ୍କ ପାଖକୁ ପହଞ୍ଚେ। ତାଙ୍କୁ ଶାନ୍ତି ଓ ସନ୍ତୋଷ ମିଳେ। ଆମ ମୁଣ୍ଡ ଉପରେ ତାଙ୍କ ହାତ ରହେ। ଆଶୀର୍ବାଦ ଦିଅନ୍ତି। ଆମକୁ ଅନନ୍ତ ପୂଣ୍ୟଫଳ ପ୍ରାପ୍ତି ହୋଇଥାଏ। ତାଙ୍କ ଶୁଭ ଦୃଷ୍ଟି ପଡେ। ବିପଦ ଆପଦରୁ ରକ୍ଷା ମିଳେ।'' ଏତକ ଶୁଣିବା ପରେ ସଙ୍କେତ କହିଲାଣି ''ମାମା! ଜେଜେ ଯେତବଳେ ବଞ୍ଚିଥିଲେ ସେତବଳେ ତ ତାଙ୍କୁ ଏସବୁ ଖାଇବାକୁ ମିଳୁନଥିଲା। ତୁମେ ତାଙ୍କୁ ରାତିର ବାସି ତରକାରୀ ଖାଇବାକୁ ଦେଉଥିଲ। ତୁମର ମନେଥିବ - ଥରେ ଗାଜର ହାଲୁଆ ଖାଇବାକୁ ତାଙ୍କ ମନ ହେବାରୁ ଘରେ ମହାଭାରତ ହୋଇଥିଲା। ମଟରପନିର ରୋଷେଇ ହୋଇଥିବା ଦିନ ମଧ୍ୟ ତାଙ୍କ ଥାଳିରେ ବାସି ତରକାରୀ ରହୁଥିଲା। ତାଙ୍କ କହିବା ଅନୁସାରେ ଗୋଟିଏ ଦିନ ଲୁଚି କି ତାଙ୍କୁ ମୁଁ ମଟରପନିର ସବଜି ଦେଇଥିଲି। ତମ ରୋଷର ଶିକାର ହୋଇ ଶକ୍ତ ଚାପୁଡ଼ା ମଧ୍ୟ ଖାଇଥିଲି। ରାଗ ତମ ତମ ହୋଇ ତମେ ଜେଜେଙ୍କ ଥାଳିରୁ ମଟରପନିର ତରକାରୀ କାଢି ନେଇଥିଲ। କହିଥିଲଣି ତୋ ବାପାଙ୍କ ପାଇଁ ଏଇ ସବଜି ହେଇଛି। ଜେଜେଙ୍କୁ ଦେଇଦେଲେ ସିଏ ଖାଇବେ କଣ? ମୁଁ ବାସି ତରକାରୀ ଖାଇ ଜେଜେଙ୍କ ଦେହ ଖରାପ ହୋଇଗଲେ କିମିତି ହେବ କହିଥିଲି। ହେଲେ ତୁମେ ଶୁଣି ନଥିଲ। ଅଳ୍ପ ଦିନ ପରେ ସତକୁ ସତ ତାଙ୍କ ସ୍ୱାସ୍ଥ୍ୟ ଭୀଷଣ ଖରାପ ହୋଇଥିଲା। ଗୁରୁତର ଅବସ୍ଥାରେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଈଶ୍ୱରଙ୍କ କୃପାରୁ ସୁସ୍ଥ ହୋଇଯାଇଥିଲେ।

ତାପସ ପାଖ ଡ୍ରଇଂ ରୁମରେ ବସିଥାନ୍ତି। ମା-ପୁଅଙ୍କ କଥା ତାଙ୍କ କାନରେ ପଡିଲା। ଦୌଡ଼ି ଆସି ପୁଅକୁ ବହୁତ ଶୋଧିଲେ। କହିଲେଣି ତୋ ମାଆ ସାଙ୍ଗରେ ଏମିତି କଣ କଥାବାର୍ତ୍ତା କରୁଛୁ? ସଙ୍କେତ କହିଲା ''ବାପା! ଆପଣ ଯଦି ଆଗରୁ ଏମିତି କହିଥାନ୍ତେ ତେବେ ଜେଜେଙ୍କୁ ବଞ୍ଚିଥିବା ବେଳେ ବାସି ଖାଇବାକୁ ପଡ଼ିନଥାନ୍ତା। ସେ ଜିଇଁଥିବା ସମୟରେ ତାଙ୍କରି ମନପସନ୍ଦର ଖାଦ୍ୟ ଖାଇବାକୁ ପାଇଥାଆନ୍ତେ। ଏବେ ତାଙ୍କ ମୃତ୍ୟୁ ପରେ ଏସବୁ ଆୟୋଜନ ଆଡମ୍ବରର ମୂଲ୍ୟ କଣ?'' ପୁଅ ମୁହଁରୁ ଏପରି କଥା ଶୁଣି ତାପସୀ କହିଲେଣି ''ବକଟେ ଛୁଆଟେ ହୋଇ କେତେ ବଡ଼ ବଡ଼ କଥା କଣ କହୁଛୁ? ଛୋଟ ବୟସରୁ ବାପାଙ୍କ ମୁହଁରେ ଉତ୍ତର ଦଉଛୁ କିମିତି? ମୁଁ କଣ ତୋତେ ଏମିତି ସଂସ୍କାର ଦେଇଛି?''

ସଙ୍କେତ ଚୁପ ରହିବା ପିଲା ନଥିଲା। ଖୁବ୍ ସ୍ପଷ୍ଟବାଦୀ। ସାନ, କିନ୍ତୁ ସତ ଓ ସିଧା କହିବା ତାର ସ୍ୱଭାବ। ଛନ୍ଦକପଟ ନାହିଁ। ନିର୍ଭୟ ମଧ୍ୟ। ମାଆଙ୍କୁ କହିଲାଣି ''ସଂସ୍କାର କାହାକୁ ଦିଆଯାଇନଥାଏ। ପିଲା ପରିବାରରୁ ସଂସ୍କାର ଶିଖେ। ମାତାପିତାଙ୍କୁ ଦେଖେ। ଅନୁକରଣ କରେ। ତଦନୁସାରେ ତାର ଚରିତ୍ର ଗଠନ ହୁଏ। ଆଚାର, ବିଚାର ଓ ବ୍ୟବହାରରେ ପରିବର୍ତ୍ତିତ ହୁଏ। ଶୋଧିତ ହେବାକୁ ଲାଗେ। ମାତାପିତାଙ୍କ ଛାପ ତା ଉପରେ ପଡେ। ସେ ସେଇୟା କରେ ଓ କୁହେ ଯାହା ତା ମାତାପିତା କରନ୍ତି ଓ କୁହନ୍ତି। ମୋ କଥା ଆପଣଙ୍କୁ କଷ୍ଟ ଦେଉଥାଇପାରେ। କିନ୍ତୁ ଏହା କଟୁ ସତ୍ୟ। ହୁଏତ ଏହା ଏବେ ତୁମେ ବୁଝି ପାରିବନି। କିନ୍ତୁ ବଡ଼ ହେବାପରେ ମୋ ଜେଜେଙ୍କୁ ଆପଣ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରୁଥିଲେ ଆପଣ ଦି'ଜଣଙ୍କୁ ଯଦି ଠିକ୍ ସିମିତି ବ୍ୟବହାର କରିବି ତେବେ କିମିତି ଲାଗିବ? କଣ ଅନୁଭବ ହେବ? ମୁଁ ଓ ମୋ ସ୍ତ୍ରୀ ଟଟକା ସୁଆଦିଆ ତରକାରୀ, ଗାଜର ହାଲୁଆ ଖାଇ ଆପଣଙ୍କୁ ବାସି ପରଷିଲେ ଖୁସି ଲାଗିବ ତ? କଣ ଆପଣ ମୋତେ ଜିଅନ୍ତାକୁ ନଖୁଆଇ ମୃତକୁ ଖୁଆଇବା ଶିଖାଉଛନ୍ତି? ନିଅ, ତୁମର ଖାଦ୍ୟ। ଜେଜେଙ୍କ ପୁଣ୍ୟତିଥିରେ ମୁଁ ଏହା ଖାଇ ପାରିବିନି।'' ସାନ ପୁଅର ବଡ଼ କଥା ଶୁଣି ତାପସ ଓ ତାପସୀ ମୁହଁ ପୋତି ଛିଡା ହୋଇଥାନ୍ତି। ନିର୍ବାକ, ନିଶ୍ଚଳ। ମାତାପିତା ଚଳନ୍ତି ଠାକୁର। ବଞ୍ଚିଥିବା ବେଳେ ତାଙ୍କ ସେବା ଯତ୍ନ କରନ୍ତୁ। ଭଲରେ ରଖନ୍ତୁ। ମନଜାଣି ଖାଇବାକୁ ଦିଅନ୍ତୁ। ଜିଅନ୍ତା କଷ୍ଟ ଦେଇ ମଲା ପରେ ପୁଣ୍ୟତିଥି ପାଳନ ସୁଆଙ୍ଗ ମାତ୍ର, ସଂସ୍କାର ନୁହେଁ।




**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦

ଶନିବାର ୨୩।୦୫।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ୧୦୦ ଫୁଟ ଗଭୀର ଖାଇକୁ ଖସିଲା କାର, ୫ ମୃତ

ନୂଆଦିଲ୍ଲୀ ୨୨।୫: ଉତ୍ତରାଖଣ୍ଡର ନୈନିତାଲରେ ଭୟଙ୍କର ସଡ଼କ ଦୁର୍ଘଟଣା। ଯାହାସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଗୁରୁବାର ଅପରାହ୍ନରେ ଭାଓ୍ଵାଲି-ସାନାଟୋରିୟମ ମୋଟର ରାସ୍ତାରେ,ଏକ କାର ହଠାତ୍ ନିୟନ୍ତ୍ରଣ ହରାଇ ପ୍ରାୟ ୧୦୦ ଫୁଟ ଗଭୀର ଘାଟିରେ ଖସି ପଡ଼ିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏହା ଘଟଣାସ୍ଥଳରେ ତୁରନ୍ତହଇଚଇସୃଷ୍ଟି କରିଥିଲା।ସ୍ଥାନୀୟ ଲୋକମାନେ ତୁରନ୍ତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ହୋଇଥିଲେ।

ଘଟଣାର ଖବର ପାଇ ପୋଲିସ,ଜିଲ୍ଲା ପ୍ରଶାସନ ଏବଂ ଉଦ୍ଧାର ଦଳ ବିଳମ୍ବ ନକରି ଘଟଣାସ୍ଥଳକୁ ଯାଇଥିଲେ। ଉଦ୍ଧାରକାରୀ ଦଳ ବିପଦପୂର୍ଣ୍ଣ ପରିସ୍ଥିତିରେ ଘାଟି ଭିତରକୁ ଓହ୍ଲାଇ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଦୁର୍ଭାଗ୍ୟବଶତଃ କାରରେ ମୋଟ ୬ ଜଣ ଯାତ୍ରା କରୁଥିଲେ। ଦୁର୍ଘଟଣାର ଗମ୍ଭୀରତା ସ୍ପଷ୍ଟ ଯେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା,ଯେତେବେଳେ ଜଣେ ଗୁରୁତର ଆହତ ହୋଇଥିଲେ। ଆହତ ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା,ଯେଉଁଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି,ଏବଂ ଡାକ୍ତରଙ୍କ ଏକ ଦଳ ବର୍ତ୍ତମାନ ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଛନ୍ତି। ଏହି ସମୟରେ,ମୃତକଙ୍କ ମୃତଦେହକୁ ଘାଟିରୁ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ନୈନିତାଲର ସର୍କଲ ଅଫିସରଙ୍କ ଅନୁଯାୟୀ,ମୃତକଙ୍କ ମଧ୍ୟରେ ଖାତିମା ନିବାସୀ ଗୋଟିଏ ପରିବାରର ଚାରି ଜଣ ସଦସ୍ୟ ଅଛନ୍ତି। ଏହା ସହିତ,ଦୁର୍ଘଟଣାରେ କାରର ଡ୍ରାଇଭରଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଡ୍ରାଇଭରଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।ଏହି ଦୁଃଖଦ ଘଟଣା ସମଗ୍ର ଅଞ୍ଚଳକୁ ଦୋହଲାଇ ଦେଇଛି। ଗୋଟିଏ ପରିବାରର ଚାରି ଜଣଙ୍କ ମୃତ୍ୟୁ ସେମାନଙ୍କ ଗାଁ ଏବଂ ସମ୍ପର୍କୀୟଙ୍କ ଉପରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନକୁ ଏହି ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ଅନୁରୋଧ କରିଛନ୍ତି। ପୋଲିସ ଅନୁଯାୟୀ,ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଚାଲିଛି।

## ମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# ସଂସ୍କାର ଆଣି ଲୋକଙ୍କ ଜୀବନକୁ ସହଜ କର



ନୂଆଦିଲ୍ଲୀ, ୨୨।୫: ଜନସାଧାରଣଙ୍କ ଜୀବନକୁ ଆରାମଦାୟକ କରିବା ପାଇଁ ପରବର୍ତ୍ତୀ ପିଢ଼ିର ସଂସ୍କାରମୂଳକ ପଦକ୍ଷେପ ନେବାକୁ ଗୁରୁବାର ମନ୍ତ୍ରୀ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି ଯେ, ଆଗାମୀ ପିଢ଼ିର ସଂସ୍କାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ, ଯଦ୍ଦ୍ୱାରା ୨୦୪୭ରେ ଯେତେବେଳେ ଭାରତ ନିଜର ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବ ସେତେବେଳକୁ ଦେଶ ସର୍ବାଙ୍ଗୀନ ବିକାଶ ହାସଲ କରିପାରିବ। ଅବସରରେ ପ୍ରଧାନମନ୍ତ୍ରୀ ସେହି ସଂସ୍କାରମୂଳକ ପଦକ୍ଷେପଗୁଡ଼ିକର ଏକ ବ୍ୟାପକ ରୂପରେଖ ପ୍ରଦାନ କରିଛନ୍ତି, ଯାହା ମାଧ୍ୟମରେ ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ। ସେ ମନ୍ତ୍ରୀମାନଙ୍କୁ ପୁଣି କହିଛନ୍ତି, ସେମାନଙ୍କର ଲକ୍ଷ୍ୟ ସର୍ବଦା ଲୋକଙ୍କ ଜୀବନରେ ଆରାମ ଆଣିବା ଏବଂ ସେମାନଙ୍କ ପାଇଁ ଜୀବନଧାରଣ କିଭଳି ସହଜସାଧ୍ୟ ହୋଇପାରିବ ସେହି ଦିଗରେ କାମ କରିବା ଦରକାର। କୌଣସି ଭାବେ ଲୋକଙ୍କ ଜୀବନରେ କୌଣସି ହସ୍ତକ୍ଷେପ ହେବା ଉଚିତ ନୁହେଁ। ଜନସାଧାରଣ ସରକାରୀ କଲ୍ୟାଣକାରୀ ଯୋଜନାରୁ ସର୍ବାଧିକ କିଭଳି ଲାଭ ପାଇପାରିବେ, ତାହା ଉପରେ ଦୃଷ୍ଟି ଦିଆଯିବା ଦରକାର। ସେ କହିଛନ୍ତି, ଏହା ହେଉଛି ଆଗକୁ ବଢ଼ିବାର ବେଳ ଓ ଅତୀତରେ କ'ଣ କରାଯାଇଛି ତାହାକୁ ରୋମନ୍ଥନ କରିବାର ସମୟ ନୁହେଁ। ସରକାର ୨୦୧୪ରୁ କ୍ଷମତାରେ ଥିବା ବେଳେ ୨୦୨୬ ମସିହାରେ ଆମର ଧ୍ୟାନ ଭବିଷ୍ୟତର ଲକ୍ଷ୍ୟ ଏବଂ ସଫଳତା ଉପରେ ରହିବା ଆବଶ୍ୟକ ବୋଲି ମୋଦି ଉଲ୍ଲେଖ କରିଛନ୍ତି। ସେ ମନ୍ତ୍ରୀମାନଙ୍କୁ ଶାସନ ଏବଂ କାର୍ଯ୍ୟ ସମ୍ପାଦନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରୀ କାର୍ଯ୍ୟରେ ଯେପରି କୌଣସି ବକେୟା ନ ରହେ ତାହା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପରିପ୍ରେକ୍ଷୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟରେ ଶେଷ ହୋଇଥିବା ବିଦେଶ ଗସ୍ତ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ପ୍ରଧାନମନ୍ତ୍ରୀ ୫ ଦେଶ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ନେଦରଲାଣ୍ଡସ, ସୁଇଡେନ, ନରଓ୍ୱେ ଏବଂ ଇଟାଲୀ ଗସ୍ତ କରିଥିଲେ। ମୋଟ ୯ ଜଣ ସଚିବ ସେମାନଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ତଥା ପ୍ରଦର୍ଶନ ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ କେତେକ ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳର ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା କାର୍ଯ୍ୟ ଉପରେ ମଧ ତଥ୍ୟ ଉପସ୍ଥାପନ କରିଥିଲେ। କ୍ୟାବିନେଟ ସଚିବ ଟି ଭି ସୋମନାଥନ୍ ସମଗ୍ର ସରକାରୀ ସଂସ୍କାର ପଦକ୍ଷେପ ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ ପଦକ୍ଷେପ ଉପରେ ମଧ ରିପୋର୍ଟ ବାଢ଼ିଥିଲେ। ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ମଧ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଏବଂ ରାଷ୍ଟ୍ରମନ୍ତ୍ରୀ ଯୋଗ ଦେଇଥିଲେ। ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ମନ୍ତ୍ରୀ ପରିଷଦର ଏହା ପ୍ରଥମ ବୈଠକ ଥିଲା।

## ୨୪ ରାଜ୍ୟସଭା ଆସନ ପାଇଁ ତାରିଖ ଘୋଷଣା

ନୂଆଦିଲ୍ଲୀ: ଭାରତୀୟ ନିର୍ବାଚନ କମିଶନ ମେ' ୨୨ରେ ଦେଶର ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଜୁନ୍ ୧୮ ତାରିଖରେ ଏହି ଆସନଗୁଡ଼ିକ ପାଇଁ ଭୋଟଗ୍ରହଣ ହେବ। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବଗୌଡ଼ା ଏବଂ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଓ ଦିଗବିଜୟ ସିଂହଙ୍କ ଭଳି ବରିଷ୍ଠ ନେତାଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଦେଶର ୧୦ଟି ରାଜ୍ୟର ରାଜ୍ୟସଭା ସଦସ୍ୟମାନଙ୍କ କାର୍ଯ୍ୟକାଳ ଜୁନ୍ ୨୧ ରୁ ଜୁଲାଇ ୧୯ ତାରିଖ ମଧ୍ୟରେ ଶେଷ ହେବାକୁ ଯାଉଛି। ଏହି ରାଜ୍ୟସଭା ନିର୍ବାଚନ ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକରେ ୪ଟି ଲେଖାଏ ଆସନ ପାଇଁ ହେବାକୁ ଯାଉଛି। ସେହିପରି ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ୩ଟି ଲେଖାଏଁ,



ଝାଡ଼ଖଣ୍ଡରେ ୨ଟି ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ମିଜୋରାମରେ ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଏହି ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ରଖାଯାଇଛି।

କାର୍ଯ୍ୟକାଳ ଶେଷ ହେଉଥିବା ପ୍ରମୁଖ ନେତାମାନଙ୍କ ମଧ୍ୟରେ କର୍ଣ୍ଣାଟକରୁ କଂଗ୍ରେସ ଅଧ୍ୟକ୍ଷ ଖଡ଼ଗେ ଓ ଦେବଗୌଡ଼ା ରହିଛନ୍ତି। ଏହା ବ୍ୟତୀତ ରାଜସ୍ଥାନରୁ କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ, ମଧ୍ୟପ୍ରଦେଶରୁ ଜର୍ଜ କୁରିଆନ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହ ତଥା କଂଗ୍ରେସ ନେତା ଶକ୍ତିସିଂହ ଗୋହିଲଙ୍କ କାର୍ଯ୍ୟକାଳ ମଧ ଶେଷ ହେବାକୁ ଯାଉଛି। ଏହା ସହ ଇସିଆଇ ମହାରାଷ୍ଟ୍ର ଏବଂ ତାମିଲନାଡୁର ଦୁଇଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଘୋଷଣା କରିଛନ୍ତି। ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପଓ୍ୱାର ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେବା ପରେ ରାଜ୍ୟସଭା ଆସନରୁ ଇସ୍ତଫା ଦେଇଥିଲେ, ଯାହା ଫଳରେ ଏହି ଆସନ ଖାଲି ପଡ଼ିଥିଲା।

# ପୁଅ ବିବାହରେ ଯୋଗଦେଲେ ମୋତେ ମାରି ଦିଆଯିବ: ଟ୍ରମ୍ପ

ଓ୍ୱାଶିଂଟନ୍,୨୨।୫: ଇରାନ ସମ୍ପର୍କରେ ପରିସ୍ଥିତିରେ ବ୍ୟସ୍ତ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ତାଙ୍କ ନିଜ ପୁଅର ବିବାହରେ ଯୋଗଦେବା ପାଇଁ ସମୟ ନାହିଁ। ଟ୍ରମ୍ପ ତାଙ୍କ ବଡ଼ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅରଙ୍କ ବିବାହ ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛନ୍ତି। ଗୁରୁବାର ହ୍ୱାଇଟ ହାଉସର ଓଭାଲ ଅଫିସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ ମନ୍ତବ୍ୟ ଦେଇଛନ୍ତି, ସମୟ ଠିକ ନୁହେଁଁ ତେଣୁ, ମୋ ପୁଅର ବିବାହରେ ଯୋଗଦେବା କଷ୍ଟକର।

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ସେ ବିବାହରେ ଯୋଗଦେବା ପାଇଁ ସମସ୍ତ ଚେଷ୍ଟା କରିବେଁ କିନ୍ତୁ ଇରାନର ବର୍ତ୍ତମାନର ପରିସ୍ଥିତି ଏବଂ ଗଣମାଧ୍ୟମର କଠୋର ଯାଞ୍ଚକୁ ଦୃଷ୍ଟିରେ ରଖି, ବର୍ତ୍ତମାନ ଏପରି କରିବା ପାଇଁ ସମୟ ବାହାର କରିବା ଅତ୍ୟନ୍ତ କଷ୍ଟକର। ଟ୍ରମ୍ପ ଆହୁରି କହିଛନ୍ତି, ମୋ ପୁଅ ଚାହୁଁଛି ମୁଁ ବିବାହରେ ଯୋଗଦିଏ, କିନ୍ତୁ ଏହା ମୋ ପାଇଁ ଉପଯୁକ୍ତ ସମୟ ନୁହେଁ। ମୋ ସାମ୍ନାରେ ଏବେ ଏକ ପ୍ରମୁଖ ସମସ୍ୟା 'ଇରାନ' ଅଛି। ଯଦି ମୁଁ ଯୋଗ ଦିଏ, ତେବେ ମୋତେ ମାରିଦିଆଯିବ। ଯଦି ମୁଁ ଯୋଗ ନ ଦିଏ, ତେବେ ମୋତେ ହତ୍ୟା କରାଯିବ। ମିଥ୍ୟା ଖବର ଦ୍ୱାରା ଗଣମାଧ୍ୟମ ଏମିତି କାମ କରିବ। ସେ ଇଙ୍ଗିତ କରିଛନ୍ତି ଯେ, ଯଦି ମୁଁ ବିବାହରେ ଯୋଗ ଦିଏ, ତେବେ ମୁଁ ସମାଲୋଚନାର ସମ୍ମୁଖୀନ ହେବି ଏବଂ ଯଦି ମୁଁ ଯୋଗ ନ ଦିଏ, ତେବେ ମୋତେ



ଟାର୍ଗେଟ କରାଯିବ ଏବଂ ଯେଉଁମାନେ ଟାର୍ଗେଟ କରୁଛନ୍ତି, ନିଶ୍ଚିତ ଭାବରେ ଆମର 'ମିଡ଼ିଆ'।

ଟ୍ରମ୍ପଙ୍କ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅର,ଏହି ସପ୍ତାହାନ୍ତରେ ବାହାମାସରେ ଏକ ବ୍ୟକ୍ତିଗତ ସମାରୋହରେ ବିବାହ କରିବାକୁ ଯାଉଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, ସେ ପାମ ବିଚର ଜଣେ ଜଣାଶୁଣା ସମାଜସେବୀ ଏବଂ ମଡେଲ ବେଟିନା ଆଣ୍ଡରସନଙ୍କୁ ବିବାହ କରୁଛନ୍ତି। ବିବାହକୁ ଅତ୍ୟନ୍ତ ବ୍ୟକ୍ତିଗତ ରଖାଯାଇଛି। ଅତିଥି ତାଲିକା ଅତ୍ୟନ୍ତ ସ୍ୱତନ୍ତ୍ର, ଯେଉଁଥିରେ କେବଳ ପରିବାର ସଦସ୍ୟ ଏବଂ କିଛି ଅତି ନିକଟତର ବନ୍ଧୁ ସାମିଲ ଅଛନ୍ତି। ସଇରାନ ସହିତ ଜାରି ଉତ୍ତେଜନା ଏବଂ ତାଙ୍କ ନିଜ ସୁରକ୍ଷା ଚିନ୍ତା ଯୋଗୁ ଏହି ବିବାହରେ ତାଙ୍କର ଉପସ୍ଥିତି ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ।

## ଇବୋଲା ଭୟ: ଭାରତ-ଆଫ୍ରିକା ଫୋରମ ସମ୍ମିଳନୀ ସ୍ଥଗିତ

ନୂଆଦିଲ୍ଲୀ, ୨୨।୫:ଆଫ୍ରିକୀୟ ଦେଶଗୁଡ଼ିକରେ କାୟା ମେଲାଇଥିବା ମାରାତ୍ମକ 'ଇବୋଲା' ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତ ଏବଂ ଆଫ୍ରିକୀୟ ୟୁନିୟନ (ଏୟୁ) ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଚଳିତ ମେ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁ ଥିବା ଚତୁର୍ଥ 'ଭାରତ-ଆଫ୍ରିକା ଫୋରମ ସମ୍ମିଳନୀ' (ଆଇଏଏଫ୍ଏସ୍) କୁ ସ୍ଥଗିତ ରଖାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଗୁରୁବାର ଏହି ମେଗା ଇଭେଣ୍ଟ ସ୍ଥଗିତ ହେବା ନେଇ ସୂଚନା ଦେଇଛି। ଆଫ୍ରିକୀୟ ଦେଶଗୁଡ଼ିକ ସହ ଆଲୋଚନା ପରେ ସମ୍ମିଳନୀର ନୂଆ ତାରିଖ ଧାର୍ଯ୍ୟ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଆଫ୍ରିକାରେ ଇବୋଲାରେ ଏପର୍ଯ୍ୟନ୍ତ ୧୩୬ରୁ ଅଧିକ ଲୋକ ପ୍ରାଣ ହରାଇସାରିଲେଣି। ଏହି ସମ୍ମିଳନୀ ମାଧ୍ୟମରେ ଆଫ୍ରିକା ମହାଦେଶ ସହ ନିଜର ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଭାରତ ଏକ ମହତ୍ତ୍ୱାକାଂକ୍ଷୀ ରୋଡ୍‌ମ୍ୟାପ



ପ୍ରସ୍ତୁତ କରିଥିଲା। ଆଫ୍ରିକାର ଅନେକ ଶୀର୍ଷ ନେତା ଏହି ସମ୍ମିଳନୀରେ ଯୋଗଦେବା ପାଇଁ ସମ୍ମତି ଜଣାଇଥିଲେ। ଏହାପୂର୍ବରୁ ୨୦୧୫ ଅକ୍ଟୋବରରେ ନୂଆଦିଲ୍ଲୀରେ ଶେଷ ଥର ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ୨୦୧୮ରୁ ଭାରତ ଆଫ୍ରିକାରେ ନିଜର କୂଟନୈତିକ ଉପସ୍ଥିତି ବୃଦ୍ଧି କରି ସେଠାରେ ୧୭ଟି ନୂଆ ମିଶନ ଖୋଲିଛି, ଯଦ୍ଦ୍ୱାରା ଏବେ ମିଶନ ସଂଖ୍ୟା ୪୬ରେ ପହଞ୍ଚିଛି। ଏଭଳି ସ୍ଥିତିରେ ସମ୍ମିଳନୀ ସ୍ଥଗିତ ହେବା ଦ୍ୱାରା ଦ୍ୱିପାକ୍ଷିକ ଆଲୋଚନା କିଛି ସମୟ ପାଇଁ ବିଳମ୍ବିତ ହୋଇଛି।

## ଦିଲ୍ଲୀ-ଉତ୍ତରପ୍ରଦେଶରେ ତାପମାତ୍ରା ୪୫ ଡିଗ୍ରୀ ପାର୍

ନୂଆଦିଲ୍ଲୀ: ସମଗ୍ର ଉତ୍ତର ଭାରତ ପ୍ରବଳ ଗରମରେ ଜର୍ଜରିତ ହେଉଛି। ଗୁରୁବାର ଦିନ ଲଗାତାର ପଞ୍ଚମ ଦିନ ପାଇଁ ଉତ୍ତର ପ୍ରଦେଶର ବାନ୍ଦା ଦେଶର ସବୁଠାରୁ ଉତ୍ତପ୍ତ ସହର ଭାବରେ ରଚଛି, ଯାହାର ତାପମାତ୍ରା ୪୭.୬ ଡିଗ୍ରୀ ସେଲସିୟସ୍ ଥିଲା। ଚିନ୍ତାର ବିଷୟ ହେଉଛି ଅତ୍ୟଧିକ ତାପମାତ୍ରା ଏବଂ ପ୍ରଚଣ୍ଡ ଗରମ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ରାଜଧାନୀ ଦିଲ୍ଲୀରେ ହିଟ୍ ଷ୍ଟ୍ରୋକର ଦୁଇଟି ମାମଲା ରିପୋର୍ଟ ହୋଇଛି। ଜଣେ ରୋଗୀ ଭେଣ୍ଟିଲେଟରରେ ଅଛନ୍ତି। ଅନ୍ୟ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ବତିଶ ଜଣ ରୋଗୀ ଲକ୍ଷ୍ନୌର ଲୋହିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସର ନ୍ୟୁରୋଲୋଜି ଓ୍ୱାର୍ଡରେ ୨୮ ଜଣ କଏଗଟରେ ଏବଂ ୨୦ ଜଣ ୫ଏଚଏଓରେ ଭର୍ତ୍ତି ହୋଇଛନ୍ତି।



ବିଶେଷଜ୍ଞମାନେ କହିଛନ୍ତି ଯେ ତୁରନ୍ତ ଚିକିତ୍ସା ନ କଲେ ହିଟ୍ ଷ୍ଟ୍ରୋକ୍ ମାରାତ୍ମକ ହୋଇପାରେ। ସ୍କାଇମେଟ୍ ଓ୍ୱେଦରର ଉପାଧ୍ୟକ୍ଷ (ମୌଳିକ ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ) ମହେଶ ପଲାଓ୍ୱତ ବ୍ୟାଖ୍ୟା କରିଛନ୍ତି ଯେ ପଶ୍ଚିମ ବାତାବରଣର ଅଭାବ ଯୋଗୁଁ, ଚଳିତ ବର୍ଷ ସମତଳ ଅଞ୍ଚଳରେ ପ୍ରବଳ ଗରମ ହେଉଛି। ତାପମାତ୍ରା ସାଭାବିକଠାରୁ ଅଧିକ, ଏବଂ ହିଟ୍ ଓ୍ୱେଭ୍ ପରିସ୍ଥିତି ମଧ୍ୟ ପ୍ରଚଳିତ। ଆଇଏମଡି ଅନୁଯାୟୀ ଗୁରୁବାର ରାତି ପ୍ରାୟ ୧୪ ବର୍ଷ ମଧ୍ୟରେ ଦିଲ୍ଲୀରେ ସବୁଠାରୁ ଗରମ ରାତି ଥିଲା। ସର୍ବନିମ୍ନ ତାପମାତ୍ରା ୩୧.୯ ଡିଗ୍ରୀ ସେଲସିୟସ୍ ଥିଲା। ଦିନର ସର୍ବାଧିକ ତାପମାତ୍ରା ୪୬ ଡିଗ୍ରୀ ସେଲସିୟସ୍ ପହଞ୍ଚିଥିଲା।

ପ୍ରାୟ ଦୁଇ ସପ୍ତାହ ଧରି ଉତ୍ତର ପ୍ରଦେଶରେ ପ୍ରବଳ ଗରମ ଏବଂ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ତାଣ୍ଡବ ରଚନା କରୁଛି। ବିଶେଷକରି ବାନ୍ଦା, ଝାନ୍ସୀ, ଆଗ୍ରା, ପ୍ରୟାଗରାଜ, ବାରାଣସୀ ଏବଂ ଆଖପାଖ ଜିଲ୍ଲାଗୁଡ଼ିକ ପ୍ରତିଦିନ ରେକର୍ଡ ଭାଙ୍ଗିବା ସର୍ବାଧିକ ତାପମାତ୍ରା ସ୍ଥାପନ କରୁଛନ୍ତି। ପ୍ରୟାଗରାଜରେ ୪୬.୬ ଡିଗ୍ରୀ ସେଲସିୟସ୍, ବାରାଣସୀରେ ୪୫.୬ ଡିଗ୍ରୀ ସେଲସିୟସ୍, ହମିରପୁରରେ ୪୫.୨ ଡିଗ୍ରୀ ସେଲସିୟସ୍, ସୁଲତାନପୁରରେ ୪୫.୨ ଡିଗ୍ରୀ ସେଲସିୟସ୍, ଓରାଇରେ ୪୫ ଡିଗ୍ରୀ ସେଲସିୟସ୍ ଏବଂ ଆଗ୍ରାରେ ୪୪.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ଆଗାମୀ ଦୁଇ ଦିନ ପାଇଁ ଗମ୍ଭୀର ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରିଛି।

ଦିଲ୍ଲୀର ଆରଏମଏଲ ହସ୍ପିଟାଲର ମେଡିସିନ୍ ଏବଂ ହିଟ୍ ଷ୍ଟ୍ରୋକ୍ ନୋଡାଲ୍ ଅଫିସର ପ୍ରଫେସର ଡକ୍ଟର ଅଜୟ ଚୌହାନ ଲୋକମାନଙ୍କୁ ହାଇଡ୍ରେଟେଡ୍ ରହିବା, ଲୁଣଯୁକ୍ତ ତରଳ ପଦାର୍ଥ ସେବନ କରିବା, ସିଧାସଳଖ ସୂର୍ଯ୍ୟ କିରଣ ଏଡାଇବା ଏବଂ ବାହାରେ ଶାରୀରିକ କାର୍ଯ୍ୟକଳାପ କରିବା ସମୟରେ ଛାଇ ଖୋଜିବା ପାଇଁ ପରାମର୍ଶ ଦେଇଛନ୍ତି। ଅତ୍ୟଧିକ କ୍ୟାଫିନ୍, ମଦ୍ୟପାନ ଏବଂ କଠିନ ଶାରୀରିକ କାର୍ଯ୍ୟକଳାପ ଏଡାଇବା। ସେ ବ୍ୟାଖ୍ୟା କରିଥିଲେ ଯେ ଗରମ ପାଣିରେ ଡିହାଇଡ୍ରେସନ୍, ଗରମ ଥକାପଣ, ହିଟ୍‌ଷ୍ଟ୍ରୋକ୍, ହୃଦ୍ ଏବଂ ଶ୍ୱାସକ୍ରିୟା ସମସ୍ୟା କେତେକ ସମୟରେ ଅଙ୍ଗ ବିଫଳତା ମଧ୍ୟ ହୋଇପାରେ। ପିଲା, ବୃଦ୍ଧ, ବାହାରେ କାମ କରୁଥିବା ଏବଂ ଦୀର୍ଘକାଳୀନ ରୋଗରେ ପୀଡିତ ଲୋକମାନେ ବିଶେଷ ଭାବରେ ଦୁର୍ବଳ।

### ଶୁଭେନ୍ଦୁଙ୍କ ବଡ଼ ଘୋଷଣା

## ଅନୁପ୍ରବେଶକାରୀଙ୍କୁ ସୀମା ସୁରକ୍ଷା ବଳକୁ ହସ୍ତାନ୍ତର କର

କୋଲକାତା: ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଗୁରୁବାର କହିଛନ୍ତି ଯେ ଧରାପଡ଼ିଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ କୋର୍ଟକୁ ନ ନେଇ ସିଧାସଳଖ ସୀମା ସୁରକ୍ଷା ବଳକୁ ହସ୍ତାନ୍ତର କରାଯିବା ଉଚିତ। ହାଓଡ଼ା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରେ ଏକ ପ୍ରଶାସନିକ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସମ୍ପର୍କରେ ପୋଲିସ କମିଶନର ଏବଂ ରେଳ ସୁରକ୍ଷା ବଳକୁ ନିର୍ଦ୍ଦେଶ ଜାରି କରାଯାଇଛି।

ସେ କହିଛନ୍ତି, ଗତକାଲିଠାରୁ ଏକ ନୂତନ ନିୟମ କାର୍ଯ୍ୟକାରୀ ହୋଇଛି, ଯାହା ଅନୁଯାୟୀ ଅନୁପ୍ରବେଶକାରୀଙ୍କୁ କୋର୍ଟକୁ ପଠାଯିବ ନାହିଁ ବରଂ ବାଂଲାଦେଶ ସୀମାରେ ଇଥରକୁ ହସ୍ତାନ୍ତର କରାଯିବ। ସେ ଏହାକୁ ଏକ ବ୍ୟାପକ ଚିହ୍ନଟ, ଅପସାରଣ ଏବଂ ନିର୍ବାସନ ଢାଞ୍ଚାର ଅଂଶ ଭାବରେ ବର୍ଣ୍ଣନା କରିଛନ୍ତି। ମୁଖ୍ୟମନ୍ତ୍ରୀ କେଉଁ ଆଇନ ଅନୁଯାୟୀ ବଙ୍ଗଳାର ବିଜେପି ସରକାର ଅନୁପ୍ରବେଶକାରୀଙ୍କୁ ଦଣ୍ଡ ଦେବା ପାଇଁ ଏହି ନୀତିଗତ ପରିବର୍ତ୍ତନ କରିଛନ୍ତି ତାହାର ନାମ ନେଇ ନାହାଁନ୍ତି। ଶୁଭେନ୍ଦୁ ଅଧିକାରୀ ଗତ ବର୍ଷ ଏପ୍ରିଲରେ ସଂସଦ ଦ୍ୱାରା ଗୃହୀତ ପ୍ରବାସ ଏବଂ ବିଦେଶୀ ଆଇନ ୨୦୨୫ ବିଷୟରେ ଉଲ୍ଲେଖ କରୁଥିଲେ, ଯାହା ଭାରତରେ ପ୍ରବାସ, ପଞ୍ଜୀକରଣ, ତଦାରଖ, ଅଟକ ଏବଂ ନିର୍ବାସନ ପାଇଁ ଏକ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ବ୍ୟବସ୍ଥା ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ସେ କହିଛନ୍ତି, 'ପୁଲିସ କମିଶନର ଏବଂ ରେଳ ସୁରକ୍ଷା ବଳକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି ବାଂଲାଦେଶରୁ ଆସିଥିବା କୌଣସି ଅବୈଧ ପ୍ରବାସୀ, ଯିଏ ସିଏଏ ଅନୁଯାୟୀ ନାଗରିକତ୍ୱ ପାଇଁ ଆବେଦନ କରିବାକୁ ଯୋଗ୍ୟ ନୁହଁନ୍ତି, ତାଙ୍କୁ ହାଓଡ଼ା ପୋଲିସ ଷ୍ଟେସନରେ ଅଟକ ରଖାଯାଏ, ତେବେ ତାଙ୍କୁ କୋର୍ଟକୁ ନିଆଯିବା ଉଚିତ୍ ନୁହେଁ। ଅଧିକାରୀ କହିଛନ୍ତି ଯେ ଏହିପରି ବନ୍ଦୀଙ୍କ ସଂଖ୍ୟାର ଏକ ସାପ୍ତାହିକ ରିପୋର୍ଟ ଡିଜିପିଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦାଖଲ କରିବାକୁ ପଡିବ। ମୁଖ୍ୟମନ୍ତ୍ରୀଙ୍କୁ ହାଓଡ଼ା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା, ଯାହା ପରେ ସେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ଏକ ବୈଠକ କରିଥିଲେ।

## 'ବାୟୁ ଅସ୍ତ୍ର': ୧୪,୦୦୦ ଫୁଟ ଉଚ୍ଚରେ, ଲକ୍ଷ୍ୟ ୧୦୦ କିଲୋମିଟର ଦୂର ଶତ୍ରୁକୁ ନିପାତ କରିବ



ନୂଆଦିଲ୍ଲୀ।: ପୁଣେର ପ୍ରମୁଖ ପ୍ରତିରକ୍ଷା କମ୍ପାନୀ ନିବେ ଲିମିଟେଡ୍ ଭାରତୀୟ ସେନାର ଶକ୍ତି ବୃଦ୍ଧି କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। କମ୍ପାନୀ ରାଜସ୍ଥାନର ପୋଖରାନ ଏବଂ ଉତ୍ତରାଖଣ୍ଡର ଜୋଶୀମଠ (ମାଲାରୀ)ରେ ବାୟୁ ଅସ୍ତ୍ର-୧ ଲମ୍ବା ଯୁଦ୍ଧାସ୍ତ୍ରର ସଫଳ ପରୀକ୍ଷଣ କରିଛି।

କମ୍ପାନୀ ଏହାର ଲମ୍ବା ଯୁଦ୍ଧାସ୍ତ୍ର (ଆତ୍ମଘାତକ ଡ୍ରୋନ୍), 'ବାୟୁ ଅସ୍ତ୍ର'ର 'ନୋ-କଷ୍ଟ, ନୋ-କମିଟମେଣ୍ଟ' ସଠିକତା ପ୍ରଦର୍ଶନ କରିଛି, ଯାହାର ପରିସର ୧୦୦ କିଲୋମିଟର। ଏହି ଅତ୍ୟାଧୁନିକ ପ୍ରଣାଳୀ ୧୪,୦୦୦ ଫୁଟ ଉପରେ ମରୁଭୂମି ଏବଂ ପାହାଡ଼ିଆ ଅଞ୍ଚଳରେ ସଠିକତାର ସହିତ ଲକ୍ଷ୍ୟଭେଦ କରି ଏହାର କାର୍ଯ୍ୟକ୍ଷମ କ୍ଷମତାକୁ ପ୍ରମାଣିତ କରିଛି। କମ୍ପାନୀ ଏକ ବିବୃତ୍ତିରେ କହିଛି ଯେ ପୋଖରାନରେ ଏପ୍ରିଲ ୧୮ ଏବଂ ୧୯ ଏବଂ ଜୋଶୀମଠ (ମାଲାରି)ରେ ଏପ୍ରିଲ ୨୬ ଏବଂ ୨୭ରେ ପ୍ରଦର୍ଶନ କରାଯାଇଥିଲା। ବାୟୁ ଆସ୍ତ୍ର-୧ ଲୋଇଟରିଂ ଯୁଦ୍ଧାସ୍ତ୍ର (ପର୍ସନାଲ-ଆଣ୍ଟି-ପର୍ସନାଲ ଭାରିଆଣ୍ଟ) ରାଜସ୍ଥାନର ପୋଖରାନ ରେଞ୍ଜରେ ୧୦ କିଲୋଗ୍ରାମ ଯୁଦ୍ଧାସ୍ତ୍ର ସହିତ ଏହାର ପ୍ରଥମ ଏନ୍‌ସିଏନ୍‌ସି ପ୍ରଦର୍ଶନ ସଫଳତାର ସହ ସମାପ୍ତ କରିଛି।

ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ପୁଞ୍ଜି କ୍ରୟ ପାଇଁ କ୍ରେତାଙ୍କ ଦ୍ୱାରା ଉତ୍ପାଦ ପରୀକ୍ଷଣ ବିନା ମୂଲ୍ୟ, ବିନା ପ୍ରତିବଦ୍ଧତା ଆଧାରରେ କରାଯାଏ। ଅର୍ଥାତ୍ ସରକାର ପରୀକ୍ଷା ପାଇଁ ଦେୟ ଦିଅନ୍ତି ନାହିଁ କିମ୍ବା ପରେ ଉତ୍ପାଦ କ୍ରୟ କରିବାକୁ ପ୍ରତିବଦ୍ଧ ହୁଅନ୍ତି ନାହିଁ। ପ୍ରତିରକ୍ଷା ଫାର୍ମର ବିବୃତ୍ତିରେ କୁହାଯାଇଛି ଯେ ସିଷ୍ଟମ ଗୋଟିଏ ପ୍ରୟାସରେ ୧୦୦ କିଲୋମିଟର ଦୂରତାରେ ଏହାର ଲକ୍ଷ୍ୟସ୍ଥଳକୁ ନିଯୁକ୍ତ କରିଥିଲା। ସମ୍ଭାବ୍ୟ ସିଇପି ଏକ ମିଟରରୁ କମ୍ ଥିଲା ଏବଂ ଏଡାଇବା ଏବଂ ପୁନଃ ଆକ୍ରମଣ କରିବାର କ୍ଷମତା ପ୍ରଦର୍ଶନ କରିଥିଲା। ଏଲ୍ଏମ୍ ଇସ୍ରାଏଲୀ ଲୋଇଟରିଂ ଯୁଦ୍ଧାସ୍ତ୍ର ଉପରେ ଆଧାରିତ। କମ୍ପାନୀ ଦାବି କରିଛି ଯେ ରାତି ସମୟରେ ସଶସ୍ତ୍ର ଯାନ (ଆଣ୍ଟି-ଟ୍ୟାଙ୍କ୍) ପରୀକ୍ଷଣ ସମୟରେ, ସିଷ୍ଟମ ଏକ ଇନଫ୍ରାରେଡ୍ କ୍ୟାମେରା ବ୍ୟବହାର କରି ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ଗୋଟିଏ ପ୍ରୟାସରେ ୨ ମିଟର ମଧ୍ୟରେ ସଠିକତା ହାସଲ କରିଥିଲା।



ଶନିବାର ୨୩।୦୫।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ପାଣି ପିଇବାକୁ ଆସିଥିବା କୁଟ୍ରାକୁ ଘେରିଗଲେ କୁକୁର



ରାଇକିଆ ୨୨/୦୫ ( ଜଗଦୀଶ ଦାଶ): ଜଙ୍ଗଲରୁ ପାଣି ସନ୍ଧାନରେ ଗାଁ ନିକଟକୁ ଚାଲିଆସିଥିବା ଏକ କୁଟ୍ରାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛି ରାଇକିଆ ବନବିଭାଗ। ପାଟଲୀ ସାହି ନିକଟ ଏକ ଚୁଆକୁ ଆସି ପାଣି ପିଉଥିବାବେଳେ କୁକୁରମାନଙ୍କ ଆକ୍ରମଣରେ କୁଟରାଟି ରକ୍ତାକ୍ତ ହୋଇଥିଲା।ଓ ସ୍ଥାନୀୟ ବାସିନ୍ଦା ଙ୍କ ତରଫରୁ ଖବର ପାଇ ରାଇକିଆ ବନ ବିଭାଗ କର୍ମଚାରୀ ମାନେ କୁଟ୍ରାକୁ ଉଦ୍ଧାର କରି ରାଇକିଆ ପ୍ରାଣୀ ଚିକିତ୍ସାଳୟରେ ଆଣି ଚିକିତ୍ସା କରାଇଥିଲେ। ଓକୁଟ୍ରାଟି ସୁସ୍ଥ ହେଲା ପରେ ତାକୁ ପୁଣି ଥରେ ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନ ବିଭାଗ କର୍ମଚାରୀ ସୂଚନା ଦେଇଛନ୍ତି । ବହୁ ସୁନ୍ଦର୍ ଭାବ ରେ ସେମାନେ ସେବା କରିଥିଲେ।

## ମାଛ ଧରିବା କାଳ ହେଲା ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

ନନ୍ଦପୁର୨୨/୦୫(ଶ୍ରୀରାମ ଖରା )ଗତ ଗୁରୁବାର ମଧ୍ୟାହ୍ନ ସମୟ ରେ ଓଡ଼ିଶା ସୀ(ମାନ୍ତ ପେଦା ବାଇଲ ମଣ୍ଡଳ ଅଧୀନସ୍ଥ ମୁସୁଡ଼ି ପୁଟ ଗ୍ରାମ ନାଗେଶ ହନ୍ତାଳ ଭଣଜା ଓ ପୁଅ ସହ ଆନ୍ଧ୍ର ନଦୀ ମୁହାଣ ରେ ମାଛ ଧରିବା ସମୟରେ ଭଣଜା ଓ ପୁଅ ନଦୀ ଭିତରେ ବୁଡ଼ି ଯାଇଥିବାଲେ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ନଦୀ ରେ ବୁଡି ନିଖୋଜ ରହିଥିଲେ । ତେବେ ଶୁକ୍ରବାର ସକାଳୁ ସକାଳୁ ସ୍ଥାନୀୟ ଲୋକ ଙ୍କ ସହାୟତା ରେ ନିଖୋଜ ବ୍ୟକ୍ତି ନା ଗେଶ ଙ୍କ ଶବ ଉଦ୍ଧାର କରିଛନ୍ତି କାଳ ହୋଇଛି ।ସୂଚିତଯେ ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତ ପେଦାବାଇ ଲ ଆନ୍ଧ୍ର ସୀମାନ୍ତ ନଦୀ ଉପର ମୁଣ୍ଡ ରେ ମାଛ ଧରିବା କୁ ଆସିଥିବା ନା ଗେଶ ନିଖୋଜ ଥିବା ଖବର ପାଇ ପାଡୁ ଲୁଙ୍ଗ ପଞ୍ଚାୟତ ସଭାପୁଟ ବିଜୁ ସେତୁ ମୁହାଣରେ ଲୋକ ଙ୍କ ଭିଡ଼ ଜମି ଥିଲା କ୍ଷ ସ୍ଥାନୀୟ ଲୋକ ଙ୍କ ସହଯୋଗ ରେ ବହୁ ଖୋଜା ଖୋଜି ପରେ ମଧ ଗତ କାଲି କୌଣସି ୫ସନ୍ଧାନ ମିଳିନଥିଲା । ଦୁର୍ଗ ଭାଗ୍ୟରେ ପୁଅ ଭଣଜା ମିଶି ନଦୀ ମଝୀ ରେ ଭାସି ଯାଇଥିବା ବେଳେ ନିଜେ ନା ଗେଶ ନଦୀରେ ବୁଡ଼ି ଭଣଜା ଓ ପୁଅ କୁ ବଞ୍ଚାଇ ଥିବା ବେଳେ ନିଜେ ପିତା ନାଗେଶ ନଦୀ ବୁଡି ନିଖୋଜ ରହିଥିବା ଘଟଣା ଅଞ୍ଚଳ ରେ ଚାଞ୍ଚଲ୍ୟ ଖେଳିଯାଇଛି । ଏହି ଖବର ପାଇ ପଡ୍ଡା ଲୁଂ ଗ୍ରାମ ପଞ୍ଚାୟତ ସରପଂଚ ପୂଜା ଖିଲ ଓ ସାମାଜିକ କର୍ମୀ ଆକାଶ ଖିଲ ସମେତ ଓଡ଼ିଶା ସୀମାନ୍ତ ସାମାଜ ସେବୀ ମାନେ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ଆନ୍ଧ୍ର ପ୍ରଦେଶର ପ୍ରଶାସନ କୁ ଖବର ଦେଇ ଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ




ସମ୍ବଲପୁର୨୨/୦୫( ଅକ୍ଷର ଓଡିଶା)ଆସନ୍ତା ବର୍ଷା ଋତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଅଧକ୍ଷ କୁମୁଦିନୀ ନାୟକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା.ପ୍ର.ସେ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ(ଓ.ପ୍ର.ସେ), ସମ୍ବଲପୁର ମହାନଗର ନିଗମ ର ଆୟୁକ୍ତ ରେହାନ କ୍ଷତ୍ରି (ଭା.ପ୍ର.ସେ), ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ସମସ୍ତ ଦୁର୍ବଳ ନଦୀ ବନ୍ଧ ଓ ଘାଇ ଶୀଘ୍ର ଚିହ୍ନଟ କରି ମରାମତି, କେନାଲ ଓ ନାଳ ସଫେଇ ଡ୍ରେନେଜ ବ୍ୟବସ୍ଥାର ସଫେଇ, ବନ୍ୟାଜଳର ନିର୍ବିଘ୍ନ ପ୍ରବାହ, ୨୪ ଘଂଟିଆ କଂଟ୍ରୋଲ ରୁମ୍, ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପାଣିପାଗ ସତର୍କବାଣୀ ଓ ବନ୍ୟା ବୁଲେଟିନ୍ ର ଦ୍ୱରିତ ପ୍ରଚାର ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା । ବନ୍ୟାପ୍ରବଣ ଅଂଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ସହ ସୁରକ୍ଷିତ ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିଚ୍ଛନତା, ପଶୁ ଚିକିତ୍ସା ଓ କୃଷି ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦେଶ ଦିଆଯାଇଥିଲା । ବନ୍ୟା ଆଶ୍ରୟସ୍ଥଳ ଗୁଡିକ ପ୍ରସ୍ତୁତ ରଖିବା ସହିତ,ପାନୀୟ ଜଳ, ତଳିଆ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଉଦ୍ଧାର ଯୋଜନା, ରାସ୍ତା ଓ ପରିବହନ ବ୍ୟବସ୍ଥା ଉପରେ ମଧ ସମୀକ୍ଷା କରାଯାଇଥିଲା ।ଏଥିସହିତ ଓଡ୍ରାଫ, ଏନଡିଆରଏଫ ଓ ସୁରକ୍ଷା ବାହିନୀ ମୁତୟନ ପାଇଁ ପୂର୍ବ ପ୍ରସ୍ତୁତି ଏବଂ ବନ୍ୟା ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ରିଲିଫ ଟିମ ଗଠନ ଉପରେ ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ପରିଚାଳନା ସମୟରେ କୌଣସି ପ୍ରକାରର ଅବହେଳା ନ କରିବା ପାଇଁ ଆଦେଶ ଦେଇଥିଲେ ଏବଂ କୌଣସି ପ୍ରକାର ର ଅବହେଳା କରୁଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ମୌସୁମୀ ଆସିବା ପୂର୍ବରୁ ସମସ୍ତ ପ୍ରତିଷେଧମୂଳକ ବ୍ୟବସ୍ଥା ଶେଷ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ ଟିମର ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା

ଯାଜପୁର୨୨/୦୫, (ଅକ୍ଷର ଓଡ଼ିଶା): ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଏକ ଟିମ୍ ସୁକିନ୍ଦା ବ୍ଲକର କାଂସ ଗ୍ରାମପଞ୍ଚାୟତ ସରୁଆବିଲି



ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଟିକରପଡ଼ା ଗ୍ରାମକୁ ପରିଦର୍ଶନରେ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି। ଡାକ୍ତର ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ତଥା ସିନିୟର ଏପିଡେମିଓଲୋଜିଷ୍ଟ୍ ଡାକ୍ତର ଜ୍ୟୋତି ରଞ୍ଜନ ରାଉତ, ଯାଜପୁର ଉପ-ପ୍ରବନ୍ଧକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ- ସୁଧାଂଶୁ ଶେଖର ନାୟକ, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ସୁକିନ୍ଦାର ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଏବଂ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପରିଦର୍ଶନରେ ଯାଇଥିଲେ। ଉକ୍ତ ଗ୍ରାମର ସୂର୍ଯ୍ୟ ଜୁଆଙ୍ଗଙ୍କ ପରିବାରରେ ମୋଟ ସମୁଦାୟ ସାତ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା। ପରିବାରର ସମସ୍ତ ଶିଶୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ଆର.ବି.ଏସ.କେ ଟିମ୍ ପରିଦର୍ଶନ କରି ସେମାନଙ୍କୁ ଔଷଧ ପ୍ରଦାନ କରିଥିଲେ।ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଟିମ୍ ଦ୍ୱାରା ମଇ ୨୦ ତାରିଖରେ ଏକ ସ୍ୱାସ୍ଥ୍ୟ ମେଳାର ଆୟୋଜନ କରାଯାଇଥିଲା, ସେଥିରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରିଗ୍ ସୁନ୍ଦର ପଣ୍ଡାଙ୍କ ଦ୍ୱାରା ସମସ୍ତ ୩୨ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୧ ଜଣ ଶିଶୁଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଗ୍ରାମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ କାର୍ଯ୍ୟକ୍ରମ, ପୋଷଣ ସ୍ଥିତି ଓ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବୃଦ୍ଧି ସହ ସରକାରୀ ସ୍ୱାସ୍ଥ୍ୟ ସେବାକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା।

## ବନ ବିଭାଗ ତତ୍ପରତା ପାଇଁ ଦନ୍ତା ହାତୀଟି କାହାରି କ୍ଷୀୟ କ୍ଷିତି କରିପାରିଲାନି

କୋଇଡା ୨୨/୫ (ଅକ୍ଷର ଓଡିଶାବି ) କୋଇଡ଼ା ଅଞ୍ଚଳର ସର୍ଗିଗଡ଼ ଗ୍ରାମରେ ଗତରାତି ଏକ ଦନ୍ତା ହାତୀର ତାଣ୍ଡବ ଦେଖିବାକୁ ମିଳିଥିଲା। ହାତୀଟି ଗ୍ରାମ ଭିତରକୁ ପସିଆସିବା ପରେ ଗ୍ରାମବାସୀମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତି ଅଧରାରେ ହାତୀ ଗ୍ରାମ ନିକଟରେ ଘୁରିବାରୁ ଲୋକେ ଘରୁ ବାହାରିବାକୁ ଭୟ କରୁଥିଲେ। ତେବେ ସୌଭାଗ୍ୟବଶତଃ କାହାରି ପ୍ରାଣହାନି କିମ୍ବା ବଡ଼ ଧରଣର କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି।ଘଟଣା ସମ୍ବନ୍ଧରେ ଖବର ପାଇବା ସହିତ ବନ ବିଭାଗର କର୍ମଚାରୀମାନେ ତୁରନ୍ତ ସର୍ଗିଗଡ଼ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନେ ସାରା ରାତି ଉଜାଗର ରହି ହାତୀର ଗତିବିଧି ଉପରେ କଡ଼ା ନଜର ରଖିଥିଲେ। ବନ କର୍ମଚାରୀମାନେ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ହାତୀକୁ ଜନବସତିରୁ ଦୂରେଇ ରଖିବା ପାଇଁ ଚେଷ୍ଟା କରିଥିଲେ।ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଦନ୍ତା ହାତୀଟି ଗ୍ରାମ ନିକଟରେ ଦୀର୍ଘ ସମୟ ଧରି ଘୁରିବାରୁ ଭୟର ପରିସ୍ଥିତି ଲାଗିରହିଥିଲା। କିଛି ଲୋକ ଘର ଭିତରେ ରାତି କାଟିଥିବା ବେଳେ ଅନ୍ୟମାନେ ସତର୍କତାର ସହିତ ହାତୀର ଚଳାଚଳ ଉପରେ ନଜର ରଖିଥିଲେ। ତେବେ ବନ ବିଭାଗର ତତ୍ପରତା ଯୋଗୁଁ କୌଣସି ଅଘଟଣ ଘଟିନଥିଲା। ପରେ ସୂର୍ଯ୍ୟ ଉଦୟ ପୂର୍ବରୁ ହାତୀଟି ପୁଣି ଜଙ୍ଗଲ ମୁହାଁ ହୋଇଥିବା ଜଣାପଡ଼ିଛି। ହାତୀ ଜଙ୍ଗଲକୁ ଫେରିଯିବା ପରେ ଗ୍ରାମବାସୀମାନେ ଆଶ୍ୱସ୍ତ ହୋଇଥିଲେ।

## ବୋଲେରୋ ଗାଡ଼ିରୁ ଲକ୍ଷ ଲକ୍ଷ ଟଙ୍କା ଚୋରି

ଲକ୍ଷ୍ମୀପୁର, ୨୨/୦୫(ଅକ୍ଷର ଓଡ଼ିଶା) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ପୁଣି ଚୋରଙ୍କ ଆତଙ୍କ ଦେଖିବାକୁ ମିଳିଛି। ସନ୍ଧ୍ୟା ପ୍ରାୟ ୫ଟା ୧୫ ମିନିଟ୍ ସମୟରେ ଏକ ବୋଲେରୋ ଗାଡ଼ି ଭିତରୁ ଅଜଣା ଦୁର୍ବୃତ୍ତ ମାନେ ୧ ଲକ୍ଷ ୫୦ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଲକ୍ଷ୍ମୀପୁର ଅଞ୍ଚଳର ଜଣେ ବିଜେପି ନେତା ତାଙ୍କ ଓଡ଼ି୧୦ବି-୮୬୬୯ ନମ୍ବର ବିଶିଷ୍ଟ ବୋଲେରୋ ଗାଡ଼ିରେ ଟଙ୍କା ରଖି ପୂର୍ତ୍ତ ବିଭାଗ ସମ୍ମୁଖ ଟିଫିନ ଦୋକାନ କୁ ଟିଫିନ ଖାଇବାକୁ ଯାଇଥିଲେ। ଗାଡିରେ କେହି ନଥିବା ସୁଯୋଗରେ କେହି ଗାଡ଼ିର ଡ୍ର ଭିତରେ ଥିବା ଦେଢ଼ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲା । ଘଟଣା ଜଣାପଡ଼ିବା ପରେ ଗାଡ଼ି ମାଲିକଙ୍କ ପକ୍ଷରୁ ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ସିସିଟିଭି ଫୁଟେଜ ଓ ସ୍ଥାନୀୟ ତଥ୍ୟ ଆଧାରରେ ଚୋରଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଛି।

### କଳାହାଣ୍ଡିରେ ଦାଦନ ଯନ୍ତ୍ରଣା

## ମୃତ୍ୟୁର ପାଞ୍ଚ ଦିନପରେ ଗାଁକୁ ଫେରିଲା ଶବ



କଳାହାଣ୍ଡି, ୨୨/୦୫:(ଅକ୍ଷର ଓଡ଼ିଶା)କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ଦାଦନ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ପୁଣି ଜଣେ ଶବ ହୋଇ ଫେରିଛି ଦାଦନ ଶ୍ରମିକ, ଦାଦନ ଶ୍ରମିକ ହେଲେ ଭବାନୀ ପାଟଣା ସଦର ଥାନା ଅନ୍ତର୍ଗତ ସଗଡା ପଞ୍ଚାୟତର ତଳ ରାଚୁ ଗୁଡା ଗ୍ରାମର ଦୁଃଖୀ ହରିଜନ ବୋଲି ଜଣାପଡ଼ିଛି।ପରିବାର ପ୍ରତିପୋଷଣ ପାଇଁ ଆନ୍ଧ୍ରପ୍ରଦେଶଦକୁ ଦାଦନ ଖଟିବାକୁ ଯାଇଥିବାବେଳେ ଶ୍ରମିକଙ୍କ ମୃତ ଘଟିଛି।ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶ ରାଜ୍ୟର ନାଲଗୋପୁରମ ଥାନା ଆନନ୍ଦପୁରମ ଜିଲ୍ଲାର ଭାବନାନଗେଶ ଅଞ୍ଚଳରେ କାମ କରୁଥିଲେ।ତାଙ୍କ ରହୁଥିବା ସ୍ଥାନରେ ରବିବାର ସକାଳ ୧୦ ଘଣ୍ଟା ସମୟରେ ଗାଧେଇବା ପାଇଁ ଯାଇଥିଲେ ହେଁ ସେହି ସ୍ଥାନରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା।ମୃତ ପୂର୍ବରୁ ନିଜ ସ୍ତ୍ରୀ ସହିତ କିଛି ସମୟ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲେ। ହେଲେ ଫୋନ୍ ରେ କଥା ହୋଇ କିଛି ସମୟ ପରେ ତୁମ ସ୍ୱାମୀର ମୃତ୍ୟୁ ହୋଇଛି ବୋଲି ଏକ ଫୋନ୍ ଆସିଥିଲା। ଫୋନ୍ ରେ ସ୍ୱାମୀର ମୃତ ଖବର ଶୁଣିବାପରେ ଚମକି ପଡ଼ିଥିଲେ ସ୍ତ୍ରୀ ଓ ପରିବାର।ସେ ପରିବାରରେ ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ରହିଥିବାବେଳେ ବର୍ତମାନ ସ୍ତ୍ରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।ଏପଟେ ସ୍ତ୍ରୀ ସହିତ ଫୋନରେ କଥା ହୋଇ କିଛି ସମୟ ପରେ ହଠାତ କିପରି ସ୍ୱାମୀର ମୃତ୍ୟୁ ହେଲା।ଧମୃତ ବ୍ୟକ୍ତି ଜଣକ ହେଲେ ଭବାନୀପାଟଣା ସଦରଥାନା ଅନ୍ତର୍ଗତ ଶଗଡ଼ା ପଞ୍ଚାୟତର ତଳରାଚୁଗୁଡା ଗ୍ରାମର ଦୁଃଖୀ ହରିଜନ ବୋଲି ଜଣାପଡ଼ିଛି।ଆନ୍ଧ୍ରପ୍ରଦେଶ ରାଜ୍ୟର ନାଳଗୋପୁରମ ଥାନାରେ ବୁଧବାର ଶବ ବ୍ୟବଚ୍ଛେଦ ପରେ ଆଜି ଗୁରୁବାର ଦିନ ୧୨ ଘଣ୍ଟିକା ସମୟରେ ଗାଁକୁ ପହଞ୍ଚିଥିଲା ଶବ। ଏନେଇ ନିଜ ଗାଁ ତଳରାଚୁଗୁଡ଼ାକୁ ଶବ ପହଞ୍ଚିବା ପରେ ଗାଁ ମଶାଣିରେ ଶବ ସତ୍କାର କରାଯାଇଥିଲା ।

## ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ପଦାଧିକାରୀଙ୍କ ନାମ ଘୋଷଣା

ସମ୍ବଲପୁର ୨୨. ୫(ଦେବେନ୍ଦ୍ର ମିଶ୍ର) ସମ୍ବଲପୁର ଜିଲ୍ଲା ବିଜେପି କୁ ଆହୁରି ମଜଭୁତ ଓ ସକ୍ରିୟ କରିବା ପାଇଁ ନିୟମିତ ଭାବେ ସଂଗଠନ ବିସ୍ତାର କାର୍ଯ୍ୟ ଚାଲୁଛି । ଏହି ମର୍ମ ରେ ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେର ଙ୍କ ଅନୁମୋଦନ କ୍ରମେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ହରବ୍ରତ ସେନାପତି ଆଜି ତାଙ୍କର ଟିମ ଘୋଷଣା କରିଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଙ୍କ ଜରିଆରେ ଦିଆ ଯାଇଥିବା ପ୍ରେସ ବିଜ୍ଞପ୍ତି ରେ ମୋର୍ଚ୍ଚା ର ସମସ୍ତ ଜିଲ୍ଲା ପଦାଧିକାରୀ ଙ୍କ ନାମ ଘୋଷଣା କରାଯାଇଛି । ତାଲିକା ଅନୁସାରେ ବିଜେପି ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ର ଉପସଭାପତି ଭାବେ ଦୁଷ୍ମନ୍ତ ବେହେରା, କୁମରେଶ ଦାସଭୟା, ଅଶୋକ ରୋହୀଦାସ, ପ୍ରକାଶ ମୁଖୀ, ସୁବର୍ଣ୍ଣ କହଁର ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଅଞ୍ଜୁ ତାଣ୍ଡିଆ, ରଶ୍ମି କୁସୁମ ଙ୍କୁ ସାଧାରଣ ସମ୍ପାଦକ, ଅରବିନ୍ଦ ବିଭାର, ଚକ୍ରଧର ସେଠି, ସମାରୁ ବୁଡା, ଅଞ୍ଜୁ ଭଞ୍ଜ, ଭୀମସେନ ସୋହେଲା ଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ତ୍ରିହିକର ଡୁଙ୍ଗରି ଙ୍କୁ କୋଷାଧକ୍ଷ ଭାବେ, ଦଶରଥ ବନଛୋର ଙ୍କୁ ଗଣମାଧ୍ୟମ ସଂଯୋଜକ, ରାଜେଶ ନନ୍ଦ ଙ୍କୁ ସହ-ସଂଯୋଜକ, କିଶୋର ସୁନା ଙ୍କୁ ସାମାଜିକ ଗଣମାଧ୍ୟମ ସଂଯୋଜକ, ସୁରେନ୍ଦ୍ରୀ ସିଂ ଙ୍କୁ ସହ-ସଂଯୋଜକ, ଶିବ ନାରାୟଣ ସୁନା ଙ୍କୁ କାର୍ଯ୍ୟାଳୟ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ।

## କଲ୍ୟାଣସିଂହପୁର ଲ୍ୟାମ୍ପ MDଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ରାୟଗଡ ୨୨. ୫( କୈଳାସ ସ୍ୱାଇଁ )ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସମବାୟ ସମିତି ଲ୍ୟାମ୍ପରେ ହୋଇଥିବା କୋଟି କୋଟି ଟଙ୍କାର ଅର୍ଥ ହେରଫେର ଘଟଣାରେ ନୂଆ ମୋଡ଼। ଲ୍ୟାମ୍ପର ମ୍ୟାନେଜିଂ ଡାଇରେକ୍ଟର ତାରିଣୀ ତ୍ରିପାଠୀଙ୍କ ଜିଲୁଣ୍ଡା ସ୍ଥିତ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପୂର୍ବରୁ ବିଭାଗୀୟ ତଦନ୍ତରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଥିଲା। ସୂଚନା ଅନୁସାରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସମବାୟ ସମିତିର ମ୍ୟାନେଜିଂ ଡାଇରେକ୍ଟର ତାରିଣୀ ତ୍ରିପାଠୀଙ୍କ ଜିଲୁଣ୍ଡା ସ୍ଥିତ ଘରେ ଛଅ ଜଣିଆ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ଲ୍ୟାମ୍ପରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ବିଭାଗୀୟ ତଦନ୍ତ ରିପୋର୍ଟ ଅନୁଯାୟୀ, ୩୩ ଜଣ ଚାଷୀଙ୍କ ଅଜାଣତରେ ୨୮ ଲକ୍ଷ ୨୯ ହଜାର ଟଙ୍କା ଉଠାଯାଇଥିବା ଏବଂ ନିଜ ପରିବାର ସଦସ୍ୟଙ୍କ ନାମରେ ୭୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ହଡପ କରାଯାଇଥିବା ଉଲ୍ଲେଖ ରହିଛି।ସେହିପରି ଗଡ ତ୍ରିପାଠୀଙ୍କ ମିନି ବ୍ୟାଙ୍କ ଆକାଉଣ୍ଟରୁ ୨୮ ଲକ୍ଷ ୨୯ ହଜାର ଟଙ୍କା, ଭାଇଙ୍କ ନାମରେ ୧୪ ଲକ୍ଷ ୨୧ ହଜାର, ବାପାଙ୍କ ନାମରେ ୩ ଲକ୍ଷ ୬୫ ହଜାର, ସ୍ତ୍ରୀ ଓ ଅନ୍ୟ ସମ୍ପର୍କୀୟଙ୍କ ନାମରେ ୬ ଲକ୍ଷ ୬୫ ହଜାର ଏବଂ ନିଜ ନାମରେ ୨୨ ଲକ୍ଷ ଟଙ୍କା ହିସାବରକ୍ଷକଙ୍କ ଅଜାଣତରେ ବ୍ୟାଙ୍କରୁ ଉଠାଯାଇଥିବା ବିଭାଗୀୟ ତଦନ୍ତରୁ ଜଣାପଡ଼ିଛି।ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବା ବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଆନ୍ଦୋଳନ ହେବା ପୂର୍ବରୁ ଦାବି ପୂରଣ

ବଲାଙ୍ଗିର ୨୨/୦୫ (ବଲାଙ୍ଗିର) : ଆନ୍ଦୋଳନ ହେବା ପୂର୍ବରୁ ଦାବି ପୂରଣ । ବଲାଙ୍ଗିରରେ ବିଶାଖାପାଟଣା ଭାୟା ପ୍ରୟାଗରାଜ୍ ଦିଲ୍ଲୀ ଟ୍ରେନ୍ର



ରହଣୀ ଦାବି ନେଇ ଆଜି ସମସ୍ତ ବଲାଙ୍ଗିର ବାସୀ ଏକ ହୋଇ ରେଳୱେ ଷ୍ଟେସନରେ ଏକ ବଡ଼ ଧରଣର ଆନ୍ଦୋଳନ କରିବାର ଥିଲା । କିନ୍ତୁ ଆନ୍ଦୋଳନ ହେବା ପୂର୍ବରୁ ଦାବି ପୂରଣ ହୋଇଯାଇଛି । ରେଳ ବିଭାଗ ପକ୍ଷରୁ ବଲାଙ୍ଗିରରେ ବିଶାଖାପାଟଣା ଭାୟା ପ୍ରୟାଗରାଜ୍ ଦିଲ୍ଲୀ ଟ୍ରେନ୍ ୨ ମିନିଟ୍ ରହଣୀ ପାଇଁ ଘୋଷଣା କରାଯାଇଥିବା ସୂଚନା ମିଳିଛି । ଯାହାକୁ ନେଇ ଆଜି ସମସ୍ତ ବଲାଙ୍ଗିର ବାସୀ ବାଜା ଗାଜାର ତାଳେ ତାଳେ ମିଠା ବଣ୍ଟନ କରି ରେଲୱେଷ୍ଟେସନରେ ବିଜୟ ଉତ୍ସବ ପାଳନ କରିଛନ୍ତି । ଏହା ସହ ରେଳ ବିଭାଗକୁ ୨ ମିନିଟ୍ ନୁହେଁ ବରଂ ୫ ମିନିଟ୍ ଟ୍ରେନ୍ ରହିବାକୁ ଦାବି କରାଯାଇଥିଲା ।.

## ଘରେ ପଶି ସୁନା ଟଙ୍କା ଲୁଟ କଲେ ଦୁବୃତ୍ତ

ଆସିକା :-୨୨/୦୫/(ଅକ୍ଷର ଓଡ଼ିଶା )ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଇଲାକାର ଡଉଗାଁ ରେ ଜଣେ ବ୍ୟକ୍ତିଙ୍କ ବାରିପଟୁ ଘରେ ପଶି ସୁନା ଟଙ୍କା ଲୁଟ କଲେ ଦୁବୃତ୍ତ ମାନେ ବୋଲି କୁହାଯାଉଛି । ଘର ପଛ ପଟ କବାଟ ଭାଙ୍ଗି ଘରେ ବଡ଼ ଚତୁରତା ସହ ପଶିଲେ,ପେଡିକୁ ଭାଙ୍ଗି ପାଖାପାଖି ୧୦ ତୁଳା ସୁନା ଅଳଂକାର ଓ ନଗଦ ୫୦ ହଜାର ଟଙ୍କାକୁ ନେଇଥିବା କୁହାଯାଉଛି କ୍ଷଏପରି ଚୋରି ହୋଇଛି ଧରାକୋଟ ଥାନା ଡଉଗାଁ ଗ୍ରାମର କେଉଟ ସାହିର ବନମାଳୀ ବେହେରା ଙ୍କ ଘରେ କ୍ଷ ଖବର ପାଇଁ ଘଟଣା ସ୍ଥଳରେ ଧରାକୋଟ ପୋଲିସ ପହଁଚିଛି ତଦନ୍ତ କରୁଥିବା ଥାନା ପକ୍ଷରୁ କୁହାଯାଇଛି ।

## ଗଜପତିରେ ଅବକାରୀ ଧରପଗଡ଼ ବ୍ୟାପକ ମଦ ଜବତ, ୧୩ ଜଣ ଗିରଫ

ପାରଳାଖେମୁଣ୍ଡି, ୨୨/୫(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୁତିକାନ୍ତ ରାଉତଙ୍କ ନିର୍ଦେଶକ୍ରମେ ସମଗ୍ର ଜିଲ୍ଲାରେ ଅବକାରୀ ବିଭାଗ ତରଫରୁ ଧରପଗଡ଼, ଚଢଉ ଓ ପେଟ୍ରୋଲି ଆଦିକୁ ଆଦିକୁ ବ୍ୟାପକ କରାଯାଇଛି. ଏହି ଜିଲ୍ଲାର ଗାରାବନ୍ଧ, ଗୁରାଣ୍ଡି ଓ ପାରଳାଖେମୁଣ୍ଡି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଗୁଇନ୍ଦା ଟିମ୍ ପକ୍ଷରୁ ଧରପଗଡ଼ କରାଯାଇ ୧୨୬୪ ଲିଟର ଦେଶୀମଦ ଜବତ ସହ ୫୦୦୦ କିଲୋଗ୍ରାମ ପୋଚ ନଷ୍ଟ କରାଯାଇଛି। ଏନେଇ ମୋଟ ୧୬ଟି ମାମଲା ରୁଜୁ ହୋଇଥିବା ବେଳେ ୧୩ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ସେହିପରି ଆର.ଉଦୟଗିରି ଏକ୍ସାଇଜ୍ ରେଞ୍ଜର ଇନ୍ସପେକ୍ଟର, ଜିଲ୍ଲା ମୋବାଇଲ୍ ୟୁନିଟ୍ର ଇନ୍ସପେକ୍ଟର, ଆର. ଉଦୟଗିରି ଓଆଇସି ଏବଂ ଆର.ଉଦୟଗିରି, ମୋହନା ଓ ଜିଲ୍ଲା ମୋବାଇଲ୍ ୟୁନିଟ କର୍ମଚାରୀମାନେ ଆର. ଉଦୟଗିରି ଥାନା ପୋଲିସ ସହ ମିଳିତ ଭାବେ ଅନୁଗୁର, ଆଙ୍ଗିମ୍ପା ଓ କିରାମା ଗ୍ରାମରେ ଚଢାଉ କରିଥିଲେ । ଏହି ଚଢାଉରେ ୫,୮୦୦ ଲିଟର ଏଫଏମ୍ ୱାଶ ଏବଂ ୩୩୦ ଲିଟର ଆଇଡି ଲିଟର ଜବତ କରାଯାଇଥିବା ସୂଚନା ମିଳିଛି ।

### ଖୋର୍ଦ୍ଧା ପୌର ପରିଷଦ ଟେଣ୍ଡର ଆହ୍ୱାନରେ ଅନିୟମିତତା ଅଭିଯୋଗ

## ୩୫ଗୋଟି ପ୍ରକଳ୍ପ ନିମନ୍ତେ ଡକାଯାଇଥିବା ଟେଣ୍ଡର ବାତିଲ

ଖୋର୍ଦ୍ଧା, ୨୨/୦୫(ଅକ୍ଷର ଓଡ଼ିଶା): ସହରାଂଚଳ ଉନ୍ନତି କରଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୨୨ଗୋଟି ୱାର୍ଡରେ ରାସ୍ତା, ନାଳ ମରାମତି ଏବଂ ନୂତନ ଭାବେ ନିର୍ମାଣ କରିବାକୁ ଚଳିତ ବର୍ଷ ଏପ୍ରିଲ ମାସ ୨୪ତାରିଖ ଦିନ ଇ - ପ୍ରକ୍ୟୁରମେଂଟ ନୋଟିସ ନଂ ୧୩୮ ମଧ୍ୟମରେ ଅନ ଲାଇନ ପ୍ରକ୍ରିୟାରେ ଟେଣ୍ଡର ଆହ୍ୱାନ ପୌର କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିଲା। ଅନ୍ୟପକ୍ଷରେ ଟେଣ୍ଡର ଆହ୍ୱାନ ସମ୍ପର୍କରେ ବିସ୍ତୃତ ଭାବେ ଜଣା ପଡିବା ୱାର୍ଡ ବାସୀ ଏବଂ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ୨୨ଗୋଟି ୱାର୍ଡ ମଧ୍ୟରୁ ମାତ୍ର ୧୪ଗୋଟି ୱାର୍ଡରେ ୩୫ଗୋଟି ପ୍ରକଳ୍ପ ନିମନ୍ତେ ୨କୋଟି ୧୨ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା।ଏଥି ମଧ୍ୟରୁ ୱାର୍ଡ ନଂ ୪,୧୧,୧୨,୧୫ ର ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୋଟ ଟେଣ୍ଡର ମୂଲ୍ୟର ୭୫ପ୍ରତିଶତ ଅର୍ଥ ମଞ୍ଜୁର ହୋଇଥିବାର ଜଣାପଡିଛି। ୱାର୍ଡ ନଂ ୧,୨,୫,୬,୮,୧୦,୧୮ ସମ୍ପୂର୍ଣ ଭାବେ ଟେଣ୍ଡର ପ୍ରକ୍ରିୟାରୁ ବାଦ ପଡ଼ିଛି।ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ୧୩ନଂ ୱାର୍ଡ କାଉନସିଲରଙ୍କ ପ୍ରତିନିଧି ରାଜେଶ୍ ପ୍ରଧାନ ଏବଂ ୧୮ନଂ ୱାର୍ଡ କାଉନସିଲର ପ୍ରତିନିଧି ବଦ୍ରି ନାରାୟଣ ସାହୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ ଉଭୟ ୱାର୍ଡ କାଉନସିଲର କାଦମ୍ବିନୀ ରାଉତ ଏବଂ ବିଦ୍ୟୁଲତା ସାହୁ ଚଳିତ ମାସ ପ୍ରଥମ ସୋମବାର ଦିନ ଅନୁଷ୍ଠିତ ମିଳିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ଭେଟି ବ୍ୟାପକ ଅନିୟମିତତା, ପକ୍ଷପାତିତା ବେନିୟମ ଭାବେ ହାତ ଗଣତି ୱାର୍ଡକୁ ଅନୁକମ୍ପା ମୂଳକ ଭାବେ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ପରିମାଣ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ୱାର୍ଡ ବଂଚିତ ହୋଇଥିବାର ଅଭିଯୋଗ କରିଥିଲେ।

## ବସ ଧକ୍କାରେ ୧୨ ଜଣଙ୍କ ମଧ୍ୟରୁ ୬ ମୃତ, ୬ଆହାତ

ପୁରୁଷୋତ୍ତମପୁର୨୨/୦୫,( ପ୍ରସନ୍ନ କୁମାର ଦାଶ), ସିଂହାସିନୀ ମନ୍ଦିରକୁ ଭୋଜି ଖାଇବାକୁ ଯିବା ହେଲା କାଳ, ଅଟୋକୁ ଧକ୍କା ଦେଲା ଯାତ୍ରୀବାହି ବସ,୬ ମୃତ, ୬ ଗୁରୁତର, ବସ ଡ୍ରାଇଭର ଫେରାର, ହେଲ୍ପର ଗାଡି ନେଇ ଥାନାରେ ହାଜର । ଆଉ କିଛିସମୟ ପରେ ପରିବାର ରେ ହୋଇଥାନ୍ତା ଖୁସି ର ମାହୋଲ, ଶକ୍ତିପୀଠ ମା ସିଂହାସନି ଙ୍କ ପୀଠରେ ପରିବାର ସଦସ୍ୟ ଙ୍କ ମୁଣ୍ଡନ ସହିତ ଭୋଜି ଖାଇବା ମଜା ମିଳିଥାନ୍ତା, କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା ! ଆର ପାରିକୁ ଚାଲିଗଲେ ୬ ସଦସ୍ୟ । ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଯାଇଛି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଲଡକାପଲ୍ଲୀ ଛକରେ । କୋଦଳାରୁ ଆସୁଥିବା ଏକ ଯାତ୍ରୀବାହି ବସ ଗୋଟିଏ ଯାତ୍ରୀବାହି ଅଟୋ କୁ ଧକ୍କାଦେବା ଫଳରେ ଅଟୋରେ ବସିଥିବା ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଥିବା ଜଣାପଡିଛି । ଗୋଟିଏ ଯାତ୍ରୀବାହୀ ଅଟୋ ବ୍ରହ୍ମପୁର ନିକଟ ସୋରଳ ରୋଡ୍ ଏରେଣ୍ଡ୍ରା ରୁ କୋଦଳା ନିକଟ ଶକ୍ତିପୀଠ ସିଂହାସନୀ କୁ ଏକ ମୁଣ୍ଡନ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ବେଳେ ପୁରୁଷୋତ୍ତମପୁର ଥାନା ସିକୁଳା



ନିକଟସ୍ଥ ଲଡକାପଲୀ ବୁଲାଣି ରାସ୍ତା ଠାରେ ଡାଇମଣ୍ଡ ନାମକ ଏକ ଯାତ୍ରୀବାହି ବସ୍ ଅଟୋକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଅଟୋଟି ସମ୍ପୂର୍ଣ ଲୋଚାହୋଇ ବିଲମଧ୍ୟକୁ ଖସିପଡ଼ିଥିଲା, ସେଠାରେ ଉପସ୍ଥିତ ଲୋକେ ଦମକଳ, ଆମ୍ବୁଲାନ୍ସ ଓ ପୋଲିସ କର୍ମଚାରୀଙ୍କୁ ଖବର ଦେବାପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ପୋଲିସ କର୍ମଚାରୀ ପହଞ୍ଚି ଆହତଙ୍କୁ କଟର ସାହାଯ୍ୟ ରେ ଅଟୋ ରୁ ଉଦ୍ଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ୬ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ୨ ନାବାଳିକା ରହିଥିବା ବେଳେ ଗୁରୁତର ଙ୍କ ମଧ୍ୟରେ ଜଣେ ନାବାଳିକା ଥିବା ସୂଚନା ମିଳିଛି। ନାବାଳିକା ୨ ଜଣଙ୍କ ବୟସ ୧୦ ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ସୂଚନା ମିଳିଛି। ମୃତକ ମାନେ ହେଲେ କିରଣ ବେହେରା (୧୦) ସନି ବେହେରା (୧୨) ନୀଳା ବେହେରା (୫୦) ନାରସୁ ବେହେରା (୪୩) ରତନୀ ବେହେରା (୪୦) ମଲ୍ଲି ବେହେରା (୭୫)।ଗୁରୁତର ମାନେ ହେଲେ ଅଳକା ବେହେରା (୧୭) କନକ ବେହେରା (୬୦) ଭାଗ୍ୟ ବେହେରା (୫୫) ଝିଲି ବେହେରା (୪୦), ଗୀତାଞ୍ଜଳି ବେହେରା ଓ ଅଟୋ ଡ୍ରାଇଭର ବାବୁ ପ୍ରଧାନ । ପୁରୁଷୋତ୍ତମପୁର ଏସଡିପିଓ ସୁଜିତ୍ କୁମାର ନାୟକଙ୍କ ସମେତ କୋଦଳା ଓ ପୁରୁଷୋତ୍ତମପୁର ପୋଲିସ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରୁଛନ୍ତି। ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ! । ଏପଟେ ଗଞ୍ଜାମ ଜିଲ୍ଲାପାଳଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ସମସ୍ତ ମୃତକ ଙ୍କ ପରିବାର ଙ୍କୁ ରେଡ୍କ୍ରସ ଫଣ୍ଡରୁ ୩୦ ହଜାର ଲେଖାଏଁ କରିଛନ୍ତି, ଏବଂ ଆହାତ ଙ୍କ ଖର୍ଚ୍ଚ ବଡ଼ ମେଡିକାଲ ରେ ମାଗଣା ରେ କଟାଯିବ ବୋଲି କହିଛନ୍ତି । ଏହି ଘଟଣା ଗଣ ମାଧ୍ୟମରୁ ଶୁଣି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଏହିଘଟଣା ରେ ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ସମସ୍ତ ମୃତକ ଙ୍କ ପରିବାର କୁ ୪ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।

## ଜିଲ୍ଲା ସାଂଗଠନିକ ଉପ ସଭାପତି ହେଲେ ଯୁବ ନେତା ଅଜିତ ପୁରୋହିତ

ବଲାଙ୍ଗିର୨୨/୦୫ (ଦେବେନ୍ଦ୍ର)ବଲାଙ୍ଗୀର ଜିଲ୍ଲା କଂଗ୍ରେସ କମିଟି ର ନବକଳେବର ଇତି ମଧ୍ୟରେ ହୋଇ ସାରିଛି । ଜିଲ୍ଲା ସଭାପତି ଭାବ ରେ ବରିଷ୍ଠ କଂଗ୍ରେସ ନେତା ଅନୀଲ ମେହେର ନିଯୁକ୍ତ ହେବା ପରେ ଯୁବ ନେତୃତ୍ୱ ଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦେଇ ଜିଲ୍ଲା ରେ ସଂଗଠନ କୁ ମଜବୁତ କରିବାରେ ଲାଗି ପଡିଛନ୍ତି । ଏହି ପରିପ୍ରେକ୍ଷୀ ରେ ଆଜି ଜିଲ୍ଲା ଉପ ସଭାପତି ଥିବା ଯୁବନେତା ଇଂ ଅଜିତ ପୁରୋହିତ ଙ୍କୁ ଜିଲ୍ଲା ର ସାଂଗଠନିକ ଦାୟିତ୍ୱ ଦେଇଛନ୍ତି । ଶ୍ରୀ ହପୁରୋହିତ ପୂର୍ବ ରୁ ଏଆଇସିସି ଏବଂ ପିସିସି ଦ୍ୱାରା ଦିଆଯାଇଥିବା ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିବା ବେଳେ ଜିଲ୍ଲା ରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଗୁଡିକ ମଧ୍ୟ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ ରେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ନିଯୁକ୍ତ ପରେ ବଲାଙ୍ଗୀର ଜିଲ୍ଲା କଂଗ୍ରେସ ରେ ଯୁବକ ମାନଙ୍କ ଯୋଗଦାନ କୁ ଗୁରୁତ୍ୱ ଦେବା ସହ ସମସ୍ତ ଛାମୁଆ ସଂଗଠନ କୁ ସୁଦୃଢ କରିଯିବା ସହ ବିରୋଧ ଦଳ ର ଭୂମିକା କୁ ଶତ ପ୍ରତିଶତ ପାଳନ କରାଯିବ ବୋଲି ସୂଚନା ଦେଇଛନ୍ତି । ତାଙ୍କ ଉପରେ ଭରଷା ରଖି ନିଯୁକ୍ତି ଦେଇ ଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ଅନୀଲ ମେହେର, ପିସିସି ଉପସଭାପତି ତଥା ସାଙ୍ଗଠନିକ ଇନଚାର୍ଜ ସନ୍ତୋଷ ସିଂ ସାଲୁଜା ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ଶନିବାର ୨୩।୦୫।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ୩ ବର୍ଷ ହେଲା ସରିପାରୁନି ପାଣି ଟାଙ୍କି କାମ

# ପାଣି ପାଇଁ ଲୋକେ ହିନସ୍ତା



ପଦ୍ମପୁର, ୨୧।୫ (ଅକ୍ଷର ଓଡ଼ିଶା): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଝାରବନ୍ଧ ବ୍ଲକର ଜାମପାଲି ଗ୍ରାମରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି । ଗ୍ରୀଷ୍ମ ପ୍ରକୋପ ବଢୁଥିବା ବେଳେ ଗ୍ରାମବାସୀମାନେ ଶୁଦ୍ଧ ପାନୀୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ସାଧାରଣ ଲୋକମାନେ ଗଭୀର ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ପ୍ରଶାସନ ନିରବ ରହିଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ବସୁଧା ଯୋଜନାରେ ପ୍ରାୟ ୩ ବର୍ଷ ପୂର୍ବରୁ ଜାମପାଲି ଗ୍ରାମକୁ ସାମିଲ କରାଯାଇଥିଲା । ଗ୍ରାମରେ ପାଣି ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଫଳରେ ଲୋକମାନେ ଆଜିଯାଏ ଶୁଦ୍ଧ ପାନୀୟ ଜଳ ସୁବିଧାରୁ ବଞ୍ଚିତ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ବସୁଧା ଯୋଜନା ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପାନୀୟ ଜଳ ଯୋଗାଣକାର୍ଯ୍ୟକ୍ରମ । ଏହାର ପୂର୍ଣ୍ଣ ନାମ ''ବକ୍ସି ଜଗବନ୍ଧୁ ଆସ୍ୟୁର୍ଡ ଡ୍ରିଙ୍କିଙ୍ଗ ୱାଟର ଟୁ ହାବିଟେସନ୍ସ''। ୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଲା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଲୋକଙ୍କୁ ଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଇଦେବା ।କିନ୍ତୁ ଜାମପାଲି ଗ୍ରାମରେ ଯୋଜନା କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ଗ୍ରୀଷ୍ମ ତାପମାତ୍ରା ବଢୁଥିବା ସମୟରେ ପାନୀୟ ଜଳ ସଙ୍କଟ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ଏନେଇ ବୁଦ୍ଧିଜୀବୀ ମହଲରେ ମଧ୍ୟ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ପ୍ରଶାସନ ଶୀଘ୍ର ଏଥିପାଇଁ ପଦକ୍ଷେପ ନେଇ ପାଣି ଟାଙ୍କି କାମ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି ।

## ମାତ୍ରାଧିକ ବିଦ୍ୟୁତ କାଟ ପ୍ରତିବାଦରେ ଧାରଣା




ଖଣ୍ଡପଡ଼ା/କଣ୍ଟିଲୋ, ୨୨।୫: (ରଜତ ଦାସ୍) କଣ୍ଟିଲୋ ବିଦ୍ୟୁତ ବିଭାଗ ସେକ୍ସନ ଅନ୍ତର୍ଗତ ଅଞ୍ଚଳ ରେ ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦ ରେ ଆଜି କଣ୍ଟିଲୋ ବଜାର ନିକଟସ୍ଥ ଟିପିସିଓଡିଏଲ ଅଫିସ ସମ୍ମୁଖରେ ରାସ୍ତାରେ ଗ୍ରାମବାସୀ ଧାରଣା ଦେଇଛନ୍ତି ।ଗତ ୩ଦିନ ଧରି କଣ୍ଟିଲୋ ଅଞ୍ଚଳ ର ୧୦,୧୧,୧୨,୧୬ ନମ୍ବର୍ ୱାର୍ଡ ସହିତ କଣ୍ଟିଲୋ ବଜାର ରେ ବିଦ୍ୟୁତ ସରବରାହ ବନ୍ଦ ରହିଛି । ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ କାଟ ଅସହ୍ୟ ହେଉଛି। ଏଥିଯୋଗୁ ଗ୍ରାମ ରେ ଜଳଯୋଗାଣ ପ୍ରଭାବିତ ହେଉଛି। ଏହାର ପ୍ରତିବାଦ ସ୍ୱରୂପ ଗ୍ରାମ ର ଶତାଧିକ ମହିଳା, ପୁରୁଷ ବିଦ୍ୟୁତ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଫାଣ୍ଡି ଅଧିକାରୀ ସାଗତ ଦାସ ଘଟଣା ସ୍ଥଳ କୁ ଆସି ବୁଝା ସୁଝା କରିଥିଲେ ମଧ ଖବର ଲେଖା ହେବା ପର୍ଯ୍ୟନ୍ତ ଜନସାଧାରଣ ଙ୍କ ଧାରଣା ଜାରିରହିଛି।

## ବିଜେପି ନେତାଙ୍କ ଗାଡିରୁ ଦେଢ଼ ଲକ୍ଷ୍ୟ ଟଙ୍କା ଚୋରି

ଲକ୍ଷ୍ମୀପୁର, ୨୨।୫ (ଅକ୍ଷର ଓଡ଼ିଶା): ଲକ୍ଷ୍ମୀପୁର ରେ ଚୋରି ବୃଦ୍ଧି ପାଉଛି। ଏଠି ଆଇନ ଶୃଙ୍ଖଳା ପୁରା ବିପର୍ଯ୍ୟସ୍ତ ହୋଇ ପଡିଛି। ଏଇଭଳି ଏକ ଚତୁରତା ସହ ଚୋର ମାନେ ଏକ ବୁଲେରୋ ଗାଡି ଡ଼ିକିରୁ ଦେଢ଼ ଲକ୍ଷ୍ୟ ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଲକ୍ଷ୍ମୀପୁର ଅଞ୍ଚଳ ର ଜଣେ ବିଜେପି ନେତା ସନ୍ଧ୍ୟା ବେଳେ ନିଜ ବୁଲେରୋ ଗାଡିର ଡ଼ିକି ଭିତରେ ଦେଢ଼ ଲକ୍ଷ୍ୟ ଟଙ୍କା ରଖି ପୂର୍ତ୍ତ ବିଭାଗ ବଙ୍ଗଳା ସମ୍ମୁଖରେ ଗାଡି ଛିଡ଼ା କରି ସେଠାରେ ଏକ ଦୋକାନକୁ ଟିଫିନ ଖାଇବାକୁ ଯାଇଥିଲେ। ଟିଫିନ ଖାଇ ସାରି ପେଟ୍ରୋଲ ପମ୍ପ କୁ ଯିବା ପାଇଁ ବାହାରୁଥିବା ବେଳେ ଡ଼ିକି ଭିତରେ ଥିବା ଟଙ୍କା ଗାୟବ ଥିବା ଦେଖି ତାଯୁବ ହୋଇ ଯାଇଥିଲେ। ପରେ ସିଏ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳକୁ ଆସି ତଦନ୍ତ ଚଳାଇଛି।

## ପର୍ଯ୍ୟଟନ ସ୍ଥାନର ବିକାଶ ପାଇଁ ସ୍ଥାନ ପରିଦର୍ଶନ କଲେ ସେକ୍ରେଟାରୀ ବଲବନ୍ତ ସିଂ



ରାଜନଗର,୨୨।୫(ଅକ୍ଷର ଓଡିଶା) ବନଖଣ୍ଡ ଅଧିନସ୍ଥରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥାନର ବିକାଶ ଓ ସେଠାକାର ଜନ ସାଧାରଣ ଙ୍କ ଜୀବନ ଧାରଣର ଉନ୍ନତି ନିମନ୍ତେ ଗତକାଲି ପର୍ଯ୍ୟଟନ ବିଭାଗର ସେକ୍ରେଟାରୀ ବଲବନ୍ତ ସିଂ ଙ୍କ ସମେତ ବାଣିଜ୍ୟ ଏବଂ ପରିବହନ ସେକ୍ରେଟାରୀ, ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ , ରାଜନଗର ତହସିଲଦାର ଓ ଅନ୍ୟ କର୍ମଚାରୀମାନେ ମିଶି ଆରଡି, ଚାନ୍ଦବାଲି, ଜୟନଗର, ଖୋଲା, ଗୁପ୍ତି, ଡାଙ୍ଗମାଳ , ତାଳଚୁଆ , ନଳିତାପାଟିଆ ଏବଂ କସ୍ତୁରୀକଣ ଇତ୍ୟାଦି ସ୍ଥାନକୁ ଯାଇ ସ୍ଥାନ ପରିଦର୍ଶନ କରିଛନ୍ତି। ଅନ୍ୟ ପଟେ ସଂପୂର୍ଣ୍ଣ ଜାତୀୟ ଉଦ୍ୟାନ ଭିତରକନିକା ରୂପରେଖର ପରିବର୍ତ୍ତନ ଓ ତାହାର ଉର୍ନ୍ନତି ସହିତ ଭିତରକନିକାକୁ ଆସିବା ପାଇଁ ସଂଲଗ୍ନ ହୋଇଥିବା ପ୍ରବେଶ ଦ୍ୱାରା ଗୁଡିକର ବିକାଶ ପାଇଁ ପୂର୍ବରୁ ୩ ଦିନ ଭିତରକନିକା ଗସ୍ତ କରିଥିଲେ ପର୍ଯ୍ୟଟନ ବିଭାଗର ସେକ୍ରେଟାରୀ ବଲବନ୍ତ ସିଂ, ଦେଶ ବିଦେଶ ରୁ ଆସୁଥିବା ପର୍ଯ୍ୟଟକ ଙ୍କ ପାଇଁ ଭିତରକନିକାରେ କୌଣସି ଅସୁବିଧା ନ ଆସୁ କିମ୍ବା ସମସ୍ତ ଆବଶ୍ୟକତା ହାତ ପାଖରେ ପହଞ୍ଚାଇବା ପାଇଁ ବିଭାଗ ପକ୍ଷରୁ ଶତ ପ୍ରଚେଷ୍ଟା କରା ଯାଉଛି। ଏହା ଦ୍ୱାରା ଭିତରକନିକାର ମାନ ବିଶ୍ୱ ଦରବାରରେ ଆହୁରି ମଜବୁତ ହେବା ସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କର ଆର୍ଥିକ ସ୍ଥିତି ମଧ ସୁଦୃଢ ହେବ।

## ବେକରେ ରସି ଲଗାଇ ଯୁବକ ର ଆତ୍ମହତ୍ୟା



ସାଲେପୁର, ୨୨।୫ (ମନୋଜ ସାମଲ): କଟକ ଜିଲ୍ଲା ନିଛିନ୍ତ କୋଇଲି ବ୍ଲକ ଫୋଗଲ ପଞ୍ଚାୟତ ପାଇକେରା ପୁର ଗ୍ରାମରେ ଘଟିଯାଇଛି ଅଭାବନୀୟ ଘଟଣା, ଫୋଗଲ ପଞ୍ଚାୟତ ଅଫିସ ମଧ୍ୟରେ ଅପରାହ୍ନ ରେଘଟିଯାଇଛି ଅଘଟଣ,ପାଇକେରା ପୁର ଗ୍ରାମର ୪୫ ବର୍ଷୀୟ ହିମାଂଶୁ ଶେଖର ପୃଷ୍ଟି ନିଜ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ସାଲେପୁର ଥାନାରେ ଅଭିଯୋଗ ହୋଉଛି, ପ୍ରଥମେ ହିମାଂଶୁ କୁ ନିଛିନ୍ତ କୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃର୍ତ୍ୟୁ ଘୋଷଣା କରିଥିଲେ,ହିମାଂଶୁ ଫୋଗଲ ପଞ୍ଚାୟତ ପଞ୍ଜାବ ନେସନାଲ ବ୍ୟଙ୍କର ବ୍ୟଙ୍କ ମିତ୍ର ଥିଲେ, ଆତ୍ମହତ୍ୟା ର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଏହାକୁ ତଦନ୍ତ କରୁଛି।

## ଗୋପ ପିଡିଏସ୍ ଦୁର୍ନୀତି ମାମଲାରେ କେନ୍ଦ୍ର ସରକାରଙ୍କ ବଡ଼ ହସ୍ତକ୍ଷେପ

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ

ଗୋପ, ୨୨।୫(ସନ୍ତୋଷ କୁମାର ଭୋଳ): ପୁରୀ ଜିଲ୍ଲା ଗୋପ ବ୍ଲକ ଅଞ୍ଚଳରେ ଚାଲିଥିବା ବ୍ୟାପକ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡ଼ିଏସ୍)ଦୁର୍ନୀତି ଏବଂ ସ୍ଥାନୀୟ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ବିରୋଧରେ ହୋଇଥିବା ଅଭିଯୋଗ ଉପରେ କେନ୍ଦ୍ର ସରକାର ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ପୁରୀ ଜିଲ୍ଲା ଧାନ ସଂଗ୍ରହ କମିଟିର ଚାଷୀ ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁ(ଲୁଲୁ)ଙ୍କ ଦ୍ୱାରା ଦିଆଯାଇଥିବା ଅଭିଯୋଗ ଆଧାରରେ ଭାରତ ସରକାରଙ୍କ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରଣାଳୟର ପି.ଡି.-୨ ବିଭାଗର ଅନୁଭାଗ ଅଧିକାରୀ ଓଡ଼ିଶା ସରକାରଙ୍କୁ ତୁରନ୍ତ କରି ଏହି ମାମଲାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୋଗକାରୀଙ୍କୁ ଜବାବ ଦେବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଗୋପ ବ୍ଲକର ଦୁଇଟି ପ୍ରମୁଖ ଡିଲର ବିଶ୍ୱ ପ୍ରଗତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶେଖ୍ ଆରିଫ୍‌ଙ୍କ ବିରୋଧରେ ବ୍ୟାପକ ଅନିୟମିତତାର ସରକାରୀ ପ୍ରମାଣ ମିଳିଥିଲେ ମଧ୍ୟ ଜିଲ୍ଲାର ଅଧିକାରୀମାନେ ସେମାନଙ୍କୁ ସୁରକ୍ଷା ଦେଉଥିବା ନେଇ ଏହି ଅଭିଯୋଗ ହୋଇଥିଲା।

ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତର ସିସୋ ସେଣ୍ଟରରେ କାର୍ଯ୍ୟ କରୁଥିବା ବିଶ୍ୱ ପ୍ରଗତିମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୋଡ୍- ୨୬୦୪ଦବ୍ଲୁ୦୭୦ ବିରୋଧରେ ଗୋପ ବ୍ଲକର ଅତିରିକ୍ତ ବିଡିଓ ଓ ମାର୍କେଟିଂ ଇନ୍‌ସପେକ୍ଟର କରିଥିବା ତଦନ୍ତ ରୁ ଅନେକ ସଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଗୋପ ବିଡିଓଙ୍କ ଚିଠି ସଂଖ୍ୟା ୧୩୮୪ (ତାରିଖ ୦୯.୦୪.୨୦୨୬) ଅନୁଯାୟୀ: କେରୋସିନି ହଡ଼ପ: ସରକାରୀ ପାଣ୍ଠିରୁ କେରୋସିନି ଠିକ୍ ସମୟରେ ଉଠାଯାଉଥିଲେ ମଧ୍ୟ ଗରିବ ଲୋକଙ୍କୁ ମାସିକିଆ ବଣ୍ଟନ କରା ନଯାଇ, ପ୍ରତି ୬ ମାସରେ ଥରେ ମାତ୍ର ବଣ୍ଟାଯାଉଛି, ଯାହା କଳାବଜାରର ସନ୍ଦେହ ବଢ଼ାଉଛି। ଓପିଡିଏସ୍ କଣ୍ଟ୍ରୋଲ୍ ଅର୍ଡର ୨୦୧୬ର ଧାରା ୧୦(ଜ)କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ସିସୋରେ ଥିବା ନିଜର ଲାଇସେନ୍‌ସପ୍ରାପ୍ତ ଦୋକାନ (ଖାତା ନଂ- ୪୦୮, ପ୍ଲଟ୍ ନଂ- ୭୫୫) ଛାଡି ବେଆଇନ ଭାବେ 'ଡଭାର'ର ଗୋପବନ୍ଧୁ ମୂର୍ତ୍ତି ନିକଟରେ ଥିବା ବରଗଛ ମଣ୍ଡପରେ ସାମଗ୍ରୀ ବଣ୍ଟନ କରାଯାଉଛି। ସେଣ୍ଟରରେ କୌଣସି ମହିଳା




ଏସଏଚଜି ସଦସ୍ୟ ରହୁନାହାନ୍ତି, ବରଂ ଜଣେ ଅଣ-ଅଧିକୃତ ବାହାର ପୁରୁଷ ଏକ ରାଜନୈତିକ ଦଳର କର୍ମୀ ଉକ୍ତ ସେଣ୍ଟର ଚଳାଉଛନ୍ତି ଏବଂ ଲୋକଙ୍କୁ ରାଜନୈତିକ ଆକ୍ରୋଶ ରଖି ଦୁର୍ବ୍ୟବହାର କରୁଛନ୍ତି। ଏହି ରିପୋର୍ଟ ଆଧାରରେ ପୁରୀ ଉପ-ଜିଲ୍ଲାପାଳ ଚିଠି ସଂଖ୍ୟା ୧୪୫/ ସିଏସ (ତାରିଖ ୨୪.୦୪.୨୦୨୬) ମାଧ୍ୟମରେ ୭ ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ମଧ୍ୟ ସ୍ଥାନୀୟ ଅଧିକାରୀଙ୍କ ଶିଥିଳତା ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା।

ଡିଲର ଶେଖ୍ ଆରିଫ୍‌ଙ୍କ କଳାବଜାର (ଧୂମାଳ ସେଣ୍ଟର, କୋଡ୍- ୨୬୦୪ପି୦୫୬)ଅନୁରୂପ ଭାବେ ଧୂମାଳ ସେଣ୍ଟରର ରିଟେଲର ଶେଖ୍ ଆରିଫ୍‌ଙ୍କ ବିରୋଧରେ ମଧ୍ୟ ଚରମ ସୀମା ପାର କରିଥିବା ଅଭିଯୋଗ ଆସିଛି: ଧୂମାଳ ସେଣ୍ଟରରେ ଗତ ୨ ବର୍ଷ ହେବ ଗରିବ ହିତାଧିକାରୀଙ୍କୁ ଟୋପାଏ ସୁଦ୍ଧା କେରୋସିନ ମିଳିନାହିଁ ଏବଂ ସମସ୍ତ ସରକାରୀ କୋଟା ବାହାର ବଜାରରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ସମୟ ଅନୁସାରେ ଖୋଲୁନାହିଁ ଏବଂ ବ୍ୟବସାୟୀ ଜଣକ ଲୋକଙ୍କୁ ଗାଳିଗୁଲଜ କରିବା ସହ ବର୍ତ୍ତମାନର ସରକାରଙ୍କ ଯୋଜନାକୁ ବଦନାମ କରିବା ପାଇଁ ସର୍ବସାଧାରଣରେ ଆପତ୍ତିଜନକ ସରକାର ବିରୋଧୀ ମନ୍ତବ୍ୟ ଦେଉଛନ୍ତି। ପୂର୍ବରୁ ଗୋପ ବିଡିଓ (ଚିଠି ସଂଖ୍ୟା- ୩୪୬, ତାରିଖ ୨୯.୦୧.୨୦୨୬)ରେ ଏହି ଡିଲରଙ୍କ ଲାଇସେନ୍‌ସ ବାତିଲ କରି ସମସ୍ତ କାର୍ଡକୁ ନିକଟସ୍ଥ କେଦାରନାଥ ସାହୁଙ୍କ ସେଣ୍ଟରରେ ଟ୍ୟାଗ୍ କରିବାକୁ ଲିଖିତ ସୁପାରିଶ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିଲା।

ପ୍ରଶାନ୍ତ ସ୍ୱାଇଁ ଅଭିଯୋଗ କରିଥିଲେ ଯେ ବିଡିଓଙ୍କ ଦ୍ୱାରା ଦୁଇ ଦୁଇଟି ସଂଘାତିକ ରିପୋର୍ଟ ଦିଆଯିବା ସତ୍ତ୍ୱେ, ପୁରୀ ସଦରର ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ଦୁଇ ଦୁର୍ନୀତିଗ୍ରସ୍ତ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଉ ନାହିଁ। ତେବେ ବର୍ତ୍ତମାନ ଏହି ମାମଲାରେ ସିଧାସଳଖ କେନ୍ଦ୍ର ସରକାରଙ୍କ ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରଣାଳୟ ହସ୍ତକ୍ଷେପ କରି ରାଜ୍ୟ ସରକାରଙ୍କୁ ତାଗିଦ୍ କରିବା ପରେ ସ୍ଥାନୀୟ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଅସାଧୁ ଡିଲରଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ଗରିବ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ତୁରନ୍ତ ଉଭୟ ବିଶ୍ୱ ପ୍ରଗତି ଏବଂ ଶେଖ୍ ଆରିଫ୍‌ଙ୍କ ପିଡିଏସ୍ ଲାଇସେନ୍‌ସ ବାତିଲ କରି ହିତାଧିକାରୀଙ୍କ ରାସନ କାର୍ଡଗୁଡ଼ିକୁ ସେହି ପଞ୍ଚାୟତର ନିକଟସ୍ଥ ଏକ ସ୍ୱଚ୍ଛ ଭାବମୂର୍ତ୍ତି ସେଣ୍ଟର ସହ ଟ୍ୟାଗ୍ କରିବାକୁ ଏବଂ ଫାଇଲ୍ ଚାପି ରଖିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଆହୁରି ଜୋର ଧରିଛି।

## ଜିଲ୍ଲା ନାଗରିକ ଯୋଗାଣ ପ୍ରବର୍ତ୍ତନ ସ୍କ୍ୱାର୍ଡ ଦ୍ୱାରା ଆଇଁଠାପାଲି ଛକସ୍ଥିତ ଏକ ଟିଫିନ୍ ସେଣ୍ଟରରେ ଚଢ଼ାଉ



ସମ୍ବଲପୁର, ୨୨।୫(ଅକ୍ଷର ଓଡିଶା): ନାଗରିକ ଯୋଗାଣ ପ୍ରବର୍ତ୍ତନ ସ୍କ୍ୱଡ୍ ଦ୍ୱାରା ଆଇଁଠାପାଲି ଛକସ୍ଥିତ ଏକ ଟିଫିନ୍ ସେଣ୍ଟରରେ ଚଢ଼ାଉ କରାଯାଇଛି। ବେଆଇନ ଭାବେ ବ୍ୟାବସାୟିକ କାର୍ଯ୍ୟରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ଅଭିଯୋଗରେ ଦୋକାନ ମାଲିକ କେ. ଅଶୋକ ମୁଦୁଲିୟାରଙ୍କଠାରୁ ମୋଟ ୭ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ସୂଚନା ଅନୁଯାୟୀ ୨ଟି ଖାଲି ଥିବା ଇଚଉଖ ଘରୋଇ ସିଲିଣ୍ଡର, ୪ଟି ଖାଲି ଥିବା ଘରୋଇ ସିଲିଣ୍ଡର, ୧ଟି ଭର୍ତ୍ତି, ଯାହାର ସିଲିଣ୍ଡର ସହିତ ନେଟ୍ ଓଜନ ୬.୧୦ କିଲୋଗ୍ରାମ ଥିବା ଓଡଉଖ ଘରୋଇ ସିଲିଣ୍ଡର ଜବତ କରାଯାଇଛି।

## ବରପାଲି ଅଞ୍ଚଳର ଜଣାଶୁଣା ଶିକ୍ଷକ ଆନନ୍ଦ ଦାଶଙ୍କ ପରଲୋକ



ସମ୍ବଲପୁର, ୨୨।୫(ଅକ୍ଷର ଓଡ଼ିଶା): ବରଗଡ଼ ଜିଲ୍ଲା ବରପାଲି ବ୍ଲକର ଜଣାଶୁଣା ଶିକ୍ଷକ ଆନନ୍ଦ ଦାଶଙ୍କ ୫୫ ବର୍ଷ ବୟସରେ ଆକସ୍ମିକ ହୃଦଘାତ ଯୋଗୁଁ ମୃତ୍ୟୁ ଘଟିଛି। ଗତକାଲି ସନ୍ଧ୍ୟାରେ ସପରିବାର ବରଗଡ଼ ଯାଇଥିବା ସମୟରେ ତାଙ୍କର ହୃଦଘାତ ହୋଇଥିଲା। ସେଠାରେ ଡାକ୍ତରଖାନା ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ରାତିରେ ତାଙ୍କ ପାର୍ଥିବ ଶରୀରକୁ ତାଙ୍କର ପୈତୃକ ଗ୍ରାମ ବାଞ୍ଜିପାଲି ନିଆଯାଇଥିଲା। ଆଜି ସକାଳେ ସେଠାରେ ତାଙ୍କର ବଡ଼ ପୁଅ ମୁଖାଗ୍ନି ଦେଇଥିଲେ ଏବଂ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ଦାଶ ତାଙ୍କ ପଛରେ ପତ୍ନୀ ଓ ଦୁଇ ପୁତ୍ରଙ୍କୁ ଛାଡ଼ି ଯାଇଛନ୍ତି। ସେ ବରପାଲି ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ଧାଙ୍ଗେରପାଲି ଠାରେ କାର୍ଯ୍ୟରତ ଥିଲେ। ସେ ଜଣେ ଛାତ୍ରବତ୍ସଳ ଓ ମେଳାପୀ ଶିକ୍ଷକ ରୂପେ ବରପାଲି ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବରରେ ତାଙ୍କ ପରିବାର ସହିତ ବରପାଲି ଅଞ୍ଚଳର ଶିକ୍ଷକ ସମାଜ, ଶିକ୍ଷାର୍ଥୀ ଓ ଜନସାଧାରଣଙ୍କ ମନରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷକୃତ୍ୟ ସମୟରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଜନସାଧାରଣ ଯୋଗ ଦେଇଥିଲେ।

## ମିଶନ ଶକ୍ତି ଏସଏଚଜି ବ୍ୟାଙ୍କ ଲିଙ୍କେଜରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ

ନୂଆପଡ଼ା,୨୨।୫(ଅକ୍ଷର ଓଡ଼ିଶା): ମହିଳା ସଶକ୍ତିକରଣ ଓ ଆର୍ଥିକ ସ୍ୱାବଲମ୍ବନ କ୍ଷେତ୍ରରେ ନୂଆପଡ଼ା ଜିଲ୍ଲା ପୁନର୍ବାର ଏକ ନୂତନ ସଫଳତା ହାସଲ କରିଛି। ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରକାଶିତ ୨୦୨୫-୨୬ ଆର୍ଥିକ ବର୍ଷର ରିପୋର୍ଟ ଅନୁସାରେ, ଏସଏଚଜି ବ୍ୟାଙ୍କ ଲିଙ୍କେଜ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି।

ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୫୪୪୦ଟି ଏସଏଚଜିଙ୍କୁ ବ୍ୟାଙ୍କ ଲିଙ୍କେଜ ଦେବା ଲକ୍ଷ୍ୟ ରହିଥିବାବେଳେ ଏପର୍ଯ୍ୟନ୍ତ ୬୧୪୮ଟି ଏସଏଚଜିଙ୍କୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ କରାଯାଇଛି। ଏହା ଲକ୍ଷ୍ୟର ୧୧୩ ପ୍ରତିଶତ ସଫଳତାକୁ ସୂଚିତ କରୁଛି। ସେହିପରି ଆର୍ଥିକ ଲକ୍ଷ୍ୟ ରୂପେ ୨୨୧୫୪ ଲକ୍ଷ ଟଙ୍କା ଥିଲାବେଳେ ୩୧୬୩୯ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ଯୋଗାଣ ହୋଇଥିବାରୁ ଜିଲ୍ଲା ୧୪୨ ପ୍ରତିଶତ ଆର୍ଥିକ ସଫଳତା ହାସଲ କରି ରାଜ୍ୟରେ ସର୍ବୋଚ୍ଚ ସ୍ଥାନରେ ରହିଛି। ଏହି ସଫଳତା ଦ୍ୱାରା ନୂଆପଡ଼ା ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ସଶକ୍ତିକରଣ, ଆତ୍ମନିର୍ଭରଶୀଳତା ଓ ଜୀବିକା ଉନ୍ନୟନ କ୍ଷେତ୍ରରେ ହେଉଥିବା ସଫଳ ପ୍ରୟାସ ପ୍ରତିଫଳିତ ହୋଇଛି। ଜିଲ୍ଲାର ବିଭିନ୍ନ ବ୍ୟାଙ୍କ, ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନ ଏବଂ ପ୍ରଶାସନର ସମନ୍ୱିତ ପ୍ରୟାସ ଫଳରେ ଏହି ଉଲ୍ଲେଖନୀୟ ସଫଳତା ମିଳିପାରିଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ''ଏହା ସମସ୍ତଙ୍କ ନିରନ୍ତର ପରିଶ୍ରମ ଓ ଟିମ୍‌ୱର୍କର ପ୍ରତିଫଳ। ସମସ୍ତ ବ୍ୟାଙ୍କର୍ସ ଓ ଓଏଲଏମ୍ ଟିମ୍‌ଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ପାଇଁ ଅନେକ ଅଭିନନ୍ଦନ।'' ଜିଲ୍ଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ କହିଛନ୍ତି ଯେ, '' ଜିଲ୍ଲାପାଳ ଏବଂ ସିଡିଓ କମ୍ ଇଓ, ଜିଲ୍ଲା ପରିଷଦଙ୍କ ସମୟୋପଯୋଗୀ ମାର୍ଗଦର୍ଶନ ସହିତ ନୋଡାଲ ଅଫିସର, ବିପିସି ଏବଂ ସମସ୍ତ ବ୍ୟାଙ୍କର୍ସଙ୍କ ସମର୍ପିତ ଅବଦାନ ଫଳରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ଏସଏଚଜି ବ୍ୟାଙ୍କ ଲିଙ୍କେଜରେ ପ୍ରଥମ ସ୍ଥାନ ହାସଲ କରିପାରିଛି।''

## ଚିନିଶିଳ୍ପ କର୍ମଚାରୀ ସଙ୍ଘର କଳାବ୍ୟାଜ ପରିଧାନ

ଆସିକା, ୨୨।୫ (ଅକ୍ଷର ଓଡ଼ିଶା) ଗଞ୍ଜାମ ଜିଲ୍ଲା ର ଏକ ମାତ୍ର ଚିନିଶିଳ୍ପ ର କର୍ମଚାରୀ ମାନେ ସେମାନଙ୍କ ନାର୍ଯ୍ୟ ଦାବୀ ପୂରଣ ନହେବାରୁ ପୁଣି କଳା ବ୍ୟାଜ ପରିଧାନ କରି ଏକ ସମ୍ବାଦକ ମାଧ୍ୟମ ରେ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଗତ ମାର୍ଚ୍ଚ ମାସରେ ଚିନି ଶିଳ୍ପ କର୍ମଚାରୀ ସଙ୍ଘ ପକ୍ଷରୁ କାରଖାନା ଆଗରେ ଧାରଣାରେ ବସିଥିଲେ । ଚିନି ଶିଳ୍ପ ର ହିତ ଦୃଷ୍ଟିରୁ ପରିଚାଳନା କର୍ତୃପକ୍ଷ ସଙ୍ଘ ସହ ଆଲୋଚନା କରି ମେ ୦୧ ତାରିଖ ପୂର୍ବରୁ ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇ ଧାରଣାକୁ ଉଠାଇ ଦେଇଥିଲେ। ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରି ନହେବାରୁ କର୍ମଚାରୀ ମାନେ କଳା ବ୍ୟାଜ ପରିଧାନ କରି ପୁଣି ପ୍ରତିବାଦ ଜଣାଇଛନ୍ତି। ପ୍ରକାଶ ଥାଉକି କର୍ମଚାରୀ ସଙ୍ଘ ପକ୍ଷରୁ କାରଖାନା ପରିଚାଳନା ପରିଷଦ ନିକଟରେ ୦୩ ଦଫା ଦାବୀ ରଖିଥିଲେ। ଚିନିକାରଖାନା ର ୧୦୫ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ବକେୟା ୦୩ ବର୍ଷର ବୋନସ ଟଙ୍କା ପ୍ରଦାନ, ବରିଷ୍ଠତା ଓ ଯୋଗ୍ୟତା ଭିତିରେ ନିଯୁକ୍ତି ପ୍ରଦାନ ନେଇ ଦାବୀ ରଖିଥିଲେ। ଗତ ୨୭/୧୧/୨୫ ରେ ଏକ ତ୍ରି ପକ୍ଷ ଆଲୋଚନା ରେ ସହମତି କୁଆଡେ ହୋଇଥିଲା। ଏହାକୁ ପରିଚାଳନା କର୍ତୃପକ୍ଷ କାର୍ଯ୍ୟକାରୀ ନକରୁଥିବା ହେତୁ ଶ୍ରମ ଆଇନରେ ଥିବାରେ ଜୋରିମାନା ବାବଦର ଆର୍ଥିକ ରାଶି ଦେବାକୁ ରାଜ୍ୟ ର ଶାସନ ସଚିବ, ଶ୍ରମ ସଚିବ, ଡିଭିଜନ ଶ୍ରମ ଅଧିକାରୀ, ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ, ସହ ଶ୍ରମ ଅଧିକାରୀ ଙ୍କ ଉଦେଶ୍ୟରେ ଏକ ଲିଖିତ ପତ୍ର ସମ୍ବାଦକ ମାଧ୍ୟମ ରେ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ସଙ୍ଘର ସଭାପତି ପ୍ରଦୀପ ସେଠୀ, ଦିଲ୍ଲୀପ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ପଟନାୟକ, ସନ୍ତୋଷ ପଟନାୟକ, ମନୋଜ କୁମାର ନାହାକ, କୈଳାସ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ୯୬ ତମ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ

ଅସ୍ତରଙ୍ଗ ୨୨।୫ (ଅକ୍ଷର ଓଡ଼ିଶା): ସ୍ୱାଧୀନତା ସଂଗ୍ରାମ ରେ ଲବଣ ସତ୍ୟାଗ୍ରହ ଏକ ପ୍ରମୁଖ ଘଟଣାବଳୀ। ଏହା ସ୍ୱାଧୀନତା ସଂଗ୍ରାମକୁ ଅଧିକ ଋଦ୍ଧିମନ୍ତ କରିବା ସହ ଏକ ଜନ ଆନ୍ଦୋଳନ ରେ ପରିଣତ କରିବାକୁ ପ୍ରେରଣା ଦେଇଥିଲା ବୋଲି କହିଥିଲେ କାକଟପୁର ବିଧାୟକ ତୃଷାର କାନ୍ତି ବେହେରା ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସହୀଦ ସ୍ମୃତି ପୀଠ କୁହୁଡି ଠାରେ ଆଜି ୯୬ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଥିଲା ।ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅସ୍ତରଙ୍ଗ ପକ୍ଷରୁ ଏହା ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବେହେରା ମହାତ୍ମାଗାନ୍ଧୀ ଙ୍କ ଦାଣ୍ଡିଯାତ୍ରାରେ ଅନୁପ୍ରାଣୀତ ହୋଇ ୧୯୩୦ ମସିହା ଆଜିର ଦିବସରେ ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ସଂଗ୍ରାମୀ ନୀଳକଣ୍ଠ ଦାସ, ଜଗନ୍ନାଥ ରଥ,ଗୋବିନ୍ଦ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ କୁ ଅଧିକ ତେଜୋଦିପ୍ତ କରିଥିଲା ବୋଲି କହିବା ସହ ଯୁବ ପିଢ଼ି ଏହି ଐତିହ୍ୟ କୁ ଆଗକୁ ନେବେ ବୋଲି ଆଶା କରିଥିଲେ। ମୁଖ୍ୟ ବକ୍ତା ଭାବେ ଗାନ୍ଧୀ ଦର୍ଶନ ବିଚାରକ ତଥା ସୁ ସାହିତ୍ୟିକ ଦାସ ବେନହୁର ଓ ପ୍ରଗତିବାଦୀ ସମ୍ବାଦପତ୍ରର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀ ମୂଲ୍ୟବୋଧ ର ଆଧାର ଓ ବିଶ୍ୱ ର ସମସ୍ତ ଦେଶ ପାଇଁ ଏକ ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ ।ଲବଣ ସତ୍ୟାଗ୍ରହର ଐତିହ୍ୟ, ମହାତ୍ମାଗାନ୍ଧୀ ଙ୍କ ର ସ୍ୱାଧୀନତା ସଂଗ୍ରାମରେ କୁହୁଡି ର ଅବଦାନ, ମହାତ୍ମାଗାନ୍ଧୀ ଙ୍କ ଓଡିଶା ଗସ୍ତର ଇତିହାସ, ସଂଗ୍ରାମ, ସଂଗ୍ରାମୀ ମାନଙ୍କର ସଂଘର୍ଷ ର କଥା,ସ୍ୱ ନିର୍ଭରଶୀଳତା, ଆଜିର ସମୟରେ ଲବଣ ସତ୍ୟାଗ୍ରହ ଆଲୋଚନା



ର ଆବଶ୍ୟକତା ଓ ଯୁବ ପିଢ଼ି ଙ୍କୁ ଅନୁପ୍ରେରଣା ସମ୍ପର୍କରେ ଦୁଇ ପ୍ରମୁଖ ବକ୍ତା ବିସ୍ତୃତ ଆଲୋଚନା କରିଥିଲେ ।ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହ ରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ,ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି,ଉପଦେଷ୍ଟା ମହେଶ୍ୱର ନାୟକ, ସଂଗ୍ରାମୀ ଦାୟାଦ ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ ଓ କୁହୁଡି ର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ସ୍ମାରକୀ ସମାରୋହ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ,ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ମାନଙ୍କ ଶୁଭେଚ୍ଛା ବାର୍ତ୍ତା କୁ ପଠନ କରା ଯାଇଥିଲା ।ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ପ୍ରକାଶିତ ସ୍ମରଣିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୪ ଜଣ ଛାତ୍ର ଛାତ୍ରୀ ସୁଚିସ୍ମିତା ସେଠୀ, ସୂରଜ ପ୍ରଧାନ, ପୁଷ୍ପଜିତ ପ୍ରଧାନ ଓ ଶଶାଙ୍କ ଦଳାଇ ଙ୍କୁ ଅତିଥି ମାନେ ମାନପତ୍ର ଓ ଆର୍ଥିକ ସହଯୋଗ ମାଧ୍ୟମରେ ସମ୍ବର୍ଦ୍ଧିତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବାଦକ କାଳନ୍ଦୀ ଚରଣ ଛାଟୋଇ ମଞ୍ଚ ସଞ୍ଚାଳନ କରିଥିଲେ।

## ବିଶ୍ରାମଗାରରେ ବୃଦ୍ଧ ମୃତ, କାରଣ ଅସ୍ପଷ୍ଟ

ମାଲକାନଗିରି, ୨୨।୫(ପ୍ରଦୀପ ରାଉଳ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଆଜି ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ବାଲିମେଳା ସହରର ଗୋପବନ୍ଧୁ ଛକ ନିକଟରେ ଏନଏସି ପକ୍ଷରୁ ଯାତ୍ରୀଙ୍କ ପାଇଁ ଏକ ବିଶ୍ରାମଗାର ନିର୍ମାଣ କରାଯାଇଛି। ଉକ୍ତ ବିଶ୍ରାମଗାରରେ ଆଜକୁ ପ୍ରାୟ ଏକ ବର୍ଷରୁ ଉର୍ଘଦିନ ହେବ ଜଣେ ବୃଦ୍ଧ ବ୍ୟକ୍ତି ନିଜ ପରିବାର ବର୍ଗଙ୍କୁ ଛାଡି ଏଠାରେ ନିୟମିତ ରହିଆସୁଥିଲେ। ଗୁରୁବାର ସକାଳେ ଉକ୍ତ ବିଶ୍ରାମଗାରରେ ସେଠାରେ ରହୁଥିବା ବୃଦ୍ଧଙ୍କ ମୃତ ଦେହ ପଡି ରହିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମନୋହର ସାହୁ, ଏଏସଆଇ ସୁରେଶ ଚନ୍ଦ୍ର ବିସି ମାଝୀଙ୍କ ନେତୃତ୍ୱ ପୋଲିସକ୍ସ ଏକ ସ୍ୱତନ୍ତ୍ର ଟିମ ଘଟଣା ସ୍ଥଳରେ ପହଁଞ୍ଚି ମୃତ ବୃଦ୍ଧଙ୍କ ମର ଶରୀରକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମୃତ ବୃଦ୍ଧ ଙ୍କ ନାମ ନାରାୟଣ ହନ୍ତାଳ -(୭୦) ତାଙ୍କ ଘର ଚିତ୍ରକୋଣ୍ଡା ଥାନା ଅଧିନସ୍ତ ଦୋରାଗୁଡା ପଞ୍ଚାୟତର କାମରା ଗୁଡା ଗାଁରେ ବୋଲି ଜଣା ପଡିଛି। ଏ ନେଇ ମୃତ ନାରାୟଣଙ୍କ ପୁତୁରା ଅର୍ଜୁନ ହନ୍ତାଳ ଓର୍କେଲ ଥାନାରେ ପହଁଞ୍ଚି ଏ ସମ୍ପର୍କରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ -୦୮/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବୃଦ୍ଧ ଲକ୍ଷ୍ମଣଙ୍କ ଶବ ବ୍ୟବଛେଦ କରାଯିବା ପରେ ଲକ୍ଷ୍ମଣଙ୍କ ମୃତ ଶରୀରକୁ ତାଙ୍କ ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ ହସ୍ତାନ୍ତର କରାଯାଇଛି।



ଶନିବାର ୨୩।୦୫।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

## କାହା ବଳରେ ବଳୀୟାନ ହିଞ୍ଜିଳି ସିଡିପିଓ ?

# ନିୟମ ତିଆରି କଲେ କିନ୍ତୁ ପରେ ଭୁଲିଗଲେ




### ରେଗିଡ଼ି ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାନାନ୍ତରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ତୀବ୍ର ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ହିଞ୍ଜିଳିକାଟୁ, ୨୨/୫(ଅବନି କାନ୍ତ ପଟ୍ଟନାୟକ) ସ୍ଥାନୀୟ ପୌରାଞ୍ଚଳସ୍ଥିତ ୱାର୍ଡ ନଂ ୧୦ ରେଗିଡ଼ି ଚାରିଛକରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ମୁଖ୍ୟ ବଜାର ନିକଟ ତଳରେଗିଡ଼ିକୁ ସ୍ଥାନାନ୍ତର ନେଇ ସାହି ବାସିନ୍ଦାଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ହିଞ୍ଜିଳିକାଟୁ ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ମେରିମର୍ଜି ନୀତି ଫଳରେ ଶିଶୁ ଓ ଗର୍ଭବତୀ ମହିଳା ମାନେ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଯଦି ସୋମବାର ଠୁ ଅଙ୍ଗନବାଡି କେନ୍ଦ୍ର ସ୍ଥାନାନ୍ତର ହୁଏ, ଆଗାମୀ ଦିନରେ ବଡ଼ ଆନ୍ଦୋଳନ ସହ ସୋମବାର ସାହି ବାସିନ୍ଦା ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି । ପ୍ରକାଶ ଥାଉ କି, ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୱାର୍ଡ ନଂ ୧୦ ରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ର ଜାନୁଆରୀ ୨୬, ୨୦୧୮ ମସିହାରେ ଉଦଘାଟିତ ହୋଇଥିଲା । ଉଦ୍‌ଘାଟନ ପର ଠୁ ୧୦ ନଂ ୱାର୍ଡ ସହ ବର୍ଷ ବର୍ଷ ଧରି ଯଥାକ୍ରମେ ୭ ଓ ୮ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଲା । ଗତ ମାସ ୭ ନଂ ୱାର୍ଡ ଅଙ୍ଗନବାଡି କେନ୍ଦ୍ର ନିଜ ୱାର୍ଡରେ ଭଡ଼ା କୋଠା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ପରବର୍ତ୍ତୀ ସମୟରେ ୧୦ ନଂ କେନ୍ଦ୍ରରେ ୮ ନଂ ୱାର୍ଡ କେନ୍ଦ୍ର ମିଳିତ ହୋଇ କାର୍ଯ୍ୟ ସମ୍ପାଦନ ହେଲା । କିନ୍ତୁ ବର୍ତ୍ତମାନ ସେହି ସ୍ଥାନକୁ ନେଇ ଅଯଥା ବିବାଦ ମୁଣ୍ଡ ଟେକିଛି । ସୂଚନା ଯୋଗ୍ୟ, ଚଳିତ ମାସ ମେ ୧୫ ତାରିଖରେ ୱାର୍ଡ ନଂ ୧୦ର କାଉନସିଲର ପ୍ରତିନିଧିଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅଭିଭାବକ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ସିଡିପିଓ କାର୍ଯ୍ୟାଳୟ ଓ ଇଓ ସୁକାନ୍ତ ଚନ୍ଦ୍ର ବେଉରାଙ୍କୁ ଭେଟି ଅଙ୍ଗନବାଡି କେନ୍ଦ୍ର ଯେଉଁ ସ୍ଥାନରେ ଅଛି ସେହି ସ୍ଥାନରେ ରହିବାକୁ ଅନୁରୋଧ କରି ଫେରିଥିଲେ । ଚଳିତ ମାସ ୧୮ ତାରିଖରେ କ୍ଷେତ୍ର ପରିଦର୍ଶନରେ ବିଡ଼ିଓ, ଇଓ, ସିଡିପିଓ ଓ ଦୁଇ ଅଙ୍ଗନବାଡି କର୍ମୀଙ୍କ ସମେତ ସାହି ବାସିନ୍ଦା ଉପସ୍ଥିତ ଥିଲେ । ନିୟମ ତିଆରି ହେଲା - ଏକ ଫର୍ମାଟ ଅନୁଯାୟୀ ପୁରୁଣା ଓ ନୂଆ ବିଲଡିଂ ଦସ୍ତଖତ ଦୁଇ ୱାର୍ଡ ଅଙ୍ଗନବାଡି ଦିଦିଙ୍କ ଉପସ୍ଥିତିରେ ୨୫୦ ଘରକୁ ନେଇ ଅଭିଯାନ ହେବ, ଅଧିକ ଦସ୍ତଖତ ଯେଉଁ ବିଲଡିଂ ପାଇଁ ଆସିବ, ସେ ସେଠାରେ ରହିବ ବୋଲି ନିଷ୍ପତ୍ତି ହୋଇଥିଲା । ୨୪୦ ଘର ପୁରୁଣା କୋଠାରେ ରହୁ ଓ ୧୦ ଘର ନୂତନ କୋଠା ବୋଲି ପ୍ରସ୍ତାବ ଆସିଲା କିନ୍ତୁ ପରବର୍ତ୍ତୀ ସମୟରେ ସିଡିପିଓ ଏହା ମିଛ ଦସ୍ତଖତ କହି ଆଗାମୀ ସୋମବାର ଠୁ ସ୍ଥାନାନ୍ତର ନେଇ ଅଙ୍ଗନବାଡି କର୍ମୀଙ୍କୁ ପୋଷଣ ମେଳାରେ ସିଧା ଶୁଣାଇଦେଲେ। ଅନ୍ୟପଟେ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ, ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନବାଡି ରହିବା ଆବଶ୍ୟକ । ଯାହା ଫଳରେ ପିଲା ଶିକ୍ଷା ଲାଭ ପାଇଁ ବାହାରକୁ ଯିବା ଆବଶ୍ୟକ ନାହିଁ, ଏକ ଶୈକ୍ଷିକ ପରିବେଶ ସୃଷ୍ଟି ହେବ । ହେଲେ,ଏ କ୍ଷେତ୍ରରେ ପୁରା ଓଲଟା । କାହା ବଳରେ ବଳିୟାନ ସିଡିପିଓ ତା'କୁ ନେଇ ଅଞ୍ଚଳରେ ଚର୍ଚ୍ଚା ଚାଲିଛି । ତଳ ରେଗିଡ଼ି ନିର୍ମାଣ କୋଠା ନିକଟରେ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ମୁଖ୍ୟ ବଜାର ରହିଥିବାରୁ ଶିଶୁ ଓ ଗର୍ଭବତୀ ସୁରକ୍ଷିତ ନ ଥିବା ନେଇ ଅଭିଭାବକ ଅଭିଯୋଗ କରିବା ସହ ପିଲାଙ୍କୁ ଛାଡ଼ିବୁନି ବୋଲି କହିଛନ୍ତି । ରେଗିଡ଼ି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ପୁରୁଣା ଅଙ୍ଗନବାଡି କେନ୍ଦ୍ର ଥାଇ ପୁଣି ନୂତନ କେନ୍ଦ୍ର ପାଇଁ କୋଠା ନିର୍ମାଣ କେଉଁ ଉଦ୍ଦେଶ୍ୟରେ କରାଯାଇଥିଲା ଓ ୮ ବର୍ଷର ପୁରୁଣା କୋଠାକୁ ହଠାତ କାହିଁକି ସ୍ଥାନାନ୍ତର କରାଯାଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପଟେ ନିଜ ନିଜ ୱାର୍ଡରେ କେନ୍ଦ୍ର ଖୋଲିବାକୁ ଶିକ୍ଷାବିତ ମତ ପ୍ରକାଶ କରିଥିବା ବେଳେ ନୂତନ ଅଙ୍ଗନବାଡ଼ି କୋଠାକୁ ସାହି ପାଠାଗାର ଅବା ଭୋଜିଭାତ ନିମନ୍ତେ କୋଠଘର କରିବାକୁ ସାହି ବାସିନ୍ଦା ପ୍ରଶାସନକୁ ନିବେଦନ କରିଛନ୍ତି।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ




ଦେବଗଡ଼,୨୨।୫(ଅକ୍ଷର ଓଡ଼ିଶା)- ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହନ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚପରଦାର, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଯୋଗଦେଇ ମଦ ବିକ୍ରୟ ଢାବା ଗୁଡ଼ିକ ଯାଞ୍ଚ୍ କରିବା, ଏନ ଏଚ ୪୯ ରେ ରାସ୍ତା ପାର୍ଶ୍ୱରେ ଜବର ଦଖଲ ଦୋକାନ ଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ପୌରପରିଷଦରେ ଯାନ ବାହାନ ଚଳାଇବା ବେଳେ ଗାଡ଼ି ର ବେଗ ନିୟନ୍ତ୍ରଣ କରିବା,ଗାଡ଼ି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ପିନ୍ଧିବା, ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ଟ୍ରାଫିକ ନିୟନ୍ତ୍ରଣ , ପୌରପରିଷଦ ଡ୍ରେନେଜ୍ ଉପରେ ଉଠା ଦୋକାନ ଗୁଡିକ ଉଚ୍ଛେଦ କରିବା ଉପରେ ବିଶେଷ ଆଲୋକପାତ କରିଥିଲେ ।ବୈଠକରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା, ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ କଳିଙ୍ଗ ଆଶିଷ ଶତପଥି , ଟିପିଡବ୍ଲୁ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା,ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଅବକାରୀ ଆରକ୍ଷୀ ଅଧିକ୍ଷକ ବାସନ୍ତୀ ପ୍ରଭା ନାୟକ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର, କୁମୁଦ ବନ୍ଧୁ ଶତପଥି ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିର୍ମାଣ ସମ୍ପତ୍ତି ପରିଚାଳନା ଆଞ୍ଚଳିକ ପ୍ରଶିକ୍ଷଣ ଅନୁଷ୍ଠିତ




କୋରାପୁଟ, ୨୨/୫ (ଅକ୍ଷର ଓଡ଼ିଶା)- ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଉନ୍ନୟନ ଓ ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ-ତଥା-ଶାସନ ସଚିବଙ୍କ ଅଧକ୍ଷତାରେ ଓ କୋରାପୁଟ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଆଜି ଦକ୍ଷତା ବିକାଶ କେନ୍ଦ୍ରରେ ନିର୍ମାଣ ସମ୍ପତ୍ତି ପରିଚାଳନା ପ୍ରଣାଳୀ ସମ୍ବନ୍ଧୀୟ ଆଞ୍ଚଳିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣରେ କୋରାପୁଟ, ମାଲକାନଗିରି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଓ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବିଭାଗ ଅଧୀନସ୍ଥ ଛାତ୍ରାବାସ, ବିଦ୍ୟାଳୟ ଓ କାର୍ଯ୍ୟାଳୟ ଭଳି ନିର୍ମାଣ ସମ୍ପତ୍ତିର ସଠିକ ତଦାରଖ, ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଏହି ଡିଜିଟାଲ ପ୍ରଣାଳୀ ପ୍ରସ୍ତୁତ କରାଯାଇଛି। ପ୍ରଶିକ୍ଷଣରେ ପୋର୍ଟାଲ ବ୍ୟବହାର, ତଥ୍ୟ ଦାଖଲ, ସମ୍ପତ୍ତି ଚିହ୍ନଟ ଓ ତୁରନ୍ତ ତଦାରଖ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ।ଅଧିକାରୀମାନେ କହିଛନ୍ତି, ଭିତ୍ତିଭୂମି ପରିଚାଳନାରେ ସ୍ୱଚ୍ଛତା ଓ ଦକ୍ଷତା ପାଇଁ ନିର୍ମାଣ ସମ୍ପତ୍ତିର ତଥ୍ୟ ସମୟାନୁଯାୟୀ ଅଦ୍ୟତନ କରିବା ଆବଶ୍ୟକ।

## ଆସିକା କଲେଜ ବିଜ୍ଞାନରେ ବିଶ୍ୱଜିତ୍, କଳାରେ ସ୍ୱାତି, ବାଣିଜ୍ୟରେ ରୁଦ୍ର ଟପର

ଆସିକା, ୨୨/୫ (ଅକ୍ଷର ଓଡିଶା)- ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ ପ୍ରକାଶ ପାଇଯାଇଛି। ଆସିକା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର କଳାରେ ସୁଶ୍ରୀ ଜେନା ସ୍ୱାତୀ ମଙ୍ଗୁଲୁ ସର୍ବମୋଟ ୫୩୮ ନମ୍ବର ୯୦% ରଖି ବିଦ୍ୟାଳୟ ଟପ୍ପର ଥିବା ବେଳେ, ବିଜ୍ଞାନରେ ବିଶ୍ୱଜିତ୍ ପ୍ରଧାନ ୫୪୯ ନମ୍ବର ୯୧.୫% ରଖି ବିଦ୍ୟାଳୟଲ ଟପ୍‌ପର, ବାଣିଜ୍ୟରେ ରୁଦ୍ର ମାଧବ ପାତ୍ର ୫୪୧ ନମ୍ବର ୯୦% ରଖି ବିଦ୍ୟାଳୟ ଟପ୍ପର ଏବଂ ଧନ୍ଦାମୂଳକରେ ସୁଶ୍ରୀ ଏସ. ଚିନ୍ମୟୀ ରେଡ୍ଡୀ ୪୬୧ ନମ୍ବର ୬୭% ରଖି ବିଦ୍ୟାଳୟ ଟପର ହୋଇପାରିଛନ୍ତି। କଳା ବର୍ଗରେ ମୋଟ ୨୪୮ରୁ ମୋଟ ପାସ ହାର ୯୧% ଅଛି। ବିଜ୍ଞାନ ବର୍ଗରେ ମୋଟ ୧୦୬ ରୁ ମୋଟ ପାସ ହାର ୭୫% ଅଛି। ବାଣିଜ୍ୟ ବର୍ଗରେ ମୋଟ ୩୬ ରୁ ମୋଟ ପାସ ହାର ୯୩% ଅଛି। ଧନ୍ଦାମୂଳକ ବର୍ଗରେ ମୋଟ ୧୪ ରୁ ମୋଟ ପାସ ହାର ୯୭% ଅଛି। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୩ ଜଣ ଏବଂ ତୃତୀୟ ଶ୍ରେଣୀରେ ୩ ଜଣ ସର୍ବମୋଟ ୧୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ପୋଖରୀରେ ବୁଡ଼ି ଜଣେ ମୃତ

ହିଞ୍ଜିଳିକାଟୁ: ୨୨/୫(ଅବନି କାନ୍ତ ପଟ୍ଟନାୟକ) ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଭାଟକୁମରଡା ମୌଜା ପାଗଳ ବାବା ଛକ ନିକଟସ୍ଥ କୁମ୍ଭାର ଗାଡିଆ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ହିଞ୍ଜିଳିକାଟୁ ବ୍ଲକ୍ ବେଲଗାଁ ଥାନା ଅନ୍ତର୍ଗତ ଭାବନ୍ଧ ଗ୍ରାମର ରମେଶ ବେହେରା (୬୨), ପିତା : ଅର୍ଜୁନ ବେହେରା ବୋଲି ଜଣାପଡିଛି । ସୂଚନା ପ୍ରକାରେ ଶୁକ୍ରବାର ଅପରାହ୍ନ ୨ ଘଟିକା ସମୟରେ ରମେଶ ପାଗଳ ବାବା ଛକ ନିକଟସ୍ଥ କୁମ୍ଭାର ଗାଡିଆ ପୋଖରୀ କୁ ଶୌଚ ହେବା ଲାଗି ଯାଇଥିବା ସମୟରେ, କୌଣସି କାରଣ ବଶତଃ ପୋଖରୀରେ ବୁଡି ଯାଇ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ଏହି ଘଟଣା ବିଷୟରେ ପୁରୁଷୋତ୍ତମପୁର ଅଗ୍ନିଶମ ବାହିନୀ ବିଭାଗ ଏବଂ ବେଲଗାଁ ଥାନା କୁ ସୂଚନା ଦେଇଥିଲା । ଘଟଣାସ୍ଥଳରେ ପୁରୁଷୋତ୍ତମପୁର ଅଗ୍ନିଶମ ବାହିନୀ କର୍ମଚାରୀ ଏବଂ ବେଲଗାଁ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୋଲିସ ରମେଶଙ୍କ ମୃତ ଶରୀର କୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲ କୁ ପଠାଯାଇଥିବା ନେଇ ସୂଚନା ମିଳିଛି । ଘଟଣାସ୍ଥଳରେ ଭାଟକୁମୁରୋଡା ଆରଆଇ ଶଙ୍କର ବେହେରା, ବେଲଗାଁ ଥାନା ଏ ଏସ୍ ଆଇ କମଳିନୀ ନାୟକ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ବାରକୋଟ ବରିଷ୍ଠ ସହାୟକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା



ଦେବଗଡ଼, ୨୨।୦୫(ଅକ୍ଷର ଓଡ଼ିଶା): ଆଜି ଗୋଷ୍ଠୀ ସାଧନ କେନ୍ଦ୍ର ,ବାରକୋଟଠାରେ କ୍ଷିରୋଦ ବିହାରି ସାହୁଙ୍କ ଅଧକ୍ଷତାରେ ବାରକୋଟ ଗୋଷ୍ଟି ଶିକ୍ଷା କାର୍ଯ୍ୟାଳୟର ବରିଷ୍ଟ ସହାୟକ ହୃଦାନନ୍ଦ ନାୟକ ଅବସର କାଳୀନ ସମର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ସଭାରେ ମୁଖ ଅତିଥି ଭାବେ ବରୁଣ କୁମାର ପ୍ରଧାନ ,ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରକୋଟ , ମୁଖ୍ୟ ବକ୍ତା ଭାବେ ଭୋଭେଶ କୁମାର ସୁହୁଳା, ସମ୍ମାନୀତ ଅତିଥି ଭାବେ ବିଜୟ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାରକୋଟ, ଓ ନିରଞ୍ଜନ କୁମାର ସାହୁ ବରିଷ୍ଟ ସାଧନ କେନ୍ଦ୍ର ସଂଯୋଜକ ତିଲେଇମାଳ ଯୋଗଦେଇଥିଲେ । ଶ୍ରୀ ନାୟକ ୧୯୯୭ ମସିହାରେ କନିଷ୍ଠ ସହାୟକ ଭାବେ ଯୋଗଦାନ କରି ୩୦ ବର୍ଷ କାର୍ଯ୍ୟକରି ବରିଷ୍ଟ ସହାୟକ ଭାବେ ଅବସର ଗ୍ରହଣ କରିଥିଲେ । ମଞ୍ଚାସୀନ ଅତିଥି ଗଣ ଶ୍ରୀ ନୟକ୍ ଜଣେ ମେଳାପି ବ୍ୟକ୍ତି,କର୍ତ୍ତବ୍ୟ ନିଷ୍ଟ ଓ ସମୟୋନୁବତ୍ରୀ ବ୍ୟକ୍ତି ତଥା ତାଙ୍କର କାର୍ଯ୍ୟଧାରା ସମ୍ପର୍କରେ ଭୂରି ଭୂରି ପ୍ରଶଂସା କରିଥିଲେ । ବିଦାୟକାଳୀନ ସଭାଟିକୁ ବାରକୋଟ ବ୍ଲକର ସମସ୍ତ ୧୭ ଜଣ ସାଧନ କେନ୍ଦ୍ର ସଂଯୋଜକ ତଥା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଆୟୋଜନ କରିଥିଲେ । ସମସ୍ତ ବକ୍ତାମାନେ ବିଦାୟୀ ଶ୍ରୀ ନାୟକଙ୍କର ଅବସର କାଳୀନ ଜୀବନ ସୁଖକର ଓ ନିରାମୟ ହେଉ ବୋଲି ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ନିବେଦନ କରିଥିଲେ । କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ ଯଦୁମଣି ବେହେରା, ସୁରେଶ ଚନ୍ଦ୍ର ସାହୁ ,କାହ୍ନୁଚରଣ ବେହେରା, ,ଡଲିରାଣୀ ବିଶ୍ୱାଳ ତଥା ସୁଜିତ କୁମାର ଦାଶ । ବିଦାୟୀ ବରିଷ୍ଟ ସହାୟକ ଶ୍ରୀ ନାୟକଙ୍କୁ ମାନପତ୍ର, ଉପଢ଼ୌକନ ସହ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା । ବିଜୟ କୁମାର ପ୍ରଧାନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସର୍ବଶେଷରେ କୁମୁଦ ବନ୍ଧୁ ପ୍ରଧାନ, ସାଧନ କେନ୍ଦ୍ର ସଂଯୋଜକ-ଗୁରୁସଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପ ଝିଅର ଜଲୱା

## ୯୮.୬୭% ନମ୍ବର ରଖି ଚମକିଲେ ସ୍ମୃତିରେଖା



ଗୋପ, ୨୨/୫ (ସନ୍ତୋଷ କୁମାର ଭୋଳ) : ଚଳିତ ବର୍ଷର ସିଏଚଏସଇ ପରୀକ୍ଷାରେ ଗୋପ ଅଞ୍ଚଳର ଛାତ୍ରୀ ସ୍ମୃତିରେଖା ପୃଷ୍ଟି ଅସାଧାରଣ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସେ ୬୦୦ରୁ ୫୯୨ ନମ୍ବର ରଖି ୯୮.୬୭ ପ୍ରତିଶତ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍ମୃତିରେଖା କୋରେଇସ୍ଥିତ ପ୍ରୟାସ ହାୟର ସେକେଣ୍ଡାରୀ ସ୍କୁଲରେ ଜ୍ଞ୨ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିଲେ । ଏହାପୂର୍ବରୁ ସେ ଗୋପର ପିଏମ୍ ଶ୍ରୀ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଥିଲେ । ସେ ପିଏମ୍ ଶ୍ରୀ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରାଥମିକ ଶିକ୍ଷୟିତ୍ରୀ ସବିତା ଦେଇଙ୍କ କନ୍ୟା । ଛୋଟବେଳୁ ପାଠପଢ଼ା ପ୍ରତି ଆଗ୍ରହୀ ଥିବା ସ୍ମୃତିରେଖା ନିୟମିତ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଏହି ସଫଳତା ହାସଲ କରିଥିବା କହିଛନ୍ତି । ନିଜ ସଫଳତାର ଶ୍ରେୟ ସେ ଭଗବାନ, ଶିକ୍ଷକ ଓ ଅଭିଭାବକଙ୍କୁ ଦେଇଛନ୍ତି । ଆଗାମୀ ଦିନରେ ଉଚ୍ଚ ଶିକ୍ଷା ଗ୍ରହଣ କରି ସମାଜ ପାଇଁ କାମ କରିବା ତାଙ୍କ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି ।

# ଯୁକ୍ତ ୨ ପରୀକ୍ଷାରେ ଜିଲ୍ଲା ଟପ୍ପରଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା

## ବିଜ୍ଞାନରେ ସମୀକ୍ଷା, କଳାରେ ଟିକେଶ ଓ ବାଣିଜ୍ୟରେ ରାଜେଶ



ନବରଙ୍ଗପୁର, ୨୨/୫ (ଅକ୍ଷର ଓଡ଼ିଶା)- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ଆୟୋଜିତ ଯୁକ୍ତ ୨ ବାର୍ଷିକ ପରୀକ୍ଷା୨୦୨୬ରେ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ଜିଲ୍ଲାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଆଜି ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି। ବିଜ୍ଞାନ ବିଭାଗରେ କୋଷଗୁମୁଡା ବ୍ଲକ ଅନ୍ତର୍ଗତ କର୍ଚ୍ଚାମାଲ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସମୀକ୍ଷାରାଣୀ ମାଳି ୫୫୮ ନମ୍ବର ସହ ୯୮ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି କଳା ବିଭାଗରେ ଚନ୍ଦାହାଣ୍ଡି ବ୍ଲକର ପାନାବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର ଟିକେଶ ସାହୁ ୫୩୫ ନମ୍ବର ସହ ୮୯.୧୬ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ଧୋଡ଼ିପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ରାଜେଶ ନାଗ ୫୪୮ ନମ୍ବର ସହ ୯୧.୩୩ ପ୍ରତିଶତ ମାର୍କ ରଖି ଜିଲ୍ଲାର ଗୌରବ ବଢ଼ାଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଡ଼. ସ୍ୱାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେମାନେ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଜିଲ୍ଲା ଓ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଥିବାରୁ ସମସ୍ତ ବିଭାଗୀୟ ଅଧିକାରୀ କୃତୀ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ଜିଲ୍ଲାପାଳ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର, ଉପହାର ଓ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ପିଏ, ଆଇଟିଡିଏ ରାଜୀବ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଚନ୍ଦ୍ର ସାହୁ ଓ ନିବେଦିତା ବିଶ୍ୱାଳଙ୍କ ସହ କୃତୀ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବଂ ସଂପୃକ୍ତ ବିଦ୍ୟାଳୟର ଅଧକ୍ଷମାନେ ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସମ୍ବର୍ଦ୍ଧନା ସଭାର ଆୟୋଜନ ଓ ପରିଚାଳନା କରିଥିଲେ।

# ବିଜୁଳି ସର୍ଟସର୍କିଟରୁ ଦୁଇ ପରିବାରଙ୍କ ଘର ପୋଡ଼ି ପାଉଁଶ

ଅନୁଗୋଳ, ୨୨/୫ (ଅକ୍ଷର ଓଡ଼ିଶା) ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ବଅଁରପାଳ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ଆଜି ଅପରାହ୍ଣ ସମୟରେ ବିଜୁଳି ସର୍ଟସର୍କିଟ ରୁ ଦୁଇ ପରିବାରଙ୍କ ଘର ପୋଡି ପାଉଁଶ ହୋଇଯାଇଛି ।ସୂଚନା ମୁତାବକ ଆଜି ଅପରାହ୍ଣ ସମୟରେ ପ୍ରମିଳା ଗଡନାୟକ ଓ ନର୍ମଦା ଗଡନାୟକ ଙ୍କ ପରିବାର ରୋଷେଇ କରି ଘରେ ଟିଭି ଦେଖୁଥିବା ବେଳେ ବିଜୁଳି ସର୍ଟସର୍କିଟ ହୋଇ ତାର ଗୁଡିକ ନିଆଁ ଧରିଥିଲା। ପରିବାରଲୋକେ ଭୟରେ ଘର ବାହାରକୁ ଦୌଡ଼ି ଆସି ପଡୋଶୀ ଲୋକଙ୍କୁ ଡାକ ପକାଇ ଥିଲେ । ସେହି ସମୟ ମଧ୍ୟରେ ଚାଳ ଘର ନିଆଁ ହୁତୁ ହୁତୁ ହୋଇ ଖୁବ ଜୋର୍‌ରେ ଲାଗି ଯାଇଥିଲା। ପଡୋଶୀ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ବଅଁରପାଳ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମରେ ବଡ଼ ଅଗ୍ନିକାଣ୍ଡ ରୁ ରକ୍ଷା କରିଥିଲେ। ହେଲେ ନର୍ମଦା ଗଡନାୟକ ଓ ପ୍ରମିଳା ଗଡନାୟକ ଙ୍କ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହେବା ସହ ପିନ୍ଧା ବସ୍ତ୍ର, ପିଲା ମାନଙ୍କ ପାଠପଢା ବହି, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ସୁନାଗହଣା ଓ ଘରେ ରଖିଥିବା ଏକ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ପଞ୍ଚାୟତ ସରପଞ୍ଚ ଅନୁସୂୟା ଗଡନାୟକ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ସମସ୍ତ ସାହାର୍ଯ୍ୟ ଯୋଗାଇବା ସହ ପ୍ରସାଶନ ପକ୍ଷରୁ ସହାୟତା ପାଇଁ ଆହ୍ୱାନ ଜଣାଇଛନ୍ତି।

# ତଳ ମଣିନାଗ ନୂତନ ମନ୍ଦିର ପ୍ରତିଷ୍ଠା ନେଇ ସାମ୍ବାଦିକ ସମ୍ମିଳନୀ



ରଣପୁର, ୨୨/୦୫(ଅକ୍ଷର ଓଡ଼ିଶା) :ନୟାଗଡ ଜିଲ୍ଲା ରଣପୁର ବିଜ୍ଞାପିତ ପରିଷଦ ଅଧୀନସ୍ଥ ତଳ ମଣିନାଗ ପୀଠରେ ନୂତନ ମନ୍ଦିର ପ୍ରତିଷ୍ଠା, ମା'ଙ୍କ ଗର୍ଭଗୃହ ପ୍ରବେଶ ଓ ପଞ୍ଚଦିନାତ୍ମକ ଯଜ୍ଞ ଉତ୍ସବ ନେଇ ମନ୍ଦିର ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର କମିଟିର ସଭାପତି ଡ଼. ପ୍ରଶାନ୍ତ କୁମାର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ଯଜ୍ଞ ଉତ୍ସବର ସମସ୍ତ କାର୍ଯ୍ୟସୂଚୀ ଓ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପିତ କରାଯାଇଥିଲା । ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଆସନ୍ତା ଜୁନ ୨୦ ତାରିଖରେ ଅଙ୍କୁରାରୋପଣ ସହ ଉତ୍ସବର ଶୁଭାରମ୍ଭ ହେବ । ୨୧ ତାରିଖରେ ଭବ୍ୟ କଳସ ଯାତ୍ରା, ୨୨ ତାରିଖରେ ଗର୍ଭାଧାନ ନୀତି, ୨୩ ତାରିଖରେ ସ୍ନାନ, ଶୟନ ଓ କାଳରାତ୍ରି ପୂଜା ଏବଂ ୨୪ ତାରିଖରେ ନ୍ୟାସ, ପ୍ରାଣ ପ୍ରତିଷ୍ଠା, ମା'ଙ୍କ ଗର୍ଭଗୃହ ପ୍ରବେଶ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ପୂର୍ଣ୍ଣାହୁତି ଦିବସରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ କାର୍ଯ୍ୟକ୍ରମକୁ ଶାନ୍ତି ଓ ଶୃଙ୍ଖଳାର ସହ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିବା ସୂଚନା ମିଳିଛି । ଏହି ଧାର୍ମିକ ମହୋତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା କରାଯାଉଛି । ସାମ୍ବାଦିକ ସମ୍ମିଳନୀରେ ପରେଶ ମିଶ୍ର, ଆଶିଷ କୁମାର ଦାଶ, ପ୍ରିୟବ୍ରତ ପ୍ରହରାଜ, ଉତ୍ତରାଣୀ ମିଶ୍ର, ରାଜେଶ ପଟ୍ଟନାୟକଙ୍କ ସହ ସାମ୍ବାଦିକ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

## ଦେବୀ ମା' ତାରିଣୀଙ୍କ ପୋଖରୀ ଜମି ବିବାଦ

# ୮ ଜଣଙ୍କୁ ଉଠାଇ ଆଣିଲା କୁଣ୍ଡେଇଗୋଳା ପୋଲିସ




ରିଆମାଳ, ୨୨/୫ (ତପନ କୁମାର ପ୍ରଧାନ) : ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ଅଧୀନ ଗରିଆପାଲି ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୋଖରୀ ଜମିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଦିନକୁ ଦିନ ଗଭୀର ରୂପ ନେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ସ୍ୱର୍ଗତ ଦୟାନିଧି ବେହେରାଙ୍କ ପୁଅ ନାରାୟଣ ବେହେରା, ଲୋକନାଥ ବେହେରା, ହରିହର ବେହେରା ଓ ଶଙ୍କର୍ଷଣ ବେହେରା ହାଇଟେକ୍ ସର୍ଭେ ସମୟରେ ଚଞ୍ଚକତା କରି ମନ୍ଦିରର ପୋଖରୀ ଜମିକୁ ନିଜ ନାମରେ ରେକର୍ଡ କରାଇ ନେଇଥିବା ଅଭିଯୋଗ ହୋଇଛି। ଗତ ମେ ୧୯ ତାରିଖରେ ଉକ୍ତ ପୋଖରୀ ଜମିରେ ଖୁଣ୍ଟ ପୋତି ସୀମା ନିର୍ଦ୍ଧାରଣ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଜେସିବି ମେସିନ ସାହାଯ୍ୟରେ ମାଟି ଖନନ କାର୍ଯ୍ୟ ଚାଲିଥିବାରୁ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା। ତେବେ ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ କରି ସହଯୋଗ କରିବା ପରିବର୍ତ୍ତେ କୁଣ୍ଡେଇଗୋଳା ପୋଲିସ ଗରିଆପାଲି ଗ୍ରାମର ୮ ଜଣଙ୍କୁ ଉଠାଇ ଆଣିଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ରଞ୍ଜିତ ଗରିଆ, ଯଦୁମଣି ଗରିଆ, ନବ ରାଉତ, ଜଗ ରାଉତ, କଳ୍ପନା ମହାପାତ୍ର, ହେମନ୍ତ ଗରିଆ, ଜିତୁ ପୋଢ ଓ ଆରତୀ ଗରିଆ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ଦେଖାଦେଇଛି। ପୋଲିସର ଏହି ପଦକ୍ଷେପକୁ ଗ୍ରାମବାସୀମାନେ ଏକପକ୍ଷୀୟ କାର୍ଯ୍ୟାନୁଷ୍ଠାନ ବୋଲି ଅଭିଯୋଗ କରିଛନ୍ତି। ଏହାପରେ କୁଣ୍ଡେଇଗୋଳା ଥାନାକୁ ନିଆଯାଇଥିବା ଗ୍ରାମବାସୀଙ୍କ ସମର୍ଥନରେ ବହୁ ସଂଖ୍ୟକ ଲୋକ ଥାନା ସମ୍ମୁଖ ଓ ଥାନା ପରିସରରେ ଦୀର୍ଘ ସମୟ ଧରି ଧାରଣାରେ ବସି ରହିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ଖରା ସତ୍ତ୍ୱେ ମଧ୍ୟ ଗ୍ରାମବାସୀମାନେ ନିଜ ଦାବିରେ ଅଟଳ ରହିଥିଲେ। ପରେ ପୋଲିସ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବୁଝାସୁଝା କରାଯାଇଥିବା ବେଳେ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ଗ୍ରାମବାସୀମାନଙ୍କୁ ଘରକୁ ଫେରିଯିବାକୁ ଅନୁରୋଧ କରାଯାଇଥିଲା। ଦୀର୍ଘ ସମୟର ଆଲୋଚନା ପରେ ଗ୍ରାମବାସୀମାନେ ଧାରଣାରୁ ଉଠି ଘରକୁ ଫେରିଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ପୂର୍ବରୁ ଗ୍ରାମବାସୀମାନେ ଦେବଗଡ଼ ଜିଲ୍ଲାପାଳ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ, ତହସିଲ କାର୍ଯ୍ୟାଳୟ ଓ କୁଣ୍ଡେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଗ୍ରାମବାସୀମାନେ ମା ତାରିଣୀଙ୍କ ପୋଖରୀ ଜମିକୁ ସୁରକ୍ଷା କରିବା ସହ ଘଟଣାର ନିଷ୍ପକ୍ଷ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି।







ଅକ୍ଷର
AKHYARA ODISHA ଓଡ଼ିଶା

# କେନ୍ଦୁଝର ଦରବାର ହଲ୍‌ରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ତାଲିମ ଶିବିର

## ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

କେନ୍ଦୁଝର:୨୨/୦୫(ଦିଲ୍ଲୀପ କୁମାର ସାହୁ) – ଆଗାମୀ 'ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସ୍ତୁତି – ୨୦୨୬' କାର୍ଯ୍ୟକ୍ରମକୁ ସଫଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ତଥା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଭୋଟର ତାଲିକା ପ୍ରସ୍ତୁତି ଏବଂ ଏହାର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସ୍ୱଚ୍ଛ, ସରଳ ଓ ନିର୍ଭୁଲ କରାଯାଇପାରିବ, ସେ ନେଇ ବୈଠକରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ ଆଲୋଚନା



କରାଯାଇଥିଲା। ବିଶେଷ କରି ଯୋଗ୍ୟ ଭୋଟରମାନଙ୍କ ନାମ ସାମିଲ କରିବା, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତ୍ରୁଟିପୂର୍ଣ୍ଣ ତଥ୍ୟର ସଂଶୋଧନ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସିଂହ କହିଛନ୍ତି ଯେ, ଗଣତନ୍ତ୍ରର ମୂଳଦୁଆ ହେଉଛି ଏକ ଶୁଦ୍ଧ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏବଂ ଏହାର ପ୍ରସ୍ତୁତିରେ ପ୍ରଶାସନିକ ସ୍ୱଚ୍ଛତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସାମିଲ ଥିବା ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅତି ସତର୍କତା, ନିଷ୍ଠା ଓ ଦାୟିତ୍ୱବୋଧର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଆବଶ୍ୟକ। ପ୍ରତ୍ୟେକ ପଦକ୍ଷେପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ କରି ଏହି ସମଗ୍ର ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଉପ ଜିଲ୍ଲାପାଳ ଉମାଶଙ୍କର ଦଳାଇ ଉପସ୍ଥିତ ରହି ଅଧିକାରୀମାନଙ୍କୁ ନୂତନ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଅଧିକାରୀମାନଙ୍କର ବିଭିନ୍ନ ସନ୍ଦେହ ଓ ସମସ୍ୟାର ମଧ୍ୟ ଜିଲ୍ଲାପାଳ ସମାଧାନ କରିଥିଲେ। ଶେଷରେ ଜିଲ୍ଲାର ସମସ୍ତ ନାଗରିକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ବାପ ମାଆ ଛେଉଣ୍ଡ ହୋଇଗଲେ ୩ ଭାଇ ଭଉଣୀ

## ସରକାରୀ ସହାୟତା ଲୋଡିଲେ ଗ୍ରାମବାସୀ

ବାଂଶପାଳ ୨୨/୦୫(ଶୂନ୍ୟରଞ୍ଜନ ଘଣା ): ବାପ,ମା' ଛେଉଣ୍ଡ ତିନି ଭାଇ ଭଉଣୀ ଏବେ କାକା ଖୁଡି ସାହା ଭରଷା ।ସେମାନଙ୍କୁ ଦେଖିବାକୁ ,ପରିବାରକୁ କେହି ନାହିଁ।ଚାରିଆଡ଼େ ଅନ୍ଧାର ହିଁ ଅନ୍ଧାର। ଏ ଯାଏଁ ପ୍ରଶାସନର ମଧ୍ୟ ଦୃଷ୍ଟି ପଡ଼ି ନାହିଁ ଏମାନଙ୍କ ଉପରେ ।କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଗ୍ରାମ ପଞ୍ଚାୟତ ଅଧୀନ ଦୁଆରଶୁଣୀ ଗାଁରେ କାହ୍ନୁ ଜୁଆଙ୍ଗଙ୍କ ଘର ।ସ୍ତ୍ରୀ ଓ ତିନି ପିଲାଙ୍କୁ ନେଇ ପରିବାର ସୁଖ ଦୁଃଖ ଭିତରେ ଚାଲୁଥିଲା ତାଙ୍କ ସଂସାର।ବିନୋଦ ପରିବାର ଉପରେ କାହାର ଅଶୁଭ ନଜର ପଡିଲା। ୧୩-୦୫-୨୦୨୬ ସନ୍ଧ୍ୟା ରେ କାହ୍ନୁ ଜୁଆଙ୍ଗ ର ମୃତ୍ୟୁ ହେଲା।ଠିକ୍ ବର୍ଷେ ଦେଢ଼ବର୍ଷ ଆଗରୁ ସ୍ତ୍ରୀ ଲଳିତା ଚାଲିଯାଇଛି ଆରପାରିକୁ।ତିନି ନାବାଳକ ଶିଶୁ ସୌଦାମିନୀ(୭),ଅନିଲ(୫), ଏବଂ ଅନିତା (୩)ନିରାଶ୍ରୟ ହୋଇଗଲେ।ଏମିତି ଏକ ବାପ, ମା' ଛେଉଣ୍ଡ ପିଲାଙ୍କ ଖବର ଆଞ୍ଚଳିକ ବିକାଶ ମଞ୍ଚ ସଦସ୍ୟଙ୍କ ନିକଟକୁ ଗାଁ ର ଶ୍ୟାମଘନ ମହାରଣା ପହଞ୍ଚାଇ କୁନି କୁନି ଛୁଆ ମାନଙ୍କ ପରିବାର ଶୁଦ୍ଧକ୍ରିୟା କିପରି କରିବେ ସେଥିନେଇ ସହଯୋଗ ଲୋଡ଼ିଛନ୍ତି।ଅନାଥ ଶିଶୁଙ୍କ ଭବିଷ୍ୟତ ପାଇଁ ସରକାର ଦୃଷ୍ଟି ଆକର୍ଷଣ କରି ଉପଯୁକ୍ତ ଥଇଥାନ କରିବାକୁ ଗାଁ ର ଲୋକ



ନିବେଦନ କରିଛନ୍ତି। ପିଲାମାନେ ରହୁଛନ୍ତି ଏକ ମାଟିରେ ତିଆରି ଚଳ ଛପର ଘରେ ।ପ୍ରଧାନମନ୍ତ୍ରୀ ଆବାସ ଅବା ବିଜୁ ପକ୍କା ଘର ଏମାନଙ୍କୁ ମିଳି ନାହିଁ ।କାହିଁକି ମିଳିନାହିଁ, ତାର ଉତ୍ତର କାହା ପାଖରେ ଅଛି କିଏ ଜାଣିଛି ସତେ ଯେମିତି ଏମାନେ ଯନ୍ତ୍ରଣା ଭିତରେ ସଢ଼ିବାକୁ ହିଁ ଜନ୍ମ ହୋଇଛନ୍ତି । ଆଞ୍ଚଳିକ ବିକାଶ ମଞ୍ଚ ସଦସ୍ୟ ମାନଙ୍କ ଦ୍ୱାରା ନିତ୍ୟ ବ୍ୟବହାର୍ଯ୍ୟ ରାସନ୍ , ପୋଷାକ ଓ ଅର୍ଥ ପ୍ରଦାନ କରି ଅନାଥ ପିଲାଙ୍କ ଅସହାୟତାକୁ ସହାୟକ ହୋଇଛନ୍ତି ଏବଂ ସରକାରଙ୍କୁ ଅନୁରୋଧ କରିଛନ୍ତି ପିଲାଙ୍କ ଜୀବିକା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ।

## ଉପୁଡ଼ିଲା ବିଶାଳ ଆମ୍ବ ଗଛ ଭାଙ୍ଗିଗଲା ଛାତ

ହରିଚନ୍ଦନପୁର,୨୨/୫ (ଶୂନ୍ୟରଞ୍ଜନ ଘଣା ): କାଳବୈଶାଖୀର ତାଣ୍ଡବଲୀଳା ଭୟଙ୍କର ରୂପ ଦେଖାଇଥିଲା ହରିଚନ୍ଦନପୁର ବ୍ଲକ୍ ଅଞ୍ଚଳରେ। ଏହି ବ୍ଲକ୍ ଅନ୍ତର୍ଗତ ମନୋହରପୁର ପଞ୍ଚାୟତର ସତ୍ୟପାଳ ଗାଁରେ ବ୍ରିଟିଶ ଅମଳର ଏକ ବିରାଟ ଆମ୍ବଗଛ ଉପୁଡି ପଡିବାରୁ ଗଛଟି ନିକଟରେ ଥିବା ବିପିନି ସାହୁଙ୍କ ଛାତ ଏବଂ ପାଚେରି ଉପରେ ପଡିଥିଲା। ଫଳରେ ଛାତର ପ୍ରଥମମହଲା ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭାଙ୍ଗିଯାଇଥିବା ବେଳେ ପାଚେରି ଆଂଶିକ ଭାଙ୍ଗିଯାଇଛି।ଏ ସମ୍ପର୍କରେ ହରିଚନ୍ଦନପୁର ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣା ସ୍ଥଳକୁ ଆସି ଉଦ୍ଧାର କାର୍ଯ୍ୟ ଜାରି ରଖୁଛନ୍ତି। ପାଖାପାଖି ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଗ୍ନିଶମ ବାହିନୀ ଗଛକୁ କାଟି ଛାତରୁ ହଟାଇଥିଲେ। ସେହିପରି ସତ୍ୟପାଳ ଗାଁର ସୁଦାମ ଜେନାଙ୍କ ଗୋରୁ ଗୁହାଳର ଛପର ଉଡାଇ ନେଇଥିବା ବେଳେ ଗୁହାଳ ଭିତରେ ଥିବା ଗୋରୁମାନେ ସୁରକ୍ଷିତ ରହିଥିଲେ । ତେବେ ଅଳ୍ପକେ ଗୋରୁ ମାନେ ବର୍ତ୍ତିଯାଇଥିବା କୁହାଯାଇଛି। ଉଭୟଙ୍କ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସେହିପରି ଗୋଲାବନ୍ଧ ଗାଁର ଯୁବଜ୍ୟୋତି କ୍ଲବ ଘରର ଛପର ଉଡାଇ ନେଇଥିବା ମଧ୍ୟ ସୂଚନା ମିଳିଛି।

### ଅବକାରୀ ବିଭାଗର ଚଢ଼ାଉ

## ୩ ଲକ୍ଷ ଟଙ୍କାର ଦେଶୀ ମଦ ଓ ପୋଚ ଜବତ, ଖସିଗଲେ ଅଭିଯୁକ୍ତ

ହାଟଡିହି ୨୨/୫ (ଅମୀୟ ବରାଳ) – ଆନନ୍ଦପୁର ଅବକାରୀ ବିଭାଗ ଓ ଘଷିପୁରା ଥାନା ଓ ରାମଚନ୍ଦ୍ର ଥାନା ପକ୍ଷରୁ ବିଭିନ୍ନ ଅଞ୍ଚଳରେ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ରନ୍ଧା ମଦ ଓ ମହୁଲ ପୋଚ ଜବତକରି ନଷ୍ଟ କରାଯାଇଛି । ଏଥିରେ ଅଭିଯୁକ୍ତ ମାନେ ଚତୁରତାର ସହିତ ଆସିଯାଇଛନ୍ତି।ଖବର ଜଣାଯାଏ ଯେ,କେଉଁଝର ଜିଲ୍ଲା ଅବକାରୀ ଅଧିକ୍ଷକ ତେଯରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦ ପୁର ଅବକାରୀ ବିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ୍, ସରୋଜ କୁମାର ପଣ୍ଡା ଏବଂ ଆନନ୍ଦପୁର,ଘଟଗାଁ ଓ ହାଟଡିହି ଅବକାରୀ ଥାନା, ଘଷିପୁରା, ରାମଚନ୍ଦ୍ର ପୁର ଥାନା କର୍ମଚାରୀ ପକ୍ଷରୁ ସୁଆପୁର, ରାମଚନ୍ଦ୍ର ପୁର ଅଞ୍ଚଳରେ ବ୍ୟାପକ ଚଢ଼ାଉ କରାଯାଇ ୬୭୫ ଲିଟର ଦେଶୀ ରନ୍ଧା ମଦ ଓ ୧୦୫୯୦ ଲିଟର ମହୁଲ ପୋଚସହ ମଦ ରନ୍ଧା ସରଞ୍ଜାମ ଜବତ କରିଥିବା ବେଳେ ଅନେକ ନଷ୍ଟ କରାଯାଇଛି । ଜବତ ଦେଶୀ ରନ୍ଧା ମଦ ଓ ମହୁଲ



ପୋଚ ର ଆନୁମାନିକ ମୂଲ୍ୟ ୩୦୦୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ଚଢ଼ାଉରେ ଆନନ୍ଦପୁର ଉପନୀରିକ୍ଷକ, ଘଟଗାଁ ଅବକାରୀ ଥାନା ଉପ ନିରୀକ୍ଷକ ଓ ଘଟଗାଁ ସହ ଉପ ନିରୀକ୍ଷକ ଆହ୍ଲାଦୀ ମାରାଣ୍ଡି ଓ ହାଟଡିହି ଅବକାରୀ ଥାନା ସହ ଉପ-ନିରୀକ୍ଷକ ସୁଶାନ୍ତ ରାଉତ କନେଷ୍ଟବଳ ଜଗମୋହନ ବେହେରା,ଅଜୁ ନାଏକ, ସୁଶାନ୍ତ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ । ଏନେଇ ଆନନ୍ଦପୁର ଅବକାରୀ ଥାନା ପକ୍ଷରୁ ୨ଗୋଟି ଓ ରେଞ୍ଜ ପକ୍ଷରୁ ୧ଟିମାମଲା ରୁଜୁ କରାଯାଇଛି । ଏଭଳି ଆଗକୁ ଚୋରା ମାଦକ ଦ୍ରବ୍ୟ କାରବାର ଉପରେ ଚଢାଉ ଜାରୀ ରହିବ ବୋଲି ଆନନ୍ଦପୁର ଅବକାରୀ ଅଧିକ୍ଷକ ବ୍ରଜମୋହନ ମଲ୍ଲିକ କହିଛନ୍ତି।

## କେନ୍ଦୁଝରରେ କାଳବୈଶାଖୀ ନେଲା ୩ ଜୀବନ

କେନ୍ଦୁଝର:୨୨/୦୫(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ସହର ଉପକଣ୍ଠ ଟାଉନ ଥାନା ଅଧୀନ ନରଣପୁର ଠାରେ କାଳବୈଶାଖୀ ତାଣ୍ଡବ ଯୋଗୁଁ ଟେଣ୍ଟ ତଳେ ଚାପି ହୋଇ ୩ ଜଣ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ, ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଏହି ଦୁଃଖଦ ଖବର ପାଇ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି।ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ, ଅପରାହ୍ନ ପ୍ରାୟ ୨.୩୦ ସମୟରେ ହଠାତ କାଳବୈଶାଖୀ ଜନିତ ଝଡ କାରଣରୁ ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଘାଟ ଅବରୋଧ ହେବା ସହ ନରଣପୁର ଗୋଡାସାହି ରେ ଜଣେ ଟେଣ୍ଟ ହାଉସ ମାଲିକଙ୍କ ନିଜ ଘର ଛାତ ଉପରେ ଥିବା ଟେଣ୍ଟ ଭାଙ୍ଗି ଟେଣ୍ଟ ଚାପରେ ୩ ଜଣ ଶ୍ରମିକ ମୃତ୍ୟୁ ବରଣ କରିଥିବା ବେଳେ, ଜଣେ ଶ୍ରମିକ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ସେହି ଟେଣ୍ଟ ମାଲିକ ନରଣପୁର ଗୋଡା ସାହି ଠାରେ ନିଜ ବାସଭବନ ଛାତ ଉପରେ ଟେଣ୍ଟ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଏବଂ ଟେଣ୍ଟ ହାଉସରେ କାମ କରୁଥିବା ଶ୍ରମିକ ମାନଙ୍କ ରହିବା ପାଇଁ ଏକ ଟେଣ୍ଟ ମାରିଥିଲେ। ଶ୍ରମିକ ମାନେ ମଧ୍ୟାହ୍ନ ଭୋଜନ ସାରି ସେଠାରେ ବିଶ୍ରାମ ନେଉଥିବା ସମୟରେ କାଳବୈଶାଖୀ ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା। ଏଭଳି ଦୁଃଖଦ ଘଟଣା ଶୁଣି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକ ମାନଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି। ଦୁର୍ଘଟଣା ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପିଏଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା

ହରିଚନ୍ଦନପୁର, ୨୨/୫ (ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ଜିରାଙ୍ଗ ସ୍ଥିତ ପିଏଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁକ୍ତଦୁଇ କଳାରେ ୧୦୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ପ୍ରଥମ ବ୍ୟାଚ୍ ଭାବେ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୦ ଜଣ ଛାତ୍ରଛାତ୍ରୀ(୮୯.୧ %) ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ ଏବଂ ତୃତୀୟ ଶ୍ରେଣୀରେ ୫୫ ଜଣ ପାସ୍ କରିଥିବା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁନୀଲ କୁମାର ପାଇକରାୟ ଜଣାଇଛନ୍ତି। ଶୁଭମ୍ କୁମାର ସାହୁ ୮୩ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପର ହୋଇଛନ୍ତି ।

## ପଣ୍ଡାପଡା ଅମ୍ବିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପ୍ରଶିକ୍ଷଣ ଶିବିର

ପଣ୍ଡାପଡା ୨୨/୦୫ (ପୁରୁଷୋତ୍ତମ ମହାନ୍ତ )କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପଣ୍ଡାପଡା ଅମ୍ବିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିନି ଗୋଟି କଷ୍ଟରକୁ ନେଇ ଶିକ୍ଷା ହିଁ ଜୀବନର ଆଲୋକ ବର୍ତ୍ତିକା ଏବଂ ଆମ ଦେଶ ଦିନେ ଥିଲା ଗୁରୁ ସମୟ ସହ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଆସି ଅଛି ଏକ ନୂଆ ବୈପ୍ଲବିକ ପରିବର୍ତ୍ତନ । ଭରତ ସ୍ୱାଧୀନତା ହେଲା ପରେ ଆଜି ପର୍ଯ୍ୟନ୍ତ ତିନି ଗୋଟି ଶିକ୍ଷା ନୀତି ପ୍ରଣୟନ ହୋଇଛି ।ଏହାକୁ ପାଥେୟ କରି ତିଆରି ହୋଇ ସାରିଲାଣି ପାଞ୍ଚ ଗୋଟି ଜାତୀୟ ପାଠ୍ୟକ୍ରମ ଆଧାର ୧୯୮୬ମସିହା ପରେ ଦୀର୍ଘ ୩୪ ବର୍ଷପରେ କାର୍ଯ୍ୟକାରୀ ହୋଇ ସାରିଲାଣି ନୂତନ ଶିକ୍ଷା ନୀତି ୨୦୨୦ଏହାକୁ ନେଇ ୫+୩+୩+୪ଆଧାରରେ ତିଆରି ହୋଇଛି ଜାତୀୟ ପାଠ୍ୟକ୍ରମ ।ଏହି ଜାତୀୟ ପାଠ୍ୟକ୍ରମ ବିଦ୍ୟାଳୟ ଶିକ୍ଷା ( ୨୦୨୩ଆଧାର ଯାଞ୍ଚ ଅନୁଯାଇ ଓଡିଶା ପାଠ୍ୟକ୍ରମ ଆଧାର (



୨୦୨୫ଦେଶରେ ସର୍ବ ପ୍ରଥମ ପ୍ରାଣୟନ ହୋଇଥିବା ରାଜ୍ୟ ଏଥିରେ ଶିକ୍ଷା ଓ ଶତାବ୍ଦୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶାରୀରିକ, ଶିକ୍ଷା କଳା ଓ ସୌନ୍ଦର୍ଯ୍ୟ ଓ ବୃତ୍ତି ଗତ ଶିକ୍ଷାକୁ ସର୍ବ ନିମ୍ନ କରାଯାଉଛି ।ଘଟଗାଁ ବ୍ଲକ ପ୍ରଶିକ୍ଷଣ ଶିକ୍ଷା ଅଧିକାରୀ ହରେ କୃଷ୍ଣ ନାଏକ, ଅତିରିକ୍ତ ଶିକ୍ଷା ଅଧିକାରୀ ଜଗଦୀଶ ନାଏକଙ୍କ ତତ୍ତ୍ୱ ବଧାନ ପ୍ରଶିକ୍ଷଣ ଶିବିର ପଣ୍ଡାପଡା ସଂଯୋଜକ ସି ଆର ସି ସି ବିଶ୍ୱ ରଞ୍ଜନ ନାୟକ ଅମ୍ବିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧାନଚାନ୍ଦ ସେଠିଙ୍କ ସହ ଭାଗିତାରେ ୫୦ ଜଣ ପ୍ରଶିଥୀ ପ୍ରଶିକ୍ଷଣ ନେଇଥିଲେ ।ସାଧନ କର୍ମୀ ଭାବେ ରାଜୀବ ଲୋଚନ ମହାନ୍ତ ସି ଆର ସି ସି ବୁଲୁ ରାମ ମହନ୍ତ ଜନାର୍ଦନ ମହାନ୍ତ ଏବଂ ଆଶାକ କୁମାର ସାହୁ ପ୍ରଶିକ୍ଷଣ ଦେଇଥିଲେ ।ରୁଟିଶିଳା ସି ଆର ସି ସି ସାଲେଗ୍ରାମ ପାତ୍ର ଏବଂ ବିନିଦା ସି ଆର ସି ସି ମହମଦ ଇରଫାନ ଆନସାରୀ ସହଯୋଗ ହାତ ବଢ଼ାଇ ଥିଲେ ।

## ସାର ବିକ୍ରେତା ସଂଘ ତରଫରୁ ହୋଟେଲ ଗ୍ଲୋବାଲ ଇନ୍ ଠାରେ ବୈଠକ

କେନ୍ଦୁଝର/ଘଟଗାଁ: ୨୧/୦୫(ଦିଲ୍ଲୀପ କୁମାର ସାହୁ) – ଘଟଗାଁ ମା ତାରିଣୀ ଠାକୁରାଣୀ କଲେଜ ସମ୍ମୁଖରେ ଥିବା ହୋଟେଲ ଗ୍ଲୋବାଲ ଇନ୍ ଠାରେ ଜିଲ୍ଲା ସାର ବିକ୍ରେତା ସଂଘ ତରଫରୁ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ତେବେ ଆଲୋଚନାର ମୁଖ୍ୟ ବିଷୟ କେନ୍ଦୁଝର ଜିଲ୍ଲାରେ ସାର ରାକ ପଏଣ୍ଟ କେନ୍ଦ୍ର ନାହିଁ । ତେଣୁ କେନ୍ଦୁଝର ସାର ବିକ୍ରେତା ମାନେ ଭଦ୍ରକ, ରାଇରଙ୍ଗପୁର, କଟକ, ଯାଜପୁର ଆଦିକୁ ଯାଇ ସାର ଆଣୁଛନ୍ତି । ତେବେ କେନ୍ଦୁଝର ଜିଲ୍ଲାର ନରଣପୁର ଠାରେ ଗୋଟିଏ କେନ୍ଦ୍ର ହେବାର ସ୍ଥିରୀକୃତ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା କିଛି ଆରମ୍ଭ ହୋଇନାହିଁ । ସାର ସହିତ ଅନ୍ୟ ଜିନିଷ ନେବାକୁ କମ୍ପାନୀ ବାଧ୍ୟ କରୁଥିବାବେଳେ ଚାଷୀ ନେବାକୁ ଅମଙ୍ଗ ହେଉଛନ୍ତି । ଯାହା ଦ୍ୱାରା ଡିଲର୍ ମାନେ ଅଯଥାରେ ହଇରାଣ ହେଉଛନ୍ତି କ୍ଷ ତେଣୁ ରିଟେଲର ପଏଣ୍ଟରେ ସିଧାସଳଖ ସେବାପ୍ରଦାନ ପାଇଁ ଦାବି ହେଉଛି । ଶେଷରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ।ସଭାପତି ଭାବେ ମନୋରଞ୍ଜନ ସାହୁ, ଉପ ସଭାପତି ରଞ୍ଜନ କୁମାର ଗୁପ୍ତା, ଓ ଦେବବ୍ରତ ସାହୁ, ସମ୍ପାଦକ ଭାବେ ରାଜ କିଶୋର ସାହୁ, ସହ ସମ୍ପାଦକ ଭାବେ ଅକ୍ଷୟ କୁମାର ଦେବତା, କୋଷାଧ୍ୟକ୍ଷ ନାରାୟଣ ସାହୁ, ଉପଦେଷ୍ଟା ରେ ଟିପି ମହାନ୍ତି, ସନ୍ତୋଷ କୁମାର ସ୍ୱାଇଁ, ନିରଞ୍ଜନ ଘଡେଇ, ମାନସ ବାରିକ୍, ଅନିଲ କୁମାର ସାହୁ ଓ ବିଦ୍ୟାଧର ବେହେରା ମନୋନୀତ ହୋଇଛନ୍ତ ।

## ଦୋକାନ ଉପରେ ପଡ଼ିଲା ଗଛ

ହରିଚନ୍ଦନପୁର ୨୨/୫(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ରେବଣାପଲାଶପାଳ ଗାଁରେ ଆଜି ଅପରାହ୍ଣରେ କାଳବୈଶାଖୀ ତାଣ୍ଡବ ରଚିଛି। ଗୋଟିଏ ବଡ଼ ଗଛ ମାର୍କେଟ କମ୍ପ୍ଲେକ୍ସ ଉପରେ ପଡ଼ିଯାଇଥିଲା। ଫଳରେ କମଳ ସାହୁଙ୍କ ଦୋକାନ ଘର ଆଂଶିକ ଭାଙ୍ଗିଯାଇଛି। କାଳବୈଶାଖୀରେ ଗାଁର ବହୁ ପୁରୁଣା ଗଛ ଭାଙ୍ଗିପଡ଼ିଛି।

## ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଗୋଡିପୋଖରୀରେ ଅଷ୍ଟମ ଗ୍ରାମସଭା

କେନ୍ଦୁଝର/ପାଟଣା: ୨୨/୦୫(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚେମେଶା ଓ ଯମୁନାପଶି ପଞ୍ଚାୟତର ୧୨ଟି ଗ୍ରାମକୁ ନେଇ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପ ସମ୍ପର୍କରେ ଶୁକ୍ରବାର ଯମୁନାପଶି ପଞ୍ଚାୟତର ଗୋଡିପୋଖରୀ ଗ୍ରାମରେ ଅଷ୍ଟମ ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି।ଗ୍ରାମସଭାରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ଇଡକୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣଚନ୍ଦ୍ର କିଶୋର ପାତ୍ର, ବିଡିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱନୀ କୁମାର ନାଏକ ଓ ସରପଞ୍ଚ ଶଶୀଭୂଷଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।ସଭାରେ ପ୍ରକଳ୍ପ



ସମ୍ପର୍କିତ ପ୍ରସ୍ତାବ, ସ୍ଥାନୀୟ ଲୋକଙ୍କ ମତାମତ, ପୁନର୍ବାସ ବ୍ୟବସ୍ଥା, ନିଯୁକ୍ତି ସୁଯୋଗ ଓ ଅଞ୍ଚଳର ସାମଗ୍ରିକ ବିକାଶ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉପସ୍ଥିତ ଗ୍ରାମବାସୀମାନେ ଅଞ୍ଚଳରେ ଶିଳ୍ପ ସ୍ଥାପନ ହେଲେ ଯୁବପିଢ଼ୀଙ୍କ ପାଇଁ ରୋଜଗାର ସୃଷ୍ଟି ସହ ରାସ୍ତା, ପାଣି, ବିଦ୍ୟୁତ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ବିକାଶ ହେବ ବୋଲି ଆଶା କରିଥିଲେ। ଗ୍ରାମବାସୀମାନେ ପ୍ରକଳ୍ପକୁ ସମର୍ଥନ ଜଣାଇ ଅଞ୍ଚଳରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ହେଉ ବୋଲି ମତ ପ୍ରକାଶ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋଡିପୋଖରୀ ଗ୍ରାମର ପ୍ରାୟ ୧୪୬.୬୯୦ ଏକର ଜମି ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯିବାକୁ ପ୍ରସ୍ତାବ ରହିଛି।ପ୍ରଶାସନ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମସଭା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅଞ୍ଚଳରେ ଲୋକଙ୍କ ପ୍ରକଳ୍ପ ପ୍ରଭାବିତ ଏହା ଅଷ୍ଟମ ଗ୍ରାମସଭା ହୋଇଥିବାରୁ ସମର୍ଥନ ଓ ପ୍ରତିକ୍ରିୟା ଉପରେ ସମସ୍ତଙ୍କ ନଜର ରହିଛି।

## ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସରକାରୀ ସହାୟତା ସାତସପନ

କେନ୍ଦୁଝର:୨୨/୦୫(ଦିଲ୍ଲୀପ କୁମାର ସାହୁ )– କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଡିମ୍ବୋ ଗ୍ରାମ ପଞ୍ଚାୟତ ଡିମ୍ବୋ ଗ୍ରାମର ଉଜ୍ଜ୍ୱଳ ଭୋଳ ଜଣେ ଶାରିରୀକ ଭିନ୍ନକ୍ଷମ ହୋଇ ଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରତିମାସରେ ଭତ୍ତା ୩୫୦୦ ଟଙ୍କା ରାସନ କାର୍ଡରେ ୫ କିଲୋ ଚାଉଳକୁ ଛାଡି ଦେଲେ ଆବାସ ଗୃହ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉ କିମ୍ବା ଅନ୍ତୋଦୟ ଆବାସ ଯୋଜନାରେ ଗୃହ ଖଣ୍ଡିଏ ମିଳି ପାରିଲା ନାହିଁ ତାଙ୍କୁ । ଯାତାୟତ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ମିଳିଥିବା ବ୍ୟାଟେରୀ ଚଳିତ ରିକ୍ସା ମଧ୍ୟ ଅଚଳ ହେବା ଦ୍ୱାରା ଯାତାୟତ କରିବାରେ ଅକ୍ଷମ ହେଉଛନ୍ତି ସେ, ଯାହା ଦ୍ୱାରା ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଯଦି ତାଙ୍କୁ ଅନ୍ତୋଦୟ ଆବାସ ଯୋଜନାରେ ଗୃହ ଖଣ୍ଡିଏ ଯୋଗାଇ ଦିଆଯାଏ ତେବେ ଖରା ବର୍ଷାକୁ ଖାତିର ନକରି ସୁଖରେ ଚଳିପାରନ୍ତେ ବୋଲି



ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ଉଜ୍ଜ୍ୱଳ ଭୋଳ । ଏହି ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଜିଲ୍ଲା ପ୍ରଶାସନ ତତ୍ପର ହୋଇ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦେବା ପାଇଁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

## ପ୍ରେମିକା ପାଇଁ ଜୀବନ ହାରିଲେ ପ୍ରେମିକ

କେନ୍ଦୁଝର/ପାଟଣା:୨୨/୦୫(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲା ପାଟଣା ଥାନା ମିରିଗିଖୋଜି ପଞ୍ଚାୟତ ଅନ୍ତର୍ଗତ ଭାଲିଆଡାଳ ଗ୍ରାମର ଚକ୍ରଧର ସାହୁଙ୍କ ପୁଅ ଜିତେନ୍ଦ୍ର ସାହୁ (୧୮) ଶୁକ୍ରବାର ଦିନ ଘର ଫ୍ୟାନରେ ଫାଶି ଲଗାଇ ଆତ୍ମହତ୍ୟାର କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ ଜିତେନ୍ଦ୍ର ସାହୁ ଦୀର୍ଘ ଦିନ ହେବ ଜଣେ ଝିଅକୁ ପ୍ରେମ କରି ଆସୁଥିଲେ । ଗତକାଲି ରାତିରେ ଝିଅ ସହିତ କଥାବାର୍ତ୍ତା ହେବା ସମୟରେ ନେଇ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଯାହାଫଳରେ ଜିତେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଘର ଭିତରେ ଥିବା ଏକ ପଙ୍ଖାରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଖବରପାଇ ଘଟଣାସ୍ଥଳରେ ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ, ଏଏସଆଇ ଧନେଶ୍ୱର ପାତ୍ର ପହଞ୍ଚି ମୃତଦେହକୁ ଜବତ କରିବା ସହିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରଜ୍ଞା ନୃତ୍ୟାୟନର ଚତୁର୍ଥ ନବ ପ୍ରତିଭା ଉତ୍ସବ

ବୁଗୁଡ଼ା ୨୨/୦୫(ଅକ୍ଷର ଓଡ଼ିଶା) : ସ୍ଥାନୀୟ ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ବୁଗୁଡା ନୂଆଁ ବସଷ୍ଟାଣ୍ଡ ନିକଟସ୍ଥ ମୀନାବଜାର ପଡିଆରେ ଚତୁର୍ଥ ନବ-ପ୍ରତିଭା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞା ନୃତ୍ୟାୟନର ବୁଗୁଡା ଶାଖା ପରିଚାଳକ ପ୍ରଦୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବକୁ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଉଦଘାଟନ କରିଥିବା ବେଳେ ଏଥିରେ ଅତିଥି ଭାବେ ପ୍ରାକ୍ତନ ସାଂସଦ କୁମୁଦିନୀ ପଟ୍ଟନାୟକ, ଅଧିବକ୍ତା ହର ପ୍ରସାଦ ଦାଶ, ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଦଶା ତପସ୍ୱିନୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦାଶ, ପ୍ରମୁଖ ଯୋଗ ଦେଇ ନୃତ୍ୟ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ନୃତ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥି ସହ ଉଦଘୋଷକ ବଳରାମ ପ୍ରଧାନଙ୍କ ସଂଯୋଜନାରେ ପ୍ରଜ୍ଞା ନୃତ୍ୟାୟନର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ବେଳେ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ।

# ଆଧାର ସଂଶୋଧନ ପାଇଁ ହଇରାଣ

କୁଚିଣ୍ଡା :୨୨।୫ (ଚତୁର୍ଭୁଜ ଜୟପୁରିଆ ) ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ନେ ଲଗାତାର ଦୁଇ ଦିନଧରି ଚାଲିଥିଲା ନୂଆଁ ଆଧାର ପଞ୍ଜିକରଣ ସାଙ୍ଗେ ଆଧାର ସଂଶୋଧନ ଆଏଜ ଶେଷ ହେଇଛେ । ବୁଧୁବାର ଓ ଗୁରୁବାର ଆଧାର ସଂଶୋଧନ ଚାଲିଥିବା ବେଳେ ଅଢେଇ ସହ ରୁ ଅଧିକ ରେଜିଷ୍ଟେସନ ହୋଇଥିବା ବେଳେ ସର୍ବମୋଟ ୭୩ ଜଣଙ୍କ ହିଁ ଆଧାର ସଂଶୋଧନ ଏବଂ ନୂତନ ପଞ୍ଜିକରଣ ହୋଇପାରିଛି । ଏହାକୁ ନେଇ ଦୂର ଦୁରାନ୍ତ ରୁ ଆସିଥିବା ଅଧିକାଂଶ ଲୋକ ତାଙ୍କର ଆଧାର କାର୍ଡ଼ ହୋଇ ନ ପାରିବାରୁ ପ୍ରଶାସନ ଉପରେ କ୍ରୋଧ ଦେଖାଇ ଚାଲି ଯାଇଥିବା ଦେଖିବାକୁ ମିଳିଛି ସୂଚନା ମୁତାବକ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ରେ ଆଧାର ସଂଶୋଧନ ପାଇଁ ସମ୍ବଲପୁର ଡାକ ଅଫିସ କାର୍ଯ୍ୟାଳୟ ରୁ ଏକ କ୍ୟାମ୍ପ କରାଯାଇଥିଲା । ଏହାକୁ ଆଞ୍ଚଳିକ ପ୍ରଶାସନ ଡାକ ଅଫିସ ର କର୍ମକର୍ତ୍ତା ମଧ୍ୟ ହ୍ୱାଟସପ ମାଧ୍ୟମରେ ବ୍ଲକ ବ୍ଲକ ଟି ସାରା ସମସ୍ତ କାଗଜ ପତ୍ର ର ବିଜ୍ଞାପନ ଦେଇ ଥିଲେ କ୍ଷବିଜ୍ଞାପନ ରେ ଜାତି ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ବୋର୍ଡ ସାର୍ଟିଫିକେଟ, ଇ – ଭୋଟର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଜନ୍ମ ପ୍ରମାଣପତ୍ର ଭଳି ଅନେକ ଡକୁମେଣ୍ଟ ଦର୍ଶାଯାଇଥିଲା କିନ୍ତୁ ତାହା ସତ୍ତ୍ୱେ ଜନସାଧାରଣ ହଇରାଣ ହୋଇ ସେଠୁ ଦୁଃଖିତ ହୋଇ ଫେରିଯାଇଥିବା ଦେଖିବାକୁ ମିଳିଥିଲା କ୍ଷ ଜନସାଧାରଣ ଙ୍କ ଅଭିଯୋଗ ପ୍ରଥମେ ଆଞ୍ଚଳିକ ପ୍ରଶାସନ ଗ୍ରାମ ଗ୍ରାମ ର ଆଶା, ଏବଂ ଅଙ୍ଗନବାଡି ୱାର୍କର ଙ୍କୁ ଏହା ଜଣାଇବା ଦରକାର ଥିଲା ଯେ ଏହି ଭଳି ଭାବରେ ଡୋକମେଣ୍ଟ ଆଣିଲେ ହାମେ ହଇରାଣ ହୋଇ ଏଠୁ ଯାଇନାଥାନ୍ତୁ । ଆଗକୁ କଉଠି ଭି ଆଧାର କେମ୍ପ କରାଗଲେ ଯିବୁନି ବୋଲି ଅନେକ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ହୋଇଛି ।

## ଗରମ ଓ ଗୁଳୁଗୁଳି ସାଙ୍ଗକୁ ବଳି ଗଲାଣି ଘନଘନ ବିଦ୍ୟୁତ କାଟ

ହିଞ୍ଜିଳିକାଟୁ: ୨୨/୫(ଅବନି କାନ୍ତ ପଟ୍ଟନାୟକ) ହିଞ୍ଜିଳିକାଟୁ ସହରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ସାଙ୍ଗକୁ ଘନ ଘନ ବିଦ୍ୟୁତ କାଟ ଯୋଗୁଁ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସକାଳ ୮ ଟାରୁ ଖରା ଆରମ୍ଭ ହୋଇଯାଉଥିବା ବେଳେ ମଧ୍ୟାହ୍ନରେ ଖରର ପ୍ରକୋପ ବଢିବାରୁ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇଛି ।ବସଷ୍ଟାଣ୍ଡ ବିଜୁ ପଟ୍ଟନାୟକ ଛକ ସମେତେ ବିଭିନ୍ନ ଜନଗହଳପୂର୍ଣ୍ଣ ଇଲାକା ଶୂନଶାନ ପାଲଟୁଛି । ସେହି ପରି ଗୁଳୁଗୁଳି ଲୋକଙ୍କୁ କଲବଲ କରୁଥିବା ବେଳେ ଏଥିରେ ଲୋଭଲଟ୍ଟେଜ୍ ସମସ୍ୟା ବଳି ଯାଉଛି ।୭ ନମ୍ବର ୱାର୍ଡ ମୋହନକଲୋନୀ ଓ ରେଗିଡି ସାହିରେ ଖରାବେଳେ ଓ ରାତିରେ ବିଦ୍ୟୁତ କାଟ ଯୋଗୁଁ ଲୋକ ଗରମରେ ଆଉଟୁ ପାଉଟୁ ହେଉଛନ୍ତି ।ପୁରୁଣା ଅଳ୍ପକ୍ଷମତା ସଂପ୍ପନ ଟ୍ରାସଫାର୍ମରକୁ ବଦଳାଯାଉନି । ସେହି ପରି ଅନ୍ୟ କିଛି ସାହିରେ ବି ସମାନ ସମସ୍ୟା ଦେଖାଦେଇଛି ।ଉନ୍ନତ ମାନର ସେବା ପାଇବାକୁ ଲୋକେ ଠିକ୍ ସମୟରେ ବିଦ୍ୟୁତ ବିଲ୍ ପୈଠ କରୁଛନ୍ତି । କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହେଉ ନଥିବାରୁ ଅସନ୍ତୋଷ ଦେଖା ଦେଇଛି ।

## ଚଳଚଞ୍ଚଳ ରଥ ଖଳା | ରଥରେ ଲାଗେ ୭୦ରୁ ଊର୍ଦ୍ଧ୍ୱ ପ୍ରକାରର ଲୁହା କଣ୍ଟା

ପୁରୀ ୨୨/୦୫ (ଅକ୍ଷର ଓଡ଼ିଶା): ରଥ ନିର୍ମାଣରେ ୭୦ରୁ ଊର୍ଦ୍ଧ୍ୱ ପ୍ରକାରର କଣ୍ଟା ବ୍ୟବହାର କରାଯାଇଥାଏ । ଏହି ସବୁ କଣ୍ଟା ଲାଗି ପ୍ରାୟ ୪ ଟନ୍‌ରୁ ଊର୍ଦ୍ଧ୍ୱ ଲୁହା ବ୍ୟବହାର କରାଯାଇଥାଏ । ଆସନ୍ତା ଜୁଲାଇ ୧୬ରେ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ପ୍ରସ୍ତୁତ ହେଉଛି ଦିବ୍ୟରଥ । ରଥ ନିର୍ମାଣ କାର୍ଯ୍ୟରେ ବିଭିନ୍ନ ବର୍ଗର ସେବାୟତ ନିୟୋଜିତ ହୋଇଥିବାବେଳେ ଚଳଚଞ୍ଚଳ ହୋଇଛି ରଥ ଖଳା । ଏଥି ସହିତ ଚଳଚଞ୍ଚଳ ହୋଇଛି ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳା । ମୁଣ୍ଡ ଉପରେ ଅସହ୍ୟ ଖରାକୁ ଖାତିର ନକରି ଅହରହ ନିଆଁ ପାଖରେ ବସି କଣ୍ଟା ପ୍ରସ୍ତୁତିରେ ଲାଗି ପଡିଛନ୍ତି ଓଝା ମହାରଣା ସେବାୟତ । ଶ୍ରୀମନ୍ଦିର ନିକଟରେ ଥିବା ଦୋଳବେଦୀରେ ଅସ୍ଥାୟୀ କମାରଶାଳରେ ବିଭିନ୍ନ ପ୍ରକାର ଲୁହା ସାମଗ୍ରୀ ଓ କଣ୍ଟା ପ୍ରସ୍ତୁତ ହୋଇଥାଏ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୪୦ କ୍ୱିଣ୍ଟାଲ ଲୁହାର ବ୍ୟବହାର କରାଯାଏ । ଦୀର୍ଘ ଦୁଇ ମାସ ଧରି ସମ୍ପୂର୍ଣ୍ଣ ନିରାମିଷ ଭକ୍ଷଣ ପୂର୍ବକ ସମସ୍ତ ନୀତି ପାଳନ କରି ଓଝା ସେବକମାନେ ୭୦ ରୁ ଊର୍ଦ୍ଧ୍ୱ ପ୍ରକାର ଲୁହା କଣ୍ଟା ପ୍ରସ୍ତୁତି କରିଥାନ୍ତି । ସବୁ କଣ୍ଟାର ନାମ ଅଲଗା ଅଲଗା ରଖାଯାଇଛି । ସର୍ବନିମ୍ନ ୩ ଇଞ୍ଚରୁ ୪ ଫୁଟ ପର୍ଯ୍ୟନ୍ତ ଲମ୍ବର କଣ୍ଟା ପ୍ରସ୍ତୁତ ହୋଇଥାଏ । ଅକ୍ଷୟ ତୃତୀୟା ଠାରୁ ନବ ଯୌବନ ପର୍ଯ୍ୟନ୍ତ ରଥଖଳାରେ ଓଝା ମହାରଣାମାନେ କାର୍ଯ୍ୟ କରିଥାନ୍ତି । ରଥର ମରାମତି ପାଇଁ ମଧ ଲୁହା ସାମଗ୍ରୀ ସେମାନେ ଯୋଗାଇଦେଇଥାନ୍ତି ।ରଥ ନିର୍ମାଣ ପାଇଁ ବ୍ୟବହୃତ ସବୁଠୁ ଛୋଟ କଣ୍ଟାର ନାମ ଗୋଡିସାଲ । ଏହାର ଲମ୍ବ ୩ ଇଞ୍ଚ । ଏହା ପୋଟୋଳ ନିର୍ମାଣ କାର୍ଯ୍ୟରେ ଲାଗିଥାଏ । ସବୁଠାରୁ ବଡ କଣ୍ଟାର ନାମ ହେଉଛି ଜଙ୍ଗା । ଜଙ୍ଗା କଣ୍ଟାର ଲମ୍ବ ୪ଫୁଟ । ତିନିରଥ ପାଇଁ ଏକ ହଜାରରୁ ଅଧିକ ଅର କଣ୍ଟା, ତୁମ୍ବରେ ଲାଗୁଥିବା ୮୪ଟି ପନ୍ଦାରି, ୧୬୮ଟି ପନ୍ଦାରି ଚାବି, ୮୪ ଟି ତୁମ୍ବବାହାରର ବଳା, ୫୦୦ ରୁ ଊର୍ଦ୍ଧ୍ୱ ଘଡ଼ିମୁହଁ ବିଡିଆ, ୧୨ ଟି ଗରଗରା, ୧୨୦ଟି ଗୟଳ କଣ୍ଟା ଓ ଛନ୍ଦା ଗୟଳ, ଯୋଖା, ୧୫୦ରୁ ଊର୍ଦ୍ଧ୍ୱ କଇଁଚି, ୭ ଟି ଓରାକଣ୍ଟା, ୧୫ ଟି ଛାର ପରିଛା, ୨୦ଟି କତରା, ୪୪୦ ଟି ତାଗ, ୫୦ରୁ ଅଧିକ ବାହୁଟ ଫାଳିଆ, ୬ଟି ସିଂହାସନ ରାୟ, ୬ ଟି ଜଗତଭୂଷଣ ସେଣି, ୩୦ ଟି ସିଂହାସନ ଗୁଣ୍ଠୀ, ୬୦ ଶିଖଡମ୍ବରୁ କଣ୍ଟା, ୫୦ଟି ଅନ୍ଧାରୀ ତାଗ ଓ ଧ୍ୱଜବତା କଣ୍ଟା ଓଝା ସେବକମାନେ ପ୍ରସ୍ତୁତ କରିଥାନ୍ତି । ତିନି ରଥ ପାଇଁ ପ୍ରାୟ ୪ ଟନ୍ ଅର୍ଥାତ୍ ୪୦ କ୍ୱିଣ୍ଟାଲ ଲୁହା କଣ୍ଟା ଦରକାର ହୋଇଥାଏ । ପ୍ରାୟ ଦୀର୍ଘ ୫୨ ଦିନ ଧରି ଅସ୍ଥାୟୀ କମାରଶାଳରେ ବିଭିନ୍ନ ଲୁହା କଣ୍ଟା ପ୍ରସ୍ତୁତ କରାଯାଇଥାଏ ।ଚଳିତ ବର୍ଷ ପ୍ରାୟ ୨୦ ଜଣ ଓଝା ସେବକ ରଥ ପାଇଁ ବ୍ୟବହୃତ କଣ୍ଟା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଏହା ସେମାନଙ୍କ ପାରିବାରିକ ସେବା । ପିଢ଼ି ପରେ ପିଢ଼ି ସେମାନଙ୍କ ପରିବାର ଏହି ସେବା କରିଆସୁଛନ୍ତି । ପ୍ରତିବର୍ଷ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଶ୍ରୀଗୁଣ୍ଡିଚା ଯାତ୍ରା ପର୍ଯ୍ୟନ୍ତ ଦୁଇ ମାସ ଧରି ସେମାନେ ନିଜର ବୃତ୍ତିକୁ କିଛି ସମୟ ବନ୍ଦ କରି ମହାପ୍ରଭୁଙ୍କ ସେବାରେ ନିୟୋଜିତ ନହୋଇଥାନ୍ତି । ରଥରେ କିଛି ଅଂଶ ଯଦି ଭାଙ୍ଗିଯାଏ ତାହାର ମରାମତି ପାଇଁ ଆବଶ୍ୟକ କଣ୍ଟା ମଧ ଓଝା ସେବକମାନେ ପ୍ରସ୍ତୁତ କରିଥାନ୍ତି । କତରା କଣ୍ଟା ଗୁଡିକୁ ରଥର ସମ୍ମୁଖ ଭାଗରେ ବ୍ୟବହାର କରାଯାଇଥାଏ । ଧମକ କଣ୍ଟା ତିନି ରଥର ସିଂହାସନରେ ବାଡ଼ିଆ ହୋଇଥାଏ ।



୪୪୦ଟି ତାଗକଣ୍ଟା ପିଣ୍ଡିତଳ ଓ ଗଣ୍ଡି ଉପରେ ପଟା ବାଡ଼ିଆରେ ବ୍ୟବହୃତ ହୁଏ । ଅରକଣ୍ଟା ଅର ଦେହରେ ବାଡ଼ିଆ ହୋଇଥାଏ । ପନ୍ଦାରି କଣ୍ଟା ଗୁଡ଼ିକ ତୁମ୍ବର ଭିତର ପାର୍ଶ୍ୱରେ ଲଗାଯାଏ । ପନ୍ଦାରି ଚାବି ଅଖର ବାହାରପଟୁ ସେଗୁଡ଼ିକୁ ଜାବୁଡ଼ି ଧରିଥାଏ । ଗରଗରା ତିନି ରଥର ଦଣ୍ଡା ଉପରେ ବାଡ଼ିଆ ମହୋଇଥାଏ । ରଥର ପିଣ୍ଡି ନିର୍ମାଣରେ ଗୟଳ କଣ୍ଟା ଓ ଛନ୍ଦା ଗୟଳ କଣ୍ଟା ବ୍ୟବହୃତ ହୋଇଥାଏ ।ବାନ୍ଧେଣି ପାଇଁ ଯୋଖା କଣ୍ଟା ଓ ଚାରି ନାହାକାକୁ ବାନ୍ଧି ରଖିବା ପାଇଁ ୧୫୦ରୁ ଅଧିକ କଇଁଚ କଣ୍ଟା ବ୍ୟବହୃତ ହୋଇଥାଏ । ଭୂଇଁ ଓ ଓରା କଣ୍ଟା ଗୁଡ଼ିକ ଚାରି ନାହାକ ଉପରେ ଭୂଇଁରେ ବାଡ଼ିଆ ହୋଇଥାଏ । ଚାରମାଳ ବନ୍ଧା ପାଇଁ ଚାର ପରିଛା କଣ୍ଟା ବ୍ୟବହୃତ ହୋଇଥାଏ । ତିନି ରଥର ପାର୍ଶ୍ୱ ଦେବତାଙ୍କୁ ଧରି ରଖିବା ପାଇଁ ୬୦ଟି ଶିଖ ଡମ୍ବରୁ କଣ୍ଟା ଆବଶ୍ୟକ ହୋଇଥା ବୋଲି ଜଣେ ବରିଷ୍ଠ ଓଝା ସେବକ କହିଛନ୍ତି ।

## ଅବକାରୀ ଚଢଉ ୨୬୯୫ ଲିଟର ମଦ ଜବତ



ଆଠଗଡ,୨୨/୫(ଅକ୍ଷର ଓଡ଼ିଶା )କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ ଅବକାରୀ ନିରୀକ୍ଷକ ଶ୍ରୀ ରବିନାରାୟଣ ପଧାନ, ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ୍ ଅବକାରୀ ନିରୀକ୍ଷକ ଶ୍ରୀ ବି. ବି.ବର୍ମା ଏବଂ ଆଠଗଡ଼ ଥାନା ଅଧିକାରିଣୀ ମିସ୍ ସୁମତି ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ବିଭାଗ,ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ୍, କଟକ ଏବଂ ଆଠଗଡ଼ ଥାନା ସହିତ ଏକ ମିଳିତ ଚଡାଉ କରାଯାଇ ଥିଲା । ଉକ୍ତ ଚଢ଼ାଇ ସର୍ବମୋଟ ୨୬୯୫ ଲିଟର ଦେଶୀ ମଦ ସହ ୨୧୪୯୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୬ ଗୋଟି ମାମଲା ରୁଜୁ କରାଯାଇଛି ।

## ଯଶୋଦା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ



ସୁବର୍ଣ୍ଣପୁର: ୨୨।୫(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନ ୧୦ଟାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଯଶୋଦା ଯୋଜନା ହିତାଧିକାରୀଙ୍କ ପରାମର୍ଶ ଶିବିର ଓ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ ନୃପରାଜ ସାହୁ ଅଧକ୍ଷତା କରି କହିଥିଲେ ଯେ, କୌଣସି ଶିଶୁ କିମ୍ବା ଯୁବକ-ଯୁବତୀ ଯେପରି ଶିକ୍ଷା ର ଅଭାବ ଯୋଗୁ ଶୋଷଣର ଶିକାର ନ ହୁଅନ୍ତି, ସେଥିପାଇଁ ସମସ୍ତଙ୍କୁ ସଚେତନ ହେବା ସହିତ ସମାନଙ୍କୁ ଶିକ୍ଷିତ କରିବା ଓ ସ୍ୱାବଲମ୍ବୀ କରିବା ଆବଶ୍ୟକ ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଳଭ ସରଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ସୁବର୍ଣ୍ଣପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରୀତି ସୁନା, କିଶୋର ନ୍ୟାୟ ବୋଡ ସଦସ୍ୟା ରଂଜିତା ସାହୁ ଉପସ୍ଥିତ ଥିଲେ । ଅତିଥିମାନେ ଛାତ୍ରଛାତ୍ରୀ, ଅଭିଭାବକ ଓ ହିତାଧିକାରୀମାନଙ୍କ ସହ ଆଲୋଚନା କରି ଯଶୋଦା ଯୋଜନାର ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ଏବଂ ସରକାରୀ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ସମସ୍ତଙ୍କୁ ଦୃତ ଭାବେ କାମ କରିବାକୁ ଆହ୍ୱାନ ଜଣାଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଯଶୋଦା ହିତାଧିକାରୀ ଯୋଗ ଦେଇ ସହାୟତା ରାଶି ଗ୍ରହଣ କରିଥିଲେ ।

## ହିଞ୍ଜିଳିକାଟୁରେ ରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ



ହିଞ୍ଜିଳିକାଟୁ;- ୨୨/୫(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ପୋରାଞ୍ଚଳ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ୨୦ ତାରିଖ ବୁଧବାର ଠାରୁ ତା ୨୮ତାରିଖ ଗୁରୁବାର ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ଭଗବତ କଥା ବିତରଣ ପରିଷଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ପ୍ରବଚନ ପାଇଁ ପ୍ରବଚକ କଟକ ଜିଲ୍ଲା ଆଠଗଡର ଶ୍ରୀ ମାନସ ରଞ୍ଜନ ପଣ୍ଡା ଭକ୍ତିପୂର୍ଣ୍ଣ ଭାବେ ଭକ୍ତ ଓ ଅଞ୍ଚଳବାସୀର ଜନସାଧାରଣଙ୍କୁ ଭାଗବତ ଗୀତା ଉପରେ ବାର୍ତ୍ତା ରଖୁଛନ୍ତି । ଏହି ପ୍ରବଚନ କାର୍ଯ୍ୟକ୍ରମ ପ୍ରତେକ ଦିନ ସନ୍ଧ୍ୟା ୭.୦୦ ଘଣ୍ଟ ଠାରୁ ରାତ୍ର ଘ.୧୦.୦୦ ମି ପର୍ଯ୍ୟନ୍ତ ହେବ । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଷଦର ଭଗବତ କଥା ବିତରଣ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦେବାନନ୍ଦ ମହାପାତ୍ର ଏବଂ ସମ୍ପାଦକ ତରୁଣ କୁମାର ପଣ୍ଡା ,(ମିଟୁ)ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ,ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପଣ୍ଡା,ଗୌରହରି ପୃଷ୍ଟି, ପ୍ରମୁଖ ସହଯୋଗ କରୁଛନ୍ତି ।ଏହି କାର୍ଯ୍ୟକ୍ରମରେ କର୍ତ୍ତାରୂପେ ବିଜୟ କୁମାର ପାଣିଗ୍ରାହୀ କାର୍ଯ୍ୟ ତୁଲାଉଛନ୍ତି ।ବହୁ କମିଟି ବୃନ୍ଦ ପ୍ରମୁଖ ପରିଚାଳନା କରୁଥିବା ବ୍ଲେ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ହିଞ୍ଜିଳିକାଟୁ ଅଞ୍ଚଳ ବାସୀ ଭୁୟସୀ ପ୍ରଶଂସା କରୁଛନ୍ତି ।

## ସମନ୍ତରାଳ ଶୀତଳ ଷଷ୍ଠି ସମିତି ଗଠିତ
## ରାଜନୈତିକ ଆଖଡ଼ାରୁ ବିରତ ରହିବାକୁ ଚେତାବନୀ

ସମ୍ବଲପୁର - ୨୨. ୫ ( ଦେବେନ୍ଦ୍ର ମିଶ୍ର ) ସମ୍ବଲପୁର ଲୋକସଂସ୍କୃତି, ପରମ୍ପରା, ଐତିହ୍ୟ ର ବାର୍ତ୍ତାବାହକ ଶୀତଳ ଷଷ୍ଠି ଯାତ୍ରା ର ବିଶ୍ୱଦରବାର ରେ ସ୍ୱତନ୍ତ୍ର ସ୍ଥାନରହିଛି । ବହୁ ବର୍ଷ ଧରି ସହରର ପ୍ରମୁଖ ତିନୋଟି ଶୈବ ପୀଠ ରେ ତିନୋଟି ଯାତ୍ରା କମିଟି କୁ ନେଇ ଏକ ସମନ୍ୱୟ ସମିତି ଗଠନ କରି ମହା ଆଡମ୍ବର ରେ ପାଳିତ ହେଇ ଆସୁଅଛି ।ଅଂଚଳ ର ଅନେକ ଶୈବ ପୀଠ ମାନଙ୍କରେ ମଧ ଉତ୍ସାହ ର ସହ ଯାତ୍ରା ଅନୁଷ୍ଠିତ ହେଉଥିଲା । ଚଳିତ ବର୍ଷ ମଧ ମୁଖ୍ୟ ଯାତ୍ରା ରେ ସମ୍ପୃକ୍ତ ନନ୍ଦପଡା, ଝାଡୁପଡା ଏବଂ ମୋଡ଼ିପଡ଼ା ଯାତ୍ରା କମିଟି କୁ ନେଇ ଏକ ସମନ୍ୱୟ ସମିତି ଗଠନ ହେଇଥିବା ବେଳେ ଅନ୍ୟ ପଟେ ଅଂଚଳ ର ଅନ୍ୟ ଶୈବ ପୀଠ ମାନଙ୍କରେ ଅନୁରୂପ ଯାତ୍ରା ଆୟୋଜନ କୁ ନେଇ 'ସମ୍ବଲପୁର ମହାନଗର ଶୀତଳ ଷଷ୍ଠି ସମିତି' ନାମରେ ନୂଆଁ କମିଟି ଗଠନ କରାଯାଇଥିବାର ଜଣାଯାଇଛି । ନୂତନ ଗଠିତ ସମିତି ବିଭିନ୍ନ ପଡ଼ା ମାନଙ୍କ ର ପ୍ରାୟ ୧୦ ଟି ଶୀତଳ ଷଷ୍ଠି କମିଟି ସହ ସାମିଲ ହୋଇ ସୁଚାରୁରୂପେ ସଂଗଠିତ ଭାବରେ ଆୟୋଜନ କରିବ ବୋଲି ନୂଆଁ ସମିତି ର ସଭାପତି ଗିରିଶ ପଟେଲ ପ୍ରକାଶ କରିଛନ୍ତି ।ଏହି ନୂଆଁ ସମିତି ରେ କାର୍ଯ୍ୟକାରୀ ସଭାପତି ଭାବେ ଶତ୍ରୁଘନ ଲାଲ ସାହା, ଉପସଭାପତି ଭାବେ ସଚିକାନ୍ତ ମିଶ୍ର ଏବଂ ବିଭୁତି ଦାଶ ରହିଥିବାବେଳେ ସାଧାରଣ ସମ୍ପାଦକ ଭାବରେ ବୁଲୁ ବିଶ୍ୱାଳ ଏବଂ କୋଷାଧ୍ୟକ୍ଷ୍ୟ ନୀଳମ୍ବର ସିକନ୍ଦର ରହିଛନ୍ତି ।ଏମିତି ସମନ୍ତରାଳ ସମିତି ଗଠନ କୁ ନେଇ ଶୀତଳ ଷଷ୍ଠି ଯାତ୍ରା ମିଳିତ ସମନ୍ୱୟ ସମିତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ।ଶୀତଳ ଷଷ୍ଠି ଯାତ୍ରା କୁ ରାଜନୈତିକ ଆଖଡ଼ା ରେ ପରିଣତ କରାନଯାଉ,ଶୀତଳ ଷଷ୍ଠି ର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାର ହୀନ ଉଦ୍ୟମ ରୁ ବିରତ ରହି ଯାତ୍ରା ର ଐତିହ୍ୟ ଏବଂ ଏକତା ପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ଶୀତଳ ଷଷ୍ଠି ଯାତ୍ରା ସମନ୍ୱୟ ସମିତି ବୈଠକ ରୁ ଚେତାବନୀ ଦିଆହେଇଛି ।

## ରାଇଘର କଲେଜ୍‌ରେ କଳାରେ ୮୪% ଓ ବାଣିଜ୍ୟ ରେ ୮୮.୨୩%

ରାଇଘର, ୨୨/୫ / (ଅକ୍ଷର ଓଡ଼ିଶା )ଓଡ଼ିଶା ଉଚ୍ଚ ମାଧ୍ୟମିକ ଦ୍ୱାରା ପରିଚାଳିତ ଯୁକ୍ତ ୨ , କଳା ଓ ବାଣିଜ୍ୟ ପରୀକ୍ଷାରେ ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଭୁତପୂର୍ବ ସଫଳତା ମିଳିଛି । ପଞ୍ଚାୟତ ସମିତି ବିଦ୍ୟାଳୟରେ ଚଳିତ ବର୍ଷ କଳାରେ ମୋଟ ୨୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୩୯ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୪୫ ଜଣ ଫେଲ ହୋଇଛନ୍ତି । ସେଥିମଧ୍ୟରୁ ପ୍ରଥମ ସ୍ଥାନରେ, ୧୫ ଜଣ ଦ୍ୱିତୀୟ ସ୍ଥାନ ରେ ୪୨ ଜଣ ଓ ୧୮୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । କଳାରେ ଯାଶଶ୍ୱି ରାଜପୁତ ୪୮୩ ସର୍ବାଧିକ ମାର୍କ ରଖିଛନ୍ତି । ସେହିପରି ବାଣିଜ୍ୟରେ ୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୦ ଜଣ, ଉତ୍ତୀର୍ଣ୍ଣ ହୋଇଛନ୍ତି ୫ ଜଣ ଫେଲ ହୋଇଛନ୍ତି । ବାଣିଜ୍ୟରେ ୫ ଜଣ ପ୍ରଥମ ସ୍ଥାନରେ ଦ୍ୱିତୀୟ ସ୍ଥାନରେ ୪ ଜଣ ଓ ତୃତୀୟ ସ୍ଥାନ ରେ ୨୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ଷ୍ଟିଲ ସିଟି ପ୍ରେସ କ୍ଲବ ତରଫରୁ ଦାନଗଦି ବଜାରରେ ଜଳଛତ୍ର ଉଦ୍‌ଘାଟିତ

ଯାଜପୁର ୨୨/୦୫ (ଅକ୍ଷର ଓଡ଼ିଶା) କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଷ୍ଟିଲ ସିଟି ପ୍ରେସ କ୍ଲବ କିଛି ନିଆରା କାର୍ଯ୍ୟକ୍ରମ ହାତକୁ ନେଇଛି । ଶୁକ୍ରବାର ଦିନ ସଖାଳ ସମୟରେ ଷ୍ଟିଲ ସିଟି ପ୍ରେସ କ୍ଲବ ପକ୍ଷରୁ ଦାନଗଦି ବ୍ଲକ ତ୍ରିଜଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନଗଦି ବଜାରଠାରେ ଜଳଛତ୍ର ଉଦଘାଟିତ ହୋଇଛି । ଉକ୍ତ ଜଳଛତ୍ରକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାନଗଦି ବ୍ଲକର ବିଡିଓ ପ୍ରଦୀପ କୁମାର ସେଠୀ ଫିତା କାଟି ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ବାବୁଲି ନାଟିଆ ଯୋଗଦେଇଥିଲେ । କ୍ଲବ ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରିୟ ଦେଇ ସ୍ୱାଗତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଡିଓ ଶ୍ରୀଯୁକ୍ତ ସେଠୀ ନିଜ ହସ୍ତରେ ଜନସାଧାରଣଙ୍କୁ ଦହି ସରବତ ଓ ପାନୀୟ ଜଳ ବଣ୍ଟନ କରିବା ସହ ଏପରି ନିଆରା କାର୍ଯ୍ୟକୁ ଷ୍ଟିଲ ସିଟି ପ୍ରେସ କ୍ଲବ ସଦସ୍ୟଙ୍କୁ ପ୍ରଶଂସା କରିବା ସହ ଆଗକୁ ଏଭଳି ସେବା କାର୍ଯ୍ୟ ଜାରି ରଖିବାକୁ କହିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଷ୍ଟିଲ ସିଟି ପ୍ରେସ କ୍ଲବର ସଦସ୍ୟ ଶ୍ରୀକାନ୍ତ ମହାପାତ୍ର, ଅବିନାଶ ମିଶ୍ର, ତୁଷାର ସାହୁ, ପଦ୍ମନାଭ ପହି, ବିଜୟ ରଶ୍ମି ତ୍ରିପାଠୀ, ମୃତ୍ୟୁଞ୍ଜୟ ଦେଓ, ରାକେଶ ଘଡେଇ ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଜଳଛତ୍ରରେ ବହୁ ଜନସାଧାରଣ ଦହି ସରବତ ଓ ପାନୀୟ ଜଳ ପିଇ ଶୋଷ ମେଣ୍ଟାଇଥିଲେ ।



## ଭଦ୍ରକରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

ଭଦ୍ରକ ୨୨/୦୫ (ଅକ୍ଷର ଓଡିଶା )ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା ସମ୍ପୃକ୍ତ ବିଭାଗଗୁଡ଼ିକୁ ସତର୍କ ଓ ପ୍ରସ୍ତୁତ ରହିବା ସହ ତଳିଆ ଅଞ୍ଚଳର ଲୋକଙ୍କ ସୁରକ୍ଷା, ଆଶ୍ରୟସ୍ଥଳୀ ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ ଓ ଆବଶ୍ୟକ ସେବା ଯୋଗାଣ ନିର୍ବିଘ୍ନ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟାଜଳ ନିଷ୍କାସନ, ନଦୀବନ୍ଧ ସୁରକ୍ଷା, ଜରୁରୀକାଳୀନ ଉଦ୍ଧାର ସାମଗ୍ରୀ ମହଜୁଦ ଓ କଣ୍ଟ୍ରୋଲ ରୁମକୁ ସକ୍ରିୟ ରଖିବା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା ।ଚାନ୍ଦବାଲି ବ୍ଲକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ସାମନା କରିବା ସହ ବର୍ଷା ଋତୁ ପୂର୍ବରୁ ବକେୟା ରହିଥିବା ସମସ୍ତ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଶ୍ରୀ ଟୁଟୁ ବଳ ଚାନ୍ଦବାଲି ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ସିଡିଭିଓଙ୍କୁ ଗୃହପାଳିତ ପଶୁମାନଙ୍କ ପାଇଁ ପ୍ରର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଁରଡବ୍ଲ୍ୟୁଏସ୍‌ଏସ୍ ବିଭାଗକୁ ବ୍ଲିଚିଂ ପାଉଡର, ସିନ୍‌ଟେକ୍ସ ଟ୍ୟାଙ୍କ ଓ ଡିଜି ସେଟ୍ ପ୍ରସ୍ତୁତ ରଖିବାକୁ କୁହାଯାଇଥିଲା । ଟିପିଏନଓଡିଏଲ୍, ଡ୍ରେନେଜ୍ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗକୁ ବିପର୍ଯ୍ୟୟ ସମୟରେ ବିଦ୍ୟାଳୟଗୁଡ଼ିକୁ ୨୪ ଘଣ୍ଟା ଖୋଲା ରଖିବା ସହ ସମସ୍ତ ପ୍ରସ୍ତୁତି ପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପଟା ଜମି ଦଖଲ ଅଭିଯୋଗ
## ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ନବରଙ୍ଗପୁର, ୨୨/୦୫(ଅକ୍ଷର ଓଡ଼ିଶା)ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ କୁଆଲବେଡା ଗାଁର ପ୍ରାୟ ୧୫ ଜଣ ଗ୍ରାମବାସୀ ଆଜି ନିଜ ପଟା ଜମି ଫେରାଇ ଦେବା ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାର ସେମାନଙ୍କୁ ଭୁଦାନ ଯୋଜନାରେ ୫ ଏକର ଚାଷ ଜମି ପଟା ଆକାରରେ ପ୍ରଦାନ କରିଥିଲେ । କିନ୍ତୁ ସେମାନେ ଉକ୍ତ ଜମିରେ ଚାଷ କାମ କରିବାକୁ ଯାଇଥିବାବେଳେ ଗାଁର କିଛି ପ୍ରଭାବଶାଳୀ ବ୍ୟକ୍ତି ଜମିକୁ ନିଜ କବଜାରେ ରଖିଥିବାରୁ ସେମାନେ ନିଜ ଜମିରେ ଚାଷ କରିପାରୁନାହାଁନ୍ତି ।ନିଜ ନାମରେ ପଟା ଥିଲେ ମଧ ଜମିର ଅଧିକାର ପାଇନଥିବାରୁ ଗ୍ରାମବାସୀମାନେ ଆଜି ନବରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ ମିଶ୍ରଙ୍କୁ ସାକ୍ଷାତ କରି ନିଜ ସମସ୍ୟା ଜଣାଇଥିଲେ ।ଉପଜିଲ୍ଲାପାଳ ଶ୍ରୀ ମିଶ୍ର ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସ୍ଥାନୀୟ ତହସିଲଦାର ଓ ପୋଲିସ ପ୍ରଶାସନ ସହ ଆଲୋଚନା କରି ଯଥାଶୀଘ୍ର ଅଭିଯୋଗକାରୀମାନେ କିପରି ନିଜ ଜମି ଫେରି ପାଇବେ, ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଗ୍ରାମବାସୀମାନେ ନିଜ ଗାଁକୁ ଫେରିଯାଇଥିଲେ ।

## ଅଲ ଓଡିଶା ମେକାନିକାଲ ମହାସଂଘର ନବମ ପର୍ଯ୍ୟାୟ ରକ୍ତଦାନ ଶିବିର



କଟକ, ୨୨/୦୫(ଅକ୍ଷର ଓଡ଼ିଶା): ରକ୍ତଦାନ ମହତ ଦାନ, ଏହି ଉକ୍ତିର ମହତ୍ୱ ଉପଲବ୍ଧି କରି,ଅଲ ଓଡିଶା ମେକାନିକଲ ମହାସଂଘ ପକ୍ଷରୁ, ଓଡିଶାର ବିଭିନ୍ନ ଜ଼ିଲ୍ଲାରେ ଥିବା ସଂଘର ଜ଼ିଲ୍ଲା ଶାଖା ସୌଜନ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରମାନ ଆୟୋଜିତ ହେବା କାର୍ଯ୍ୟକ୍ରମ ଚାଲୁରହିଛି । ଏହି ପରିପେକ୍ଷୀରେ, ମହାସଂଘର ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅରକ୍ଷିତ ରାଉଳଙ୍କ ନେତୃତ୍ୱରେ,ଅନୁଗୁଳ ଜ଼ିଲ୍ଲା ମେକାନିକ ସଂଘର ସଭାପତି ଶ୍ରୀଯୁକ୍ତ କବୀ ପ୍ରଧାନଙ୍କ ଆୟୋଜନ କ୍ରମେ , ମିଶ୍ରପଡା ଛକ ସ୍ଥିତ ଦେବୀ କନଭେନସନ ଠାରେ, ଅଲ ଓଡିଶା ମେକାନିକଲ ମହାସଂଘର ନବମ ପର୍ଯ୍ୟାୟ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହାୟତାରେ,ଏହି ଶିବିରରେ ୮୭ ୟୁନିଟ ରକ୍ତ ସଂଗ୍ରହ କରାଯିବା ସହିତ, ମୁଖ୍ୟ ଚିକିତ୍ସାଳୟ ତରଫରୁ, ଅନୁଗୁଳ ଜ଼ିଲ୍ଲା ମେକାନିକ ସଂଘକୁ ଏକ ମାନପତ୍ର ସହିତ ୧୫ ଗୋଟି ଟୋକନ ପ୍ରଦାନ କରାଯାଇଥିଲା । ଉକ୍ତ ଶିବିରରେ, ମାନ୍ୟବର ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବାବେଳେ, ସମ୍ମାନିତ ଅତିଥି ଭାବରେ, ଅନୁଗୁଳ ମ୍ୟୁନିସିପାଲିଟି ଚେୟାରମ୍ୟାନ ଅକ୍ଷୟ କୁମାର ସାମନ୍ତ, ଅଲ ଓଡିଶା ଟ୍ରକ ମାଲିକ ମହାସଂଘର ସମ୍ପାଦିକା ପରୱାନା ପରବିନ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରର ଶୁଭାରମ୍ଭ କରିବାସହ ନିଜେ ମଧ ରକ୍ତଦାନ କରିଥିଲେ । ସମ୍ପାଦିକା ପରୱାନା ପରବିନ ରକ୍ତଦାତା ମାନଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ଶାଢ଼ୀ ଓ ଅନ୍ୟ ଉପହାର ପ୍ରଦାନ କରିଥିଲେ । ଏହି ଶିବିର ଅବସରରେ, ମହାସଂଘର ସାଧାରଣ ସମ୍ପାଦକ ଆଲାମ ଖାନ, ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜହର ଅଲ୍ଲୀ ଖାନ, ସହସମ୍ପାଦକ ଶେଖ ସରିଫ, ମହାସଂଘ ରାଜ୍ୟ କମିଟିର ସଦସ୍ୟ ମାନଙ୍କ ସମେତ, ୩୦ଟି ଜିଲ୍ଲା ସଂଘର ଆଗଧାଡିର କର୍ମକର୍ତ୍ତାମାନେ ଉପସ୍ଥିତ ରହି, ଶିବିର ତଥା ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

## ମୃତ ପ୍ରମାଣପତ୍ର କରାଇବାକୁ ଲାଂଚ ନେଇ ବନ୍ଧାହେଲେ ସ୍ୱାସ୍ଥ୍ୟକର୍ମୀ

ଖୋର୍ଦ୍ଧା, ୨୨/୦୫(ଅକ୍ଷର ଓଡ଼ିଶା): ହାଲଦିଆ ସିଏଚ୍‌ସି ର ପୁରୁଷ ସ୍ୱାସ୍ଥ୍ୟକର୍ମୀ (ଏମଏଚଡବ୍ଲୁ) ବିଭୂତି ଭୂଷଣ ସାହୁଙ୍କୁ ଭିଜିଲାନ୍ସ ଟିମ୍ ଲାଂଚନେବା ଅଭିଯୋଗରେ ଗିରଫ କରିଛି । ଅଭିଯୋଗକାରୀଙ୍କ ବାପା ଓ ମାଆଙ୍କ ମୃତ ପ୍ରମାଣ ପତ୍ର ଫାଇଲ ପ୍ରକ୍ରିୟାକରଣ ବାବଦରେ ସେ ତାଙ୍କ ଠାରୁ ଦାବି ମୁତାବକ ୧,୦୦୦ ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି । ସୂଚନାନୁସାରେ, ଅଭିଯୋଗକାରୀ ଜଣକ ତାଙ୍କ ମୃତ ପିତାମାତାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଉପଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିକଟରେ ଆବେଦନ କରିଥିଲେ । ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ରେଜିଷ୍ଟ୍ରାର୍ (ଜନ୍ମ-ମୃତ୍ୟୁ) ଓ ଚିକିତ୍ସା ଅଧିକାରୀ, ହଳଦିଆ ସିଏଚ୍‌ସିଙ୍କୁ ମୃତ୍ୟୁ ପ୍ରମାଣପତ୍ର କରିବାକୁ କହିଥିଲେ । କିନ୍ତୁ ଅଭିଯୁକ୍ତ ବିଭୁତି ସାହୁ ଏଥିପାଇଁ ୧,୦୦୦ ଟଙ୍କା ଲାଂଚ ଦାବି କରିବା ସହ ଟଙ୍କା ନଦେବା ଯାଏଁ ଫାଇଲ୍ ଆଗେଇବାକୁ ମନା କରିଦେଇଥିଲେ । ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହୋଇ ଜଣାଇଥିଲେ ।

ଶନିବାର ୨୩।୦୫।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ବେଙ୍ଗାଲୁରୁ ଆଗରେ ୨୫୬ ରନ୍‌ର ବିଜୟ ଲକ୍ଷ୍ୟ



ହାଇଦ୍ରାବାଦ, ୨୨/୫- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୭ତମ ମୁକାବିଲାରେ ସନରାଇଜର୍ସ ହାଇଦ୍ରାବାଦକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଭେଟିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାର ଦିନ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ପେଟ କମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୫୫ ରନ୍ ସଂଗ୍ରହ କରିଛି। ଏହି ମ୍ୟାଚ୍ ଜିତିବା ପାଇଁ ବେଙ୍ଗାଲୁରୁକୁ ୨୫୬ ରନ୍‌ର ଲକ୍ଷ୍ୟ ମିଳିଛି। ଘରୋଇ ଦଳ ସଫଳ ରଣନୀତି କରି ରନ୍ ସ୍କୋରକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଦଳର ସମସ୍ତ ବ୍ୟାଟର ଏକ ଲୟରେ ଖେଳିଥିଲେ। ସମସ୍ତ ବ୍ୟାଟର ନିଜର ଉତ୍ତମ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ଠାରୁ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ରନ୍‌ର ଗତି ଏକ ଲକ୍ଷ୍ୟ ନେଇ ଆଗକୁ ବଢ଼ିଥିଲା। ହାଇଦ୍ରାବାଦର ବ୍ୟାଟିଂ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୫ ରନ୍‌ର ଭାଗିଦାରୀ କରିପାରିଥିଲେ। ଏଥିରୁ ଟ୍ରାଭିସ ହେଡ୍ ବ୍ୟକ୍ତିଗତ ଭାବେ ୨୬ ରନ୍ ଯୋଗଦାନ ଦେଇଥିଲେ। ସେ ୧୬ଟି ବଲ୍ ସାମ୍ନା କରିଥିଲେ ଏବଂ ୫ଟି ଚୌକା ମାରିଥିଲେ। ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା, ଯିଏକି ୫୬ ରନ୍ ସଂଗ୍ରହ କରିଥିଲେ। ସେ ୨୨ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଏହା ପୂର୍ବରୁ ସେ ହେନରି କ୍ଲାସେଁଙ୍କ ସହିତ ୪୭ ରନ୍‌ର ଭାଗିଦାରୀ କରିଥିଲେ। ତେବେ ହାଇଦ୍ରାବାଦର ଖେଳାଳି କ୍ଲାସେଁ ଏବଂ ଈଶାନ କିଶନ ତୃତୀୟ ୱିକେଟ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ଉଭୟ ଖେଳାଳି ନିଜ ଦଳ ପାଇଁ ୧୧୩ ରନ୍ ଯୋଡ଼ିଥିଲେ। ଏଥିରେ କ୍ଲାସେଁଙ୍କ ଯୋଗଦାନ ୫୧ ରନ୍ ଥିଲା। ସେ ୨୪ଟି ବଲ୍ ସାମ୍ନା କରିଥିଲେ ଏବଂ ୨ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ହାଇଦ୍ରାବାଦ ପାଇଁ ଈଶାନ କିଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୬ଟି ବଲ୍ ସାମ୍ନା କରିଥିଲେ ଏବଂ ୮ଟି ଚୌକା ଓ ୩ଟି ଛକା ବଳରେ ୭୯ ରନ୍ କରିଥିଲେ। ଯୁବ ବ୍ୟାଟର ନୀତିଶ କୁମାର ରେଡ୍ଡୀ ଅପରାଜିତ ୨୯ ରନ୍ କରିଥିଲେ। ଏଥିରେ ସେ ଗୋଟିଏ ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ରସିକ ସାଲମ ଡାର ୨ଟି ୱିକେଟ ଅକ୍ତିଆର କରିଥିଲେ। ସୂୟାଂଶ ଶର୍ମା ଏବଂ କୃଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଚେନ୍ନାଇକୁ ୮୯ ରନ୍‌ରେ ପରାସ୍ତ କଲା ଗୁଜରାଟ



ଅହମଦାବାଦ, ୨୨/୫- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସର ଖେଳାଳିମାନେ ବଡ଼ ଉଦ୍ୟମ କରିଛନ୍ତି। ଶୁଭମନ ଗିଲଙ୍କ ଟିମ୍ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଚେନ୍ନାଇକୁ ଗୁଜରାଟ ୮୯ ରନ୍‌ରେ ପରାସ୍ତ କରିଛି। ଗୁଜରାଟ ପାଇଁ ମହମ୍ମଦ ସିରାଜ, ରସିଦ ଖାନ ଏବଂ କାଗିସୋ ରାବଡ଼ା ୩-୩-୩ ୱିକେଟ୍ ନେଇଛନ୍ତି। ଏହି ପରାଜୟ ସହିତ ଚେନ୍ନାଇର ପ୍ଲେଅଫ୍ ଖେଳିବାର ସ୍ୱପ୍ନ ଧୂଳିସାତ୍ ହୋଇଛି। ୨୩୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ବ୍ୟାଟିଂ କରିଥିଲା। ଋତୁରାଜ ଗାଏକ୍ୱାର୍ଡଙ୍କ ନେତୃତ୍ୱରେ ଚେନ୍ନାଇ ୧୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳର ସ୍କୋର ୫୧ ରନ୍ ବେଳକୁ ୫.୧ ଓଭରରେ ୪ଜଣ ଖେଳାଳି ଆଉଟ୍ ହୋଇସାରିଥିଲେ। ଏଥିରେ ସଞ୍ଜୁ ସାମସନ (ଶୂନ୍ୟ ରନ୍), ଋତୁରାଜ ଗାଏକ୍ୱାର୍ଡ (୧୬ ରନ୍), ଉର୍ଭିଲ ପଟେଲ (ଶୂନ୍ୟ ରନ୍) ଏବଂ ମ୍ୟାଥୁ ସର୍ଟ (୨୪ ରନ୍) ସାମିଲ ଅଛନ୍ତି। ସେହିପରି କାର୍ତ୍ତିକ ଶର୍ମା ମଧ୍ୟ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନଥିଲେ। ସେ ୧୫ଟି ବଲ୍ ଖେଳି ୧୯ ରନ୍ ସଂଗ୍ରହ କରିଥିଲେ। ଏକଦା ଚେନ୍ନାଇ ପାଇଁ ଆଶା ସଞ୍ଚାର ଦେଖାଇଥିବା ଶିଭମ ଦୁବେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଶିଭମ ଦୁବେ ଆଉଟ୍ ହେଲା ପରେ ଚେନ୍ନାଇର ମ୍ୟାଚ୍ ବିଜୟ ଆଶା ମଉଳି ଯାଇଥିଲା। ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଆଗଧାଡ଼ିର ୩ଜଣ ବ୍ୟାଟର (ସାଇ ସୁଦର୍ଶନ, ଶୁଭବନ ଗିଲ ଏବଂ ଜୋସ୍ ବଟଲର) ବିସ୍ଫୋରକ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ ହରାଇ ୨୩୦ ରନ୍ ସଂଗ୍ରହ କରିଥିଲା। ଆଇପିଏଲ୍‌ର ଊନବିଂଶ ସଂସ୍କରଣର ୬୬ତମ ମ୍ୟାଚ୍‌ରେ ଚେନ୍ନାଇ ସୁପରି କିଙ୍ଗ୍‌ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳକୁ ଚେନ୍ନାଇ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଗୁଜରାଟ ପାଇଁ ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁଭମନ ଗିଲ୍ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ୧୨.୨ ଓଭରରେ ୧୨୫ ରନ୍ ସଂଗ୍ରହ କରିଥିଲେ। ଏହି ସ୍କୋରରେ ଗିଲ୍‌ଙ୍କ ଯୋଗଦାନ ୬୪ ରନ୍ ଥିଲା। ସ୍ପେନସର ଜନସନଙ୍କ ବଲ୍ ଶିଭମ ଦୁବେଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ସେ ୩୬ଟି ବଲ୍ ଖେଳି ୭ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଚେନ୍ନାଇର ଦ୍ୱିତୀୟ ଶିକାର ହୋଇଥିଲେ ସାଇ ସୁଦର୍ଶନ। ସେ ଅଂଶୁଲ କମ୍ବୋଜଙ୍କ ବଲ୍ ମ୍ୟାଥ୍ୟୁ ସର୍ଟଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ୮୪ ରନ୍ ସଂଗ୍ରହ କରିଥିଲେ। ସେ ୫୩ଟି ବଲ୍ ଖେଳି ୭ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ରାହୁଲ ତେୱାତିଆ ଗୋଟିଏ ବଲ୍‌ର ସାମ୍ନା କରିଥିଲେ ଏବଂ ରନ୍ ଆଉଟ୍ ହୋଇ ପାଭିଲିଅନକୁ ଫେରିଥିଲେ। ୱାସିଂଟନ ସୁନ୍ଦର ୩ଟି ବଲ୍ ଖେଳି ଗୋଟିଏ ଛକା ସହାୟତାରେ ୭ ରନ୍ କରିଥିଲେ। ଜୋସ ବଟଲର ୨୭ଟି ବଲ୍ ଖେଳି ୫ଟି ଚୌକା ଏବଂ ୪ଟି ଛକା ବଳରେ ୫୭ ରନ୍ ଯୋଗଦାନ କରିଥିଲେ।

# ପ୍ଲେଅଫକୁ ଫେରିବେ ସଲ୍ଟ



ନୂଆଦିଲ୍ଲୀ, ୨୨/୫- ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖୁସି ଖବର । ଦଳର ଇଂଲଣ୍ଡ ଓପନର ଫିଲ୍ ସଲ୍ଟ ଚଳିତ ଆଇପିଏଲର ପ୍ଲେଅଫ ମ୍ୟାଚ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ସଲଟ୍ ଆଙ୍ଗୁଠିରେ ଆଘାତ ଯୋଗୁ ଆଇପିଏଲ ଛାଡ଼ି ସ୍ୱଦେଶ ଫେରି ଯାଇଥିଲେ। ବେଙ୍ଗାଲୁରୁ ପ୍ଲେଅଫରେ ପହଞ୍ଚିବା ପରେ ଏବେ ସଲ୍ଟ ଦଳ ସହିତ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ଆଇପିଏଲରେ ସଲଟ୍ ୬ଟି ମ୍ୟାଚ ଖେଳି ଖଳି ୨୦୨ରନ କରିଛନ୍ତି। ସେ ବିରାଟ କୋହଲିଙ୍କ ସହଙ୍କ ସହ ଓପନିଂ କରିବା ସହିତ ପ୍ଲେଅଫରେ ଦ୍ରୁତ ଗତିରେ ରନ କରିବାରେ ସଫଳ ହୋଇଛନ୍ତି। ସଲଟ୍ ଙ୍କ ଅନୁପସ୍ଥିତିରେ ଅନ୍ୟତମ ଇଂଲଣ୍ଡ ଖେଳାଳି ଜ୍ୟାକବ ବିଥେଲ ବିରାଟ କୋହଲିଙ୍କ ସହ ଏହ ଓପନିଂ କରୁଛନ୍ତି। ବିଥେଲ ଓପନିଂରେ ଏପର୍ଯ୍ୟନ୍ତ ବିଫଳ ହେଉଛନ୍ତି । ସେ ୭ଟି ମ୍ୟାଚ ଖେଳି ମାତ୍ର ୯୬ରନ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ଲେଅଫରେ ପହଞ୍ଚି ସାରିଥିବାରୁ ସଲଟ୍‌ଙ୍କ ଆଗମନ ନିଷ୍ପତ୍ତି ଦଳ ଦଳ ପାଇଁ ନିଶ୍ଚିତ ସହାୟକ ହେବ। ସଲଟ୍ ଯୋଗ ଦେବା ପରେ କୋହଲିଙ୍କ ସହ ପୁନର୍ବାର ଓପନିଂ କରିବେ। ବେଙ୍ଗାଲୁରୁ ବର୍ତ୍ତମାନ ସୁଦ୍ଧା ୧୩ଟି ମ୍ୟାଚ ଖେଳି ୯ଟି ବିଜୟ ଓ ୪ଟି ପରାଜୟ ସହ ୧୯ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି । ଦଳ ଶେଷ ଲିଗ୍ ମ୍ୟାଚ ୨୨ରେ ସନରାଇଜର୍ସ ହାଇଦରାବାଦ୍ ସହ ଖେଳିବ। ଉକ୍ତ ମ୍ୟାଚକୁ ଜିତି କ୍ୱାଲିଫାୟର-୧ ଲାଗି ଯୋଗ୍ୟତା ନେଇ ଉଦ୍ୟମ କରିବ।

# ସ୍ପୋର୍ଟସ କ୍ଲାଇମ୍ବିଂ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର, ୨୨/୫- ଓଡ଼ିଶା ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ ସ୍ପୋର୍ଟସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ '''ସ୍ପୋର୍ଟସ କ୍ଲାଇମ୍ବିଂ ସମର୍ କ୍ୟାମ୍ପ୍ ୨୦୨୬' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଡଃ ୟେଦୁଲା ବିଜୟ, ଏଚ୍‌ପିସିଓ ସିଇଓ ତଥା ଅତିରିକ୍ତ କ୍ରୀଡ଼ା ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ କ୍ରୀଡ଼ା ସଚିବ ଅଶୋକ ପଣ୍ଡା, ଉପ-କ୍ରୀଡ଼ା ସଚିବ ଅମିତ କୁମାର ନାୟକ, ଓଏସ୍‌ଡି ଧୀରଜ ପଟ୍ଟନାୟକ, ଶାଶ୍ୱତ କୁମାର ରାଉତ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ ସମାରୋହରେ ସାମିଲ ହୋଇଥିଲେ। ଗତ ମେ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିରରେ ବିଭିନ୍ନ ବୟସ ବର୍ଗର ଶିଶୁ ଓ କିଶୋର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଥମ ଜାତୀୟ ସ୍ପୋର୍ଟସ କ୍ଲାଇମ୍ବର୍ ତଥା ୧୨ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରଖିଥିବା ୨୦୧୮ ଏସୀୟ କ୍ରୀଡ଼ା ଶିବିରାର୍ଥୀ ମନୋଜ କୁମାର ଡାକୁଆ ଏବଂ ନାଇଜର ଭୁବନେଶ୍ୱରର ଗଣିତ ବିଭାଗ ସହକାରୀ ପ୍ରଫେସର ତଥା ଅଭିଜ୍ଞ ପର୍ବତାରୋହୀ ଚିତ୍ରଭାନୁ ଚୌଧୁରୀ ଉପସ୍ଥିତ ରହି ପିଲାମାନଙ୍କୁ ଆଡଭେଞ୍ଚର୍ ଗେମ୍ସ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଦୁଇ ସପ୍ତାହ ମଧ୍ୟରେ ଅଭିଜ୍ଞ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କୁ କ୍ଲାଇମ୍ବିଂ କୌଶଳ, ସୁରକ୍ଷା, ଫିଟ୍‌ନେସ୍, ସହନଶୀଳତା ଏବଂ ମାନସିକ ଦୃଢ଼ତା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

# ବ୍ରାଜିଲ୍ ତାରକା ନେମାର୍ ଆହତ



**ଫିଫା ବିଶ୍ୱକପ୍**

ରିଓ ଡି' ଜେନିରୋ, ୨୨/୫- ଆଗକୁ ଫୁଟ୍‌ବଲ୍ ବିଶ୍ୱକପ୍ ଥିବାବେଳେ ବ୍ରାଜିଲ୍ ତାରକା ନେମାର୍ ଆହତ ହୋଇଛନ୍ତି। ବ୍ରାଜିଲର ଏକ ସ୍ଥାନୀୟ କ୍ଲବ ସାଣ୍ଟୋସ୍ ପକ୍ଷରୁ ଖେଳୁଥିବା ବେଳେ ସେ ଡାହାଣ ଗୋଡ଼ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିଥିଲେ। ବ୍ରାଜିଲ୍ ଦଳ ଆସନ୍ତା ସପ୍ତାହରୁ ନିଜର ସ୍ୱତନ୍ତ୍ର ବିଶ୍ୱକପ୍ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାକୁ ଯାଉଥିବାବେଳେ ନେମାର୍ ଆହତ ହେବା ଦଳ ପାଇଁ ଚିନ୍ତାର କାରଣ ସାଜିଛି। ପାଞ୍ଚଥର ବିଜେତା ବ୍ରାଜିଲ୍ ଜୁନ ୧୪ରେ ନିଜର ପ୍ରଥମ ମ୍ୟାଚ୍ ମରୋକ୍କୋ ବିପକ୍ଷରେ ଖେଳିବ। ତା ପୂର୍ବରୁ ଜୁନ୍ ୧ରେ ପାନାମା ବିପକ୍ଷରେ ଓ ଜୁନ୍ ୬ରେ ଇଜିପ୍ଟ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ଖେଳିବ। ମରକ୍କୋ ବିପକ୍ଷ ମ୍ୟାଚ୍ ପରେ ଜୁନ୍ ୨୦ରେ ହାଇତି ଓ ଜୁନ ୨୫ରେ ସ୍କଟ୍‌ଲାଣ୍ଡ ବିପକ୍ଷରେ ଗ୍ରୁପ୍ ମ୍ୟାଚ୍ ଖେଳିବ ବ୍ରାଜିଲ୍। ନିକଟରେ ଘୋଷିତ ବ୍ରାଜିଲ୍ ଦଳରେ ନେମାର୍‌ଙ୍କୁ ସାମିଲ କରାଯାଇଥିଲା। ପ୍ରାୟ ତିନି ବର୍ଷ ପରେ ସେ ବ୍ରାଜିଲ ଜାତୀୟ ଦଳକୁ ଫେରିଛନ୍ତି। ଜାତୀୟ ଦଳକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଖବର ମିଳିବା ପରେ ସେ ଭାବପ୍ରବଣ ହୋଇଯାଇଥିଲେ। କିନ୍ତୁ ପୁଣି ଆହତ ହେବା ତାଙ୍କ ଉତ୍ସାହରେ ଭଟ୍ଟା ପକାଇଛି।

# ଲୋକଙ୍କ ପାଖରେ ପହଞ୍ଚିବ ସ୍ୱାସ୍ଥ୍ୟସେବା: ସରକାରଙ୍କ ପ୍ରୟାସ



ପାରଳାଖେମୁଣ୍ଡି, ୨୨/୫(ତାରିଣୀ ପ୍ରସାଦ ପଣ୍ଡା ): ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଅଶ୍ୱତୀ ଏସ୍. ଗଜପତି ଗସ୍ତରେ ଆସି ଜିଲ୍ଲାର ସ୍ୱାସ୍ଥ୍ୟସେବା କିଭଳି ଚାଲୁ ରହିଛି ସେନେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଡାକ୍ତରଖାନାକୁ ପରିଦର୍ଶନ କରି ସମସ୍ତ ଅନୁଧ୍ୟାନ କରିଛନ୍ତି। ଗଜପତି ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ଜନସାଧାରଣଙ୍କ ନିକଟତର କରିବା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି ବୋଲି ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ ପ୍ରକାଶ କରି ଜିଲାର ସ୍ୱାସ୍ଥ୍ୟ ବିଭାଗରେ ରହିଥିବା ସମସ୍ତ ସମସ୍ୟା ଗୁଡିକୁ ଏକ ମାସ ମଧ୍ୟରେ ସମାଧାନ କରାଯିବ ବୋଲି କହିଛନ୍ତି। ଏଥିସହ ସ୍ୱାସ୍ଥ୍ୟ ସଚିବ କହିଛନ୍ତି, ଦୁଇ ଦିନ ହେଲା ସ୍ୱାସ୍ଥ୍ୟ ବିଭାଗର ୭ ଜଣିଆ ଟିମ୍ ପାରଳାଖେମୁଣ୍ଡି ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର କେତେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ସମସ୍ତ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯେପରିକି କର୍ମଚାରୀଙ୍କ ଦକ୍ଷତା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସୁବିଧା, ଅସୁବିଧା ଆଦିର ନିରୀକ୍ଷଣ କରିଛନ୍ତି। ଏନେଇ ସବିଶେଷ ତଥ୍ୟ ପ୍ରସ୍ତୁତ କରାଯାଇଛି । ଜିଲ୍ଲା ପ୍ରଶାସନର ଉପସ୍ଥିତିରେ ବୈଠକ ହୋଇଛି । ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମସ୍ୟା ଗୁଡିକର ସମାଧାନ ଲାଗି ଦାୟିତ୍ୱ ସ୍ଥିର କରାଯାଇଛି । ସମସ୍ୟା ଗୁଡିକର ସମାଧାନ ପାଇଁ ଯିଏ ଯେଉଁ ଦାୟିତ୍ୱ ଭାର ନେଇଛନ୍ତି ସେମାନେ ଏକମାସ ମଧ୍ୟରେ ସମାପନ କରିବେ ବୋଲି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇ ଥିବାର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦ ଖାଲି ପଡିଥିବାକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାର ଉତ୍ତରରେ ସଚିବ କହିଛନ୍ତି ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଛି । ତଦଅନୁଯାୟୀ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମଚାରୀ ପଦ ପୁରଣ କରାଯିବ ।

# କାଳବୈଶାଖୀ ତାଣ୍ଡବରେ ଗଛ ଡାଳ ପଡି ଜାତାୟତ ବାଧାପ୍ରାପ୍ତ



ଲକ୍ଷ୍ମୀପୁର ୨୨/୦୫ (ଅକ୍ଷର ଓଡ଼ିଶା)- ଲକ୍ଷ୍ମୀପୁର ବ୍ଲକ୍ ସାଦରରେ କାଳ ବୈଶାଖୀର କରାଳରୂପ ଦେଖିବାକୁ ମିଳିଛି, ଅପରାହ୍ନ ପାଞ୍ଚଟା ବେଳେ କାଇଁ କ୍ୟାଡୁ ଘଟିଆସିଥିଲା କଳା ହାଣ୍ଡିଆ ମେଘ, ବର୍ଷା ସାଙ୍ଗକୁ ପବନ ସହ ଘଡ ଘଡି ଶବ୍ଦରେ ସାରା ଅଞ୍ଚଳ କମ୍ପି ଉଠିଥିଲା। ଏପରିକ ବର୍ଷା କୁ ଦେଖି ଯିଏ ଯୁଆଡେ ପ୍ରାଣ ବିକଳରେ ଦୌଡିଥିଲେ। ଏହା ମଧ୍ୟରେ ବଜାର ମଝିରେ ଏକ ଜାମୁକୋଳି ଗଛର ଡାଳ ଭାଙ୍ଗି ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଫଳରେ ବର୍ଷା ଛାଡିବା ପରେ ସ୍ଥାନୀୟ ଲୋକେ ଡାଳ କାଟି ସଫା କରିବା ପରେ ଯାତାୟାତ ସ୍ୱଭାବିକ ହୋଇଥିଲା ।ଏଥିରେ ପର୍ଡିଗୁଡା ଗ୍ରାମର ବାସ୍ତ ହିକକା, ସେସୁ ମାଣ୍ଡିଙ୍ଗା ଶର୍ମ ମାଣ୍ଡିଙ୍ଗା ଙ୍କ ଘର ୱାରି ଆଜବେଷ୍ଟ ଉଡି ଯାଇଥିବା ସୂଚନା ମିଳିଛି ।ଅନ୍ଧାର ହୋଇଯିବାରୁ ଅନ୍ୟ କୌଣସି କ୍ଷତି ବିଷୟରେ ଜଣା ପଡି ନଥିବା ବେଳେ ଆସନ୍ତା କାଲି ଜଣା ପଡିବ ବୋଲି ରାଜସ୍ୱ ବିଭାଗ ତରଫରୁ ସୂଚନା ମିଳିଛି।

**ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ୨୦୨୬ ପାଇଁ ଜିଲ୍ଲାସ୍ତରୀୟ ପୂର୍ବ ପ୍ରସ୍ତୁତି ବୈଠକ**

# ବନ୍ୟା ମୁକାବିଲା ପାଇଁ ସତର୍କ ଓ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ




ରାୟଗଡ, ୨୨.୦୫.: (କୈଳାସ ସାଇଁ )ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା୨୦୨୬ ସମୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଆଜି ରାୟଗଡ ନୂତନ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ଅଶୁତୋଷ କୁଳକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ବନ୍ୟା ପୂର୍ବ ପ୍ରସ୍ତୁତି, ସତର୍କତାମୂଳକ ପଦକ୍ଷେପ ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜିଲ୍ଲାରେ ଜରୁରୀକାଳୀନ ସ୍ଥିତିର ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଏବଂ ନିୟନ୍ତ୍ରଣ କକ୍ଷକୁ ସମ୍ପୂର୍ଣ୍ଣ ସକ୍ରିୟ କରାଯାଇଛି, ଯାହାର ଫୋନ ନମ୍ବର ୦୬୮୫୬୨୨୪୦୮୨ ଏବଂ ଟୋଲ୍ ଫ୍ରି ନମ୍ବର ୧୦୭୭ ଜାରି କରାଯାଇଛି, ଯାହା ଦ୍ୱାରା ସାଧାରଣ ଜନତା ଯେକୌଣସି ଜରୁରୀ ସମୟରେ ଯୋଗାଯୋଗ କରିପାରିବେ ।ଏହା ସହ ଅଗ୍ନିକାଣ୍ଡ ସମ୍ବନ୍ଧୀୟ ସମସ୍ୟା ପାଇଁ ଟୋଲ୍ ଫ୍ରି ନମ୍ବର ୧୧୨ କୁ ଯୋଗାଯୋଗ କରିପାରିବେ। ବୈଠକରେ ଜିଲ୍ଲାପାଳ କୁଳକର୍ଣ୍ଣୀ, ବିଧାୟକ ରାୟଗଡ କାଡ୍ରକା ଅପ୍ପଳା ସ୍ୱାମୀ, ବିଧାୟକ ଗୁଣପୁର ସତ୍ୟଜିତ ଗୋମାଙ୍ଗ, ବିଧାୟକ ବିଷମକଟକ ନୀଳମାଧବ ହିକକା ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ବନ୍ୟା ପ୍ରବଣ ଅଞ୍ଚଳଗୁଡ଼ିକରେ ପୂର୍ବରୁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବର୍ଷା ମାପକ କେନ୍ଦ୍ରଗୁଡ଼ିକର ଯାଞ୍ଚ, ନିୟନ୍ତ୍ରଣ କକ୍ଷ ସକ୍ରିୟକରଣ ଓ ଆବଶ୍ୟକ ଯୋଗାଯୋଗ ଉପକରଣ ସୁଚାରୁ ରଖିବାକୁ ସମ୍ପୃକ୍ତ ବିଭାଗକୁ କୁହାଯାଇଥିଲା । ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ଓଡ୍ରାଫ୍, ରାୟଗଡ, ଭାମିନୀ ସ୍ଥିତ ଦ୍ୱିତୀୟ ଆଇଆରବିଏନ (2nd IRBN) ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୧୧ଟି ଅଗ୍ନିଶମ କେନ୍ଦ୍ରର ସେବାକୁ ସଜାଗ ରଖାଯାଇଛି ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉର୍ନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଗୁଣପୁର ଅଭିଷେଖ ଦୁଦାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋସନାର ବର୍ଲା, ଅଗ୍ନିଶମ, ସ୍ୱାସ୍ଥ୍ୟ, ଜଳ ସମ୍ପଦ, ପଞ୍ଚାୟତିରାଜ, ବିଦ୍ୟୁତ୍, ପରିବହନ, ଖାଦ୍ୟ ଯୋଗାଣ, କୃଷି, ପଶୁ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ, ଗୋଷ୍ଠୀ ଉର୍ନ୍ନୟନ, ତହସିଲଦାର ସହ ଜିଲ୍ଲାର ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆଦର୍ଶ ଗୁରୁକୁଳର ଐତିହାସିକ ସଫଳତା

# ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ



କେନ୍ଦ୍ରାପଡ଼ା, ୨୨/୫ ( ଅଲେଖ ନାୟକ)- ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ମଧ୍ୟରେ ଅବସ୍ଥିତ ଆବାସିକ ଟ୍ୟୁଟୋରିଆଲ୍ ''ଆଦର୍ଶ ଗୁରୁକୁଳ'' ଚଳିତ ବର୍ଷର ଵ୨ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଅନୁଷ୍ଠାନରୁ ପରୀକ୍ଷା ଦେଇଥିବା ସମୁଦାୟ ୨୫ ଜଣ ଛାତ୍ରଛାତ୍ରୀ ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ହୋଇ ଅଭିଭାବକ ଓ ଅଞ୍ଚଳ ବାସୀଙ୍କ ଗୌରବ ବଢ଼ାଇଛନ୍ତି। ଏଥିରେ ୪ ଜଣ ଛାତ୍ରଛାତ୍ରୀ ୫୦୦ ରୁ ଅଧିକ ମାର୍କ ରଖି ସଂସ୍ଥାର ସୁନାମ ଅକ୍ଷୁର୍ଣ୍ଣ ରଖିଛନ୍ତି। ସ୍ମୃତିଦୀପା ମହାନ୍ତି ୫୬୧ ମାର୍କ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାବେଳେ ମଞ୍ଜୁପ୍ରଭା ସାହୁ ୫୨୩, ଅନନ୍ୟା ପ୍ରିୟଦର୍ଶିନୀ ଦାଶ ୫୧୨, ଝାନସି ରାଣି ଦେହୁରା ୫୦୯ ଓ ଉଜ୍ଜ୍ୱଳ ପଣ୍ଡା ୪୮୮ ମାର୍କ ପାଇ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଆଦର୍ଶ ଗୁରୁକୁଳର ଶୃଙ୍ଖଳିତ ପାଠପଢ଼ା ପରିବେଶ, ଅନୁଭବୀ ଅଧ୍ୟାପକମାନଙ୍କ ନିୟମିତ ମାର୍ଗଦର୍ଶନ, ନିରନ୍ତର ପରୀକ୍ଷା ପ୍ରଣାଳୀ ଓ ଆବାସିକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ସଫଳତାର ମୂଳ କାରଣ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ନିରଞ୍ଜନ ବେହେରା ମତ ପ୍ରକାଶ କରିଛନ୍ତି।। ସଂସ୍ଥାରେ ଅଧ୍ୟୟନ ପାଇଁ ଉପଯୁକ୍ତ ଓ ସୁସ୍ଥ ଶିକ୍ଷାମୂଳକ ପରିବେଶ ରହିଥିବାରୁ ଛାତ୍ରଛାତ୍ରୀମାନେ ନିଜ ଲକ୍ଷ୍ୟ ପ୍ରତି ଅଧିକ ଏକାଗ୍ର ହୋଇପାରୁଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ପ୍ରାଣି ବିଜ୍ଞାନର ପ୍ରାଧ୍ୟାପକ ଡ଼ଃ ନିତ୍ୟାନନ୍ଦ ଦାଶ, ପଦାର୍ଥ ବିଜ୍ଞାନର ଅଧ୍ୟାପକ ବାପୁଜୀ ମହାପାତ୍ର, ଗଣିତ ବିଭାଗ ଅଧ୍ୟାପକ ଭୂଲୋକ ସିଂହ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରି ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନର ବରିଷ୍ଠ ପରିଚାଳକ ବାଇଧର ସାର ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera

ଶନିବାର ୨୩।୦୫।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା


# ପଶ୍ଚିମ ଓଡ଼ିଶାରେ ବିକାଶ ଓ ସେବାର ସମୀକ୍ଷା

## ଦୁଇ ଦିନିଆ ଗସ୍ତରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



















